ISSN No. : 2583-147X(P)


ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଜୁନ୍ ୨୦୨୨

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ***
***ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 8, June 2022, Issue No. III
ISSN NO. 2583-147X(P)
**RNI No. : ODIODI/2015/64435**
P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
ଶ୍ରୀଯୁକ୍ତ ପାବକ କାନୁନ୍‌ଗୋ
ଶ୍ରୀମତୀ ମନ୍ଦାକିନୀ ଦାସ
**କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସ୍ୱାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

**୧୯୬୦ ପରବର୍ତ୍ତୀ ଗଳ୍ପ ଧାରାରେ ଦେବଦାସ ଓ ରମାକୁ ମାରିବାର ପାଞ୍ଚଟି ଉପାୟ**
**- ହୃଷିକେଶ ମହାରଣା** ୦୭

**ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ ରାଜନୈତିକ ଚେତନା: ଏକ ଦୃଷ୍ଟିପାତ**
**- ସୁମନ୍ତ କୁମାର ଭୋଇ** ୧୫

**ସୃଜନ ଧର୍ମିତାର ଅନ୍ତରଙ୍ଗ ପରିପ୍ରକାଶ : ଜୀବନ, ସମ୍ପର୍କ, ସାହିତ୍ୟ**
**- ପବିତ୍ର ଦାସ** ୨୦

**କବି ଶରତ ଚନ୍ଦ୍ର ପ୍ରଧାନଙ୍କ ବୃକୋଦର : ବିଭବ ଓ ଅନୁଭବ**
**- ସୁବାଷ ଚନ୍ଦ୍ର ଭୋଇ** ୨୯

**ଜଗତୀକରଣ ଓ ଏକବିଂଶ ଶତାବ୍ଦୀର ଗ୍ରାମ୍ୟ କୈନ୍ଦ୍ରୀକ ଓଡ଼ିଆ ଗଳ୍ପ**
**- ଡ. ଦୟାନିଧି ପରିଡ଼ା** ୩୪

**ଓଡ଼ିଆ ଭାଷା-ସାହିତ୍ୟ ପ୍ରସାରଣ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଭୂମିକା**
**- ସଂଘମିତ୍ରା ବେହେରା** ୩୯

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ୍ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................... ତାରିଖ....................................

ବ୍ୟାଙ୍କ୍.......................................... ସ୍ଥାନ..................................................

ତାରିଖ........................................ ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), **Vol.- 8, Issue No. III, JUNE 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ୧୯୬୦ ପରବର୍ତ୍ତୀ ଗଳ୍ପ ଧାରାରେ ଦେବଦାସ ଛୋଟରାୟ ଓ ରମାକୁ ମାରିବାର ପାଞ୍ଚଟି ଉପାୟ

**- ହୃଷୀକେଶ ମହାରଣା**

ସ୍ୱାଧୀନ ଭାରତରେ ବ୍ୟକ୍ତି ଚେତନାର ବିକାଶ ସହ ପାଶ୍ଚାତ୍ୟ ଚିନ୍ତା-ଚେତନାର ସମନ୍ୱୟରେ ଏକ ସ୍ୱତନ୍ତ୍ର ଧାରାର ସାହିତ୍ୟ ସୃଷ୍ଟି ହେଲା । ଯେଉଁଠି ପାଶ୍ଚାତ୍ୟ ଲେଖକଙ୍କ ସ୍ଥିତିବାଦୀ ଚିନ୍ତା-ଚେତନାଦ୍ୱାରା ପ୍ରଭାବିତ ହେଲେ ଓଡ଼ିଆ ଗାଳ୍ପିକଗଣ । ପାଶ୍ଚାତ୍ୟ ଲେଖକମାନଙ୍କ ପ୍ରଭାବ ଲକ୍ଷ୍ୟ କରାଗଲା ଓଡ଼ିଆ ଲେଖକମାନଙ୍କ ମଧ୍ୟରେ । ଆଧୁନିକ ଓଡ଼ିଆ ଗଳ୍ପରେ ବିଭିନ୍ନ ବାଦ, ବିଶ୍ଳେଷଣ, ପରୀକ୍ଷାନିରୀକ୍ଷା, ବିଚାର-ଆଲୋଚନାର ଭିଡ଼ ଆଉ ତା'ରି ଭିତରେ ଗାଳ୍ପିକଙ୍କର ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ଯୋଗୁଁ ଗଳ୍ପ ଜୀବନଧର୍ମୀ ହେବା ସହ ଅଧିକ ଜଟିଳ ମଧ୍ୟ ମନେହୋଇଛି । ଆଧୁନିକ ଜୀବନ ବିଭିନ୍ନ ସମସ୍ୟା, ଦ୍ୱନ୍ଦ୍ୱ ଓ ଚେତନାରେ ଭାରାକ୍ରାନ୍ତ । ଇଲେକ୍ଟ୍ରୋନିକ ମିଡିଆ, ପରମାଣୁ ବୋମାର ପରୀକ୍ଷାନିରୀକ୍ଷା, ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା, ଆର୍ଥନୀତିକ ଅବସ୍ଥାର ଉନ୍ନତି-ଅବନତି, ଦାରିଦ୍ର୍ୟ, ବେକାରୀ, ବିଜ୍ଞାନର ବିଭିନ୍ନ ଉଦ୍ଭାବନ, ସନ୍ତ୍ରାସବାଦ, ଆତ୍ମଘାତୀ ମନୋବୃତ୍ତି, ରାତାରାତି ବଡ଼ଲୋକ ହେବାର ଲୋଭ, ଗୁଣ୍ଡାମି, ଆତଙ୍କରାଜ, ନୈତିକ, ଧାର୍ମିକ ଜୀବନର ଅଧପତନ, ଲାଞ୍ଚ ମିଛ, ଭ୍ରଷ୍ଟାଚାର, ଦୁର୍ନୀତି ବୃଦ୍ଧି ପ୍ରଭୃତି ଜୀବନକୁ ଯନ୍ତ୍ରଣାମୟ କରିଚାଲିଛି । ଏସବୁ ଅଳ୍ପବହୁତେ ଆମ ଗଳ୍ପରେ ପ୍ରତିଫଳିତ ହେବା ସ୍ୱାଭାବିକ । ଲେଖକ ନିଜେ ଜଣେ ସାମାଜିକ ପ୍ରାଣୀ ହୋଇଥିବାରୁ ତା'ର ପାରିପାର୍ଶ୍ୱିକ ସମାଜ ଓ ଜୀବନରେ ଘଟୁଥିବା ଘଟଣାକୁ ସେ ଅଧିକ ସମ୍ବେଦନଶୀଳ ଦୃଷ୍ଟିରେ ନୀରିକ୍ଷଣ କରି ପ୍ରକାଶ କରେ ।

ଲୋକସାହିତ୍ୟର ଭିତ୍ତିଭୂମିକୁ ଆଧୁନିକ ଗଳ୍ପର ପୃଷ୍ଠଭୂମି ବୋଲି ପ୍ରମାଣିତ କରିବାକୁ ଆମର ଶତ ଚେଷ୍ଟା ସତ୍ତ୍ୱେ ଉତ୍ତରଷାଠିଏ କାଳର ଗଳ୍ପ ପାଠ କରିବା ପରେ ପ୍ରାଚୀନ ଗଳ୍ପ ଓ ଆଧୁନିକ ଗଳ୍ପ ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ ଅନୁଭବ କରିହୁଏ । ପାଶ୍ଚାତ୍ୟ ଗଳ୍ପର ପ୍ରଭାବକ୍ରମେ ଓଡ଼ିଆ ଗଳ୍ପ ଜଗତରେ ନୂତନ ଧାରାର ଆଗମନ ଘଟିଲା । ୧୯୬୦ ପରେ ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପରେ ଅନେକ ପରୀକ୍ଷାନିରୀକ୍ଷା ଆରମ୍ଭ ହୋଇଛି । ଯୋଗାଯୋଗ ଓ ଗମନାଗମନର ବିଶେଷ ସୁବିଧା ହେତୁ ଦେଶବିଦେଶର ଘଟଣା ଓ ବହୁ ଭାଷାର ଗଳ୍ପ ଉପନ୍ୟାସ ଅଧ୍ୟୟନ ଜନିତ ମେଧା ଗଳ୍ପର ଉଭୟ ଆଙ୍ଗିକ ଓ ଆତ୍ମିକ ବିକାଶକୁ ତୀବ୍ର କରିଛି । ବ୍ୟକ୍ତିଜୀବନ ସହ ବିଶ୍ୱଜୀବନ ଯୋଡ଼ି ହେବାରେ ଲାଗିଛି । ଗଳ୍ପ ମଧ୍ୟରେ ବିଭିନ୍ନ ବାଦର ପ୍ରୟୋଗ ଘଟିଛି । ଗଳ୍ପକୁ ଅଧିକ ମନନଶୀଳ କରିବାପାଇଁ ସେଥିରେ କାବ୍ୟିକତା ପ୍ରୟୋଗ କରାଯାଇଛି ।

୧୯୬୦ ପୂର୍ବରୁ ଗଳ୍ପରେ ସାମାଜିକ ସମସ୍ୟା ଥିଲା ମୁଖ୍ୟ ପ୍ରସଙ୍ଗ । କିନ୍ତୁ ଷାଠିଏ ପରେ ଆସିଲା ବ୍ୟକ୍ତି ଜୀବନର ସମସ୍ୟା । ପ୍ରସଙ୍ଗ ବ୍ୟାପକ ହେଲେ କ୍ଷୁଦ୍ରକ୍ଷୁଦ୍ର ସମସ୍ୟାମାନ ତା' ଭିତରେ ମିଳେଇଯିବାର ସମ୍ଭାବନା ଅଛି କିନ୍ତୁ ସେହି କ୍ଷୁଦ୍ର ସମସ୍ୟାର ସମଷ୍ଟିରୁ ହିଁ ବୃହତ୍ ସମସ୍ୟାଟିଏ ଜନ୍ମନିଏ । ୧୯୬୦ ପରବର୍ତ୍ତୀ ଗାଳ୍ପିକଗଣ ସେହି କ୍ଷୁଦ୍ର ସମସ୍ୟାମାନଙ୍କର ମୂଳ ଅନୁସନ୍ଧାନ କରିବାରେ ଲାଗିପଡ଼ିଛନ୍ତି । ଉଚ୍ଚଶିକ୍ଷିତ ଉପାର୍ଜନକ୍ଷମ ବ୍ୟକ୍ତି ଉପରେ ଅନ୍ୟମାନେ ନିର୍ଭରଶୀଳ ହୋଇପଡୁଥିବାବେଳେ ସେହି ବ୍ୟକ୍ତିଟି ମନ୍ଦରେ ଲକ୍ଷେ ସମସ୍ୟା ଉଙ୍କିମାରୁଥାନ୍ତି । ସେଇ ସହରୀ ମଣିଷ ଭିତରେ ନିଃସଙ୍ଗତାବୋଧ, ମୃତ୍ୟୁ ଚେତନା, ସନ୍ଦେହ ଓ ଛଳନାର ଯେଉଁ ସତ୍ତାଟି ଦୃଷ୍ଟି ଆଢୁଆଳରେ ରହିଯାଉଛି, ଅଭିନୟର ସେଇ ଖୋଳପାଟିକୁ କାଢ଼ିଦେଇ ତା'ଭିତରୁ ଅସଲ ମଣିଷର ସ୍ୱଭାବକୁ ଗଳ୍ପ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଥିଲେ ୧୯୬୦ ପରବର୍ତ୍ତୀ କାଳର ଗାଳ୍ପିକମାନେ । ଓଡ଼ିଆ ଗଳ୍ପରେ ପରିଦୃଷ୍ଟ ପରୀକ୍ଷାନିରୀକ୍ଷା ଓ ଲୋକପ୍ରିୟତାପାଇଁ ପତ୍ରପତ୍ରିକାମାନଙ୍କର ଭୂମିକାକୁ ଏଡ଼ାଇ ଦିଆଯାଇନପାରେ । ଗଳ୍ପରେ କାହାଣୀର ପାରମ୍ପରିକ ପ୍ରଭାବକୁ ପରିବର୍ତ୍ତନ କରି ନୂତନ ଚେତନାକୁ ଗଳ୍ପରେ ରୂପାୟନ କରି ଷାଠିଏ ପରବର୍ତ୍ତୀ ଗାଳ୍ପିକଗଣ ନିଜସ୍ୱ ଧାରା ପ୍ରବର୍ତ୍ତନ କରିପାରିଥିଲେ ।

କଳେବର ଦୃଷ୍ଟିରୁ କ୍ଷୁଦ୍ରଗଳ୍ପର ଆକାର କ୍ଷୁଦ୍ର ହୋଇଥିବାରୁ ଏଥିରେ ଅନାବଶ୍ୟକ ଦୀର୍ଘ ବର୍ଣ୍ଣନାର ସ୍ୱାଧୀନତା ନଥାଏ । କ୍ଷୁଦ୍ରଗଳ୍ପର ପରିସୀମା ସଂପର୍କରେ ସାମସମୟିକ ଗାଳ୍ପିକ କିଶୋରୀ ଚରଣ ଦାସ ଲେଖିଛନ୍ତି - "ପ୍ରବହମାନ ଜୀବନର ଧାରାରେ କିଛିଦୂର ଆଗେଇଯାଇ ପାଠକକୁ ତା' ସାଙ୍ଗରେ ଭସେଇ ବୁଡେଇ ଦେଇପାରିଲେ ଉପନ୍ୟାସ ଅବା ବୃହତ୍ ଗଳ୍ପର ସାର୍ଥକତା ମିଳିଗଲା ପରି ମନେହେବ, କିନ୍ତୁ କ୍ଷୁଦ୍ରଗଳ୍ପର ନୁହେଁ । କ୍ଷୁଦ୍ରଗଳ୍ପର କ୍ଷୁଦ୍ରତା ହିଁ ଲେଖକକୁ ଆଦେଶ ଦିଏ ଯେ ଏଇ ଗଣ୍ଡୁଷ ଭିତରେ ପାଠକକୁ ରସେଇବାକୁ ହେବ, ଭସେଇବାକୁ ହେବ, ବୁଡେଇବାକୁ ହେବ ଏବଂ ଶେଷକୁ କିଛି

ଗୋଟିଏ ଜ୍ୟୋତିର ଝଲକ ଦେଖାଇବାକୁ ହେବ । ନହେଲେ ତୁମର ଚଳାଏ ପାଣି କେଉଁ କାମକୁ ପାଇବ ନାହିଁ ।'(୧) ଏଇ କଥାଟିକୁ ଆଖି ଆଗରେ ରଖି ୧୯୬୦ ପରବର୍ତ୍ତୀ ସମୟର ଗାଳ୍ପିକଗଣ କମ୍ ଶବ୍ଦ ପ୍ରୟୋଗରେ ସାରଗର୍ଭକ କାହାଣୀ ରଚନାରେ ଅଗ୍ରସର ହେଲେ । ଅଣୁ ଗଳ୍ପ, ଆଭାସ ଗଳ୍ପ, ପ୍ରତୀକଧର୍ମୀ ଗଳ୍ପ ପ୍ରଭୃତି ଗଳ୍ପମାନ ସୃଷ୍ଟିହୋଇ ଓଡ଼ିଆ ସାହିତ୍ୟକୁ ଏକ ନୂତନ ପରିଚୟ ପ୍ରଦାନ କଲା । ଗଳ୍ପର କଳେବର ଯେତେ କ୍ଷୁଦ୍ର ହେଉ ନା କାହିଁକି ସେଥିରେ ମିଥ୍ ଓ ପ୍ରତୀକର ପ୍ରୟୋଗ ମାଧ୍ୟମରେ ଅଧିକ ଆକର୍ଷଣୀୟ କରି ପାଠକ ନିକଟରେ ପହଞ୍ଚାଇବାପାଇଁ ଗଳ୍ପସ୍ରଷ୍ଟା ଚେଷ୍ଟା କଲେ । ପାଠକମାନେ ମଧ୍ୟ ଏ ଧରଣର ନୂତନ ପ୍ରୟାସକୁ ବେଶ୍ ଶ୍ରଦ୍ଧାର ସହ ସ୍ୱାଗତ କରିଥିବା ଅନୁଭୂତ ହୁଏ । ସମୟଖଣ୍ଡର ପରିବର୍ତ୍ତନ ଆଧାରରେ ସାହିତ୍ୟରେ ଏପରି ବୈପ୍ଳବିକ ପରିବର୍ତ୍ତନ ଷାଠିଏ ପରବର୍ତ୍ତୀ ଗଳ୍ପ ସାହିତ୍ୟକୁ ନୂତନ ପରିଚୟ ଦେବାରେ ସକ୍ଷମ ହେଲା ।

କଟକର ଆଲାମଚାନ୍ଦ ବଜାରରେ ଜନ୍ମିତ ଦେବଦାସ ଛୋଟରାୟ ଏକାଧାରାରେ ଜଣେ ଗୀତିକାର, କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାର ଭାବରେ ଜଣାଶୁଣା । ଓଡ଼ିଆ ସାହିତ୍ୟ ଜଗତରେ ସେ ଜଣେ ସୁପ୍ରତିଷ୍ଠିତ ସାରସ୍ୱତ ପୁରୁଷ । ତାଙ୍କ ବାପା ଗୋପାଳ ଛୋଟରାୟ ଓଡ଼ିଶାର ଜଣେ ଆଗଧାଡ଼ିର ନାଟ୍ୟକାର ଭାବରେ ବେଶ୍ ପରିଚିତ । ପିଲାଟି ଦିନରୁ ସାହିତ୍ୟ ପ୍ରତି ଦେବଦାସଙ୍କର ଦୁର୍ବଳତା ରହିଥିଲା । 'ନୀଳ ସରସ୍ୱତୀ', 'ହାତୀ ସଜକର', 'ମଲ୍ଲିକା', 'ଦେଖିଚି ଦେଖିନି' ଭଳି କବିତା ସଙ୍କଳନ ଓ 'ଲାଲମାଛ', 'ରମାକୁ ମାରିବାର ପାଞ୍ଚଟି ଉପାୟ' ଆଦି ଗଳ୍ପ ସଂକଳନ ବ୍ୟତୀତ ସେ ଅନେକ ସିନେମା ଗୀତ ଓ 'ଇନ୍ଦ୍ରଧନୁର ଛାଇ' ଭଳି ଚଳଚ୍ଚିତ୍ରର ସ୍ରଷ୍ଟା ।

କଥାରେ ଅଛି, କହିଜାଣିଲେ କଥା ସୁନ୍ଦର । ପ୍ରଥମରୁ କହିରଖେ, ଦେବଦାସ ଛୋଟରାୟ କଥାକୁ ବନେଇଚୁନେଇ କହିବାରେ ବେଶ୍ ପାରଙ୍ଗମ । ଦେବଦାସଙ୍କ ଶୈଳୀ ଅନ୍ୟମାନଙ୍କୁ ବେଶ୍ ପ୍ରଭାବିତ କରିପାରେ । ଖୁବ୍ କମ୍ ଶବ୍ଦରେ ବେଶିକିଛି କହିବା ଓ ପ୍ରଚୁର କାବ୍ୟିକତାର ପ୍ରୟୋଗ ତାଙ୍କ ଗଳ୍ପର ବୈଶିଷ୍ଟ୍ୟ । ଦେବଦାସଙ୍କର ଅଧିକାଂଶ ଗଳ୍ପ ପ୍ରଥମପୁରୁଷୀୟ ଶୈଳୀରେ ଲିଖିତ । ଆଧୁନିକ ମଣିଷ ଜୀବନର ପ୍ରେମ, ପ୍ରଣୟ, ଆବେଗ, ଆଶକ୍ତି, ପ୍ରତାରଣା, ଘୃଣା, ସନ୍ଦେହ, ବିଚ୍ଛେଦ ଆଦି ପ୍ରସଙ୍ଗଗୁଡ଼ିକୁ ଅସ୍ତ୍ରକରି ସେ ତାଙ୍କ ଗଳ୍ପଅରଣ୍ୟରେ ମୃଗୟା ପାଇଁ ବାହାରିଯାଆନ୍ତି । ସାଂପ୍ରତିକ ସମୟର ଆବେଗହୀନ, ଯନ୍ତ୍ରବତ୍ ଜୀବନ ଓ ବିଶ୍ୱାସହୀନ ଶାରୀରିକ ଆସକ୍ତି ହିଁ ତାଙ୍କ ଗଳ୍ପର ମୁଖ୍ୟ ପ୍ରସଙ୍ଗ । ଜୀବନବୋଧକୁ ନେଇ ତାଙ୍କ ଲେଖନୀ ବେଶ୍ ସକ୍ରିୟ । ତାଙ୍କ ବର୍ଣ୍ଣନାରେ ଚରିତ୍ରଗୁଡ଼ିକ ଏତେ ଜୀବନ୍ତ ଯେ, ଗଳ୍ପସବୁ ତାଙ୍କର ଆତ୍ମଜୀବନୀ ଭଳି ଲାଗେ । ଅନୁଭବ ହୁଏ ସତେଯେମିତି ସେ ନିଜର ଆଖିଦେଖା ଅନୁଭୂତିକୁ ହିଁ ବର୍ଣ୍ଣନା କରିଚାଲିଛନ୍ତି ।

'ରମାକୁ ମାରିବାର ପାଞ୍ଚଟି ଉପାୟ' ସଂକଳନରେ ସମୁଦାୟ ଏଗାରଟି ଗଳ୍ପ ଅଛି । ମାନସିକତା ଓ ଭିନ୍ନ ପରିବେଶକୁ ଭିତ୍ତିକରି ରଚିତ ପ୍ରତ୍ୟୋକ ଗଳ୍ପର ବିଷୟବସ୍ତୁ ସ୍ୱତନ୍ତ୍ର ଓ ପରିପୃଷ୍ଟ । ଗଳ୍ପଗୁଡ଼ିକ ପାରମ୍ପରିକ ଢଙ୍ଗରେ ପ୍ରକାଶିତ ନହୋଇ ନୂତନ ଧାରାରେ ରଚିତ ହୋଇଛି । ପ୍ରାୟ ଅଧିକାଂଶ ଗଳ୍ପ କିଶୋର ଅବସ୍ଥାର ପ୍ରେମ-ପ୍ରଣୟ ଆଧାରିତ । ଏଥିସହିତ ଅଛି ପରିଣତ ବୟସରେ ନିଜ ଜୀବନର ଇତିହାସକୁ ଖୋଜି ତା'ଭିତରୁ ଭୁଲି ହେଉନଥିବା କିଛି ବିସ୍ମୟକର ଘଟଣାର ପରିବେଷଣ । ଏ ସଂପର୍କରେ ମୁଖବନ୍ଧରେ ଗାଳ୍ପିକ ଲେଖିଛନ୍ତି – "ମୁଁ ଯଦି ମୋ ଜୀବନର କୌଣସି କାହାଣୀ ବର୍ଣ୍ଣନା କରେ, ତେବେ ଅନେକ ଶ୍ରୋତା ବିଶେଷ କରି ଲଣ୍ଡନର ଓଡ଼ିଆ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ସବୁବେଳେ କହନ୍ତି ଯେ ଦେବଦାସ ଖାଲି ମିଛ କଥାଗୁଡ଼ା କହୁଛି । ମୁଁ ଜାଣେନି ହୁଏତ ମୋର ବାସ୍ତବତା ତା'ର ନିଜସ୍ୱ ବିସ୍ମୟ ନେଇ ଆସେ ନା ମୋର ଦୃଷ୍ଟିଭଙ୍ଗୀ ସେ ଅସାର ବାସ୍ତବତାକୁ ଚଟୁଳ ରୋମାଞ୍ଚରେ ବିଭୂଷିତ କରେ । ମୁଁ ମାନୁଚି ମୋର ଗପସବୁ ସମାନ ରକମର ମିଛ, ଯଦିଓ ସେଥିରେ କୋଉଠି ନା କୋଉଠି ସତ' ର ଛିଟିକା ଲାଗିଚି । ମାରକ୍ୱେଜ୍ କହୁଥିଲେ, ସାମ୍ବାଦିକତାରେ ଗୋଟିଏ ଛୋଟ ମିଛ ସାରା ପ୍ରତିବେଦନକୁ ସନ୍ଦେହାସ୍ପଦ କରି ଦେଇପାରେ । କିନ୍ତୁ ଗଳ୍ପ କି ଉପନ୍ୟାସରେ ମାତ୍ର ଗୋଟିଏ ସତ'ର ଦର୍ପ, ସେ ଯେତେ ଅଳୀକ ହେଉ ନା କାହିଁକି, ସମଗ୍ର ସୃଷ୍ଟିକୁ ଜାଜ୍ୱଲ୍ୟମୟ କରେ ।"(୨) କ୍ଷୁଦ୍ର କଳେବର ମଧ୍ୟରେ ସୀମିତ ଚରିତ୍ର ମାଧ୍ୟମରେ ଜୀବନର ଖଣ୍ଡିତାଂଶକୁ ରୂପାୟିତ କରିବାର ଚେଷ୍ଟା କରାଯାଇଛି ଏହି ସଂକଳନରେ । ଅଧିକ ଚରିତ୍ର ସନ୍ନିବେଶିତ ନକରି ବରଂ ନିର୍ଦ୍ଦିଷ୍ଟ ଚରିତ୍ରର ମାନସିକ ଅବସ୍ଥାର ବିଶ୍ଳେଷଣକୁ ଗୁରୁତ୍ୱ ଦିଆଯାଇଛି । ଏହି ପୁସ୍ତକରେ ଗାଳ୍ପିକ ଦେବଦାସ ଛୋଟରାୟ ସମାଜର ବିଭିନ୍ନ ବର୍ଗରୁ, ଭିନ୍ନଭିନ୍ନ ପରିବେଶ ମଧ୍ୟରୁ ବିଭିନ୍ନ ବୟସର ଚରିତ୍ର ନିର୍ବାଚନ କରିଛନ୍ତି । ଗଳ୍ପଗୁଡ଼ିକରେ ପରିଣତ ବୟସ ଅପେକ୍ଷା ଅପରିଣତ ବୟସର ଚରିତ୍ରଙ୍କ ସଂଖ୍ୟା ବେଶୀ । କିଶୋରମାନଙ୍କର ମାନସିକ ଅବସ୍ଥାକୁ ସ୍ପଷ୍ଟରୂପେ ଚିତ୍ରଣ କରିବାରେ ବେଶ୍ ସଫଳ ହୋଇଛନ୍ତି ଗାଳ୍ପିକ ଦେବଦାସ । ଦେବଦାସଙ୍କ ଗଳ୍ପରେ ଯେଉଁ ନୂତନତ୍ୱ ଦୃଷ୍ଟିଗୋଚର ହୁଏ ତାହା ପାଠକକୁ ବାନ୍ଧି ରଖେ ।

‘ରମାକୁ ମାରିବାର ପାଞ୍ଚଟି ଉପାୟ’ ଗଳ୍ପର କଥାବସ୍ତୁକୁ ଯିବାପୂର୍ବରୁ ପ୍ରଥମେ ନାମକରଣରୁ ହିଁ ଉତ୍କଣ୍ଠା ସୃଷ୍ଟି ହୁଏ । ରମା କିଏ ? ଗଳ୍ପ ନାୟକ ତାକୁ ମାରିବାକୁ ଚାହୁଁଛି କାହିଁକି ? ପୁଣି ଗୋଟିଏ ଉପାୟରେ ମରିନଯାଇ ରମା ପାଞ୍ଚଟି ଉପାୟ ପର୍ଯ୍ୟନ୍ତ ବଞ୍ଚିରହିପାରିଲା କେମିତି ? ଏମିତି ଅନେକ ପ୍ରଶ୍ନ ମନରେ ସୃଷ୍ଟି ହୁଏ । ଗାଳ୍ପିକ ଅବଶ୍ୟ ଗଳ୍ପକୁ ବିଭାଜିତ କରି ତହିଁରେ ପ୍ରସ୍ତାବନା, ବିକାଶ ଓ ରମା, ରମାକୁ କାହିଁକି ମାରିବି ? -ଏପରି ତିନୋଟି ବିଭାଗ କରି ହତ୍ୟା କରିବାର ପାଞ୍ଚଟି ଭିନ୍ନଭିନ୍ନ ଉପାୟ ସଂପର୍କରେ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ଉପାୟର ପରିକଳ୍ପନାରେ ଯେଉଁ ଭିନ୍ନତା ବା ସ୍ୱତନ୍ତ୍ରତା ଅଛି ତାହା ସ୍ୱତଃ ଉତ୍କଣ୍ଠା ସୃଷ୍ଟି କରେ । ରମା ଚରିତ୍ରଟି ମାଧ୍ୟମରେ ଗାଳ୍ପିକ ନାରୀ ଜୀବନର ଲୋଭ, ଭୋଗବିଳାସ ପ୍ରତି ଦୁର୍ବଳତା, ଯୌନଲାଳସା, ପ୍ରାଚୁର୍ଯ୍ୟ ଓ ପ୍ରଶଂସା ଲୋଭ ସଂପର୍କରେ ଏକ ସ୍ୱଷ୍ଟ ଧାରଣା ଦେଇଛନ୍ତି । ଗଳ୍ପଟିରେ ଗଳ୍ପନାୟକ ପରାଜିତ ହୃଦୟର ଜ୍ୱାଳାକୁ ପ୍ରଶମିତ କରିବାକୁ ଚେଷ୍ଟା କରିଛି ପ୍ରତିଶୋଧ ମ୍ନମରେ । ରମାକୁ ହତ୍ୟା କରିପାରିଲେ ହିଁ ତା’ ଜୀବନର ଚରମ ସାର୍ଥକତା ଲାଭ କରିପାରିବ ବୋଲି ସେ ଆଶାବାଦୀ । ‘ରମାକୁ ମାରିବାର ପାଞ୍ଚଟି ଉପାୟ’ ଗଳ୍ପ ସଂକଳନରେ ଗାଳ୍ପିକ ଅନେକ ଆକର୍ଷଣୀୟ ସଂଳାପ ପ୍ରୟୋଗ କରିଛନ୍ତି । ଗଳ୍ପର ଶେଷଭାଗରେ ଚମକାଇ ଦେଲାଭଳି ଉପାଦାନ ଥାଉ କି ନ ଥାଉ ଏହି ସଂଳାପର ଉପଯୁକ୍ତ ପ୍ରୟୋଗହେତୁ ପାଠକ ଗଳ୍ପ ଭିତରେ ବାନ୍ଧି ହୋଇ ରହିବାକୁ ବାଧ୍ୟହୁଏ । ‘ରମା ବାହା ନହେଇ ଯଦି ବେଶ୍ୟା ହୁଅନ୍ତା, ତାହେଲେ ମୁଁ ଘରଦ୍ୱାର ବିକି ତା’ପାଖକୁ ପଇସା ନେଇ ଯାଆନ୍ତି’- ଉଦାସ୍‌ର ଏ ଉକ୍ତିରୁ ରମା ପ୍ରତି ଥିବା ତା’ର ଆକର୍ଷଣ ସଂପର୍କରେ ଜଣାପଡ଼େ । ରମା ଓ ବିକାଶ ବିଳାସବ୍ୟସନ ପ୍ରତି ଯେତେ ଉତ୍ସର୍ଗୀକୃତ ଥିଲେ ଜ୍ଞାନବିଜ୍ଞାନ ପ୍ରତି ଥିଲେ ସେତିକି ବୀତସ୍ପୃହ । ଉଦାସ୍ କହେ- ‘ଅବଶ୍ୟ ରମା ଆଉ ବିକାଶଙ୍କୁ ନର୍କକୁ ଡାକିଲେ ଯିବେ କିନ୍ତୁ ଲାଇବ୍ରେରୀକୁ ନୁହେଁ ।’ ଅତିକଳ୍ପନାର ପ୍ରୟୋଗ ମାଧ୍ୟମରେ ଦେବଦାସ ମାନେକ୍ୱିନ୍ଙ୍କୁ ସୁନ୍ଦରୀ ରମା ଭାବେ କଳ୍ପନା କରି ଦୁହିଁଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ବର୍ଣ୍ଣନା କରିଛନ୍ତି । ରମାକୁ ମାରିବାପାଇଁ ସେ ଯେତେସବୁ ଉପାୟ ଅବଲମ୍ବନ କରିଛନ୍ତି, ସବୁତକ ଷଡ଼ଯନ୍ତ୍ର ସଫଳ ହେବା ତ ଦୂରର କଥା କାର୍ଯ୍ୟକାରୀ ମ୍ନ ହୋଇପାରିନାହିଁ । କଳ୍ପନାର ଦୁନିଆରେ ଘୁରି ବୁଲୁଥିବା ଉଦାସ୍‌ର କୈଶୋର ମନ କଳ୍ପନାର ଯେତିକିଯେତିକି ଉପରକୁ ଉଡ଼ିଯାଇଛି, ବାସ୍ତବତାର ଭୂମି ସେତିକିସେତିକି ଦୂରତାରେ ରହିଛି । ଏମିତି ଅବାସ୍ତବ କଳ୍ପନାକୁ ଅତିକଳ୍ପନା ବୋଲି ନକହି ଆଉ କ’ଣ କୁହାଯାଇପାରେ ?

ଉଦାସ୍ ରମାକୁ ପିଲାଦିନରୁ ଜାଣେ । ତା’ ସହ ଅନ୍ତରଙ୍ଗ ହେବାର ସୁଯୋଗ ସେ ପାଇଛି ବାଲ୍ୟକାଳରୁ । ସ୍ୱାଭାବିକ ଭାବେ ମଣିଷ ନିଜର ବୋଲି ଗ୍ରହଣ କରିନେଇଥିବା ଜିନିଷକୁ ଆଉ କାହା ଅଧିକାରଭୁକ୍ତ ହେବାକୁ ଦିଏନି । ଯେତେବେଳେ ଗଳ୍ପନାୟକ ରମାର ପ୍ରଥମ ଶାଢ଼ୀପିନ୍ଧା ଚେହେରାକୁ ଅବଲୋକନ କରଛି, ସେଇ ମୁହୂର୍ତ୍ତରୁ ହିଁ ସେ ରମାକୁ ଏକତରଫା ପ୍ରେମ କରିବାକୁ ଆରମ୍ଭ କରିଛି । ସେ ପ୍ରେମ ନିର୍ଦ୍ଦିଷ୍ଟ ରୂପଧାରଣ କରିବା ପୂର୍ବରୁ ବିକାଶ ଚରିତ୍ରର ଆଗମନ ଘଟିଛି । ନାରୀଟିଏ ଚାହେଁ ତା’ର ପ୍ରେମିକ ବା ସ୍ୱାମୀ ଉଭୟ ସ୍ୱାସ୍ଥ୍ୟବାନ ଓ ଆର୍ଥିକ ସ୍ୱଚ୍ଛଳ ହୋଇଥାଉ । ରମା ମ୍ନ ଠିକ୍ ସେଇଆ ଚାହିଁଛି । ସିଗାରେଟ୍ ଟାଣୁଥିବା, ମଦ ପିଉଥିବା ଓ ବୁଲେଟ୍ ଚଢ଼ି ବୁଲୁଥିବା ବିକାଶର ପ୍ରେମରେ ପଡିଯାଇଛି ରମା । ଶେଷରେ ବିକାଶ ଓ ରମାର ବିବାହ ହୋଇଯାଇଛି ଉଦାସ୍‌କୁ ସାକ୍ଷୀରଖି । ଏ ସଂପର୍କରେ ଆଲୋଚକ ଗୋଲକ ଆଚାର୍ଯ୍ୟ କହନ୍ତି - “ପାଠକ ପଢୁପଢୁ ଏ ଷଡ଼ଯନ୍ତ୍ରର ନିହିତ ଉଦ୍ଦେଶ୍ୟ ତ ଖୋଜିବ, ହେଲେ ପାଇବ ନିଜକୁ ହତ୍ୟାକାରୀ ରୂପରେ । ରମା ସ୍ଥାନରେ ଆଉକେହି ଥାଇପାରେ କିନ୍ତୁ ହତ୍ୟାକାରୀ ପ୍ରତ୍ୟେକ ନିଜେନିଜେ । ସାର୍ବଜନୀନ ଏ ମାନସିକତାର ଉନ୍ମୋଚନ ହିଁ ଗଳ୍ପର ଗମ୍ଭୀର ଇତିକଥା ।” ରମା ଉଚ୍ଚଶିକ୍ଷିତା ନୁହେଁ - ନକହି କହିଦେଇଛନ୍ତି ଲେଖକ । ସେ ବିକାଶ ନାମକ ମାରଓ୍ୱାଡ଼ି ପିଲାର ସଦାମ ହୁସେନୀୟ ଚେହେରା ପ୍ରତି ଆକୃଷ୍ଟ । ତା’ର ସାହସ, ନିଖୁଣ ପୋଷାକ, ଦାଢ଼ି, Side burn, ତା’ର ଆକର୍ଷଣର ଅନ୍ୟତମ କାରଣ । ତା’ ବୁଲେଟ୍ ଚଢ଼ା, ଚିକେନ୍ ଖିଆ, ସିଗାରେଟ୍ ଟଣାବି ତାକୁ ବାନ୍ଧିରଖେ । ସେଇଥିପାଇଁ ତାକୁ ଜଣା ବି ପଡ଼ିଲାନି ଗଳ୍ପନାୟକର ଦୁର୍ବଳତା; ତାକୁ ହିଁ ସାକ୍ଷୀ ହେବାକୁ ଡାକି ବାହା ହେଇଗଲା ବିକାଶକୁ । ‘(୩) ଏକତର’। ପ୍ରେମ କରୁଥିବା ଗଳ୍ପନାୟକ ଉଦାସ୍ ଏଭଳି ପରିସ୍ଥିତିରେ କ୍ଷୁବ୍ଧ ହୋଇଛି । ନିଜ ପ୍ରେମିକାକୁ ଆଉ ଜଣେ ପୁରୁଷ ସହ ସହ୍ୟ ନ କରିପାରିବାର ମାନସିକତାରୁ ସୃଷ୍ଟି ହୋଇଛି କ୍ରୋଧ ବା ଆକ୍ରୋଶ । ଇପ୍ସିତ ଦ୍ରବ୍ୟକୁ ପାଇନପାରିଲେ ମନଭିତରେ ଯେଉଁ ଆତ୍ମଗ୍ଲାନି ସୃଷ୍ଟିହୁଏ ତାହା କ୍ରମେ ହିଂସାର ରୂପ ନେଇଛି । ଯିଏ ମୋ’ର ହେଲାନି, ଆଉ କାହାର ହୋଇପାରିବନି ନ୍ୟାୟରେ ରମାକୁ ମାରିଦେବାପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଚାରିଟି ଯୋଜନାକୁ ରୂପଦେବାର ଚେଷ୍ଟା ହୋଇଛି ଗାଳ୍ପିକଙ୍କ ଅବଚେତନରେ । କେତେବେଳେ ସ୍ୱପ୍ନାବସ୍ଥାରେ ତ ଆଉ କେତେବେଳେ ନିଶାଶକ୍ତ ଅବସ୍ଥାରେ । ଗଳ୍ପଟିରେ ଯେଉଁ ହତ୍ୟା ଉପାୟର ବର୍ଣ୍ଣନା ଅଛି ତାହା ବେଶ୍ ଉତ୍କଣ୍ଠାପ୍ରଦ । କ୍ଷୁଦ୍ରଗଳ୍ପରେ ଦ୍ୱନ୍ଦ୍ୱ ହିଁ ପାଠକକୁ ଅଭିଭୂତ କରେ । ରମାକୁ ମାରିବାର ପାଞ୍ଚଟି ଉପାୟ ଗଳ୍ପରେ ଗାଳ୍ପିକ ପ୍ରାରମ୍ଭିକ ପର୍ଯ୍ୟାୟରେ ରମାସହ ତାଙ୍କର ଶୈଶବ

ଅନୁଭୂତିକୁ ଯେଉଭଳି ଭାବରେ ବର୍ଣ୍ଣନା କରିଛନ୍ତି ସେଥିରୁ ରମା ସହ ତାଙ୍କର ଘନିଷ୍ଠତା ଜଣାପଡ଼େ । ଘଟଣାକ୍ରମେ ବିକାଶ ସହ ରମାର ମିଳାମିଶା ଓ ସେମାନଙ୍କ ପ୍ରେମ ସମ୍ପର୍କ ପାଠକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟିକରେ । ପରବର୍ତ୍ତୀ ଅବସ୍ଥାରେ ବିକାଶ ଓ ରମାର ବିବାହ ଓ ତତ୍ ପରବର୍ତ୍ତୀ କାଳରେ ରମାକୁ ହତ୍ୟା କରିବାପାଇଁ ଗଳ୍ପ କଥକଙ୍କ ପ୍ରଥମ ଚାରୋଟିଉପାୟକୁ ଅନୁଶୀଳନ କଲେ ଜଣାଯାଏ ପ୍ରତିଟି ପଦକ୍ଷେପ ସ୍ୱପ୍ନ, ଭାବନା, ଓ ନିଶାଗ୍ରସ୍ତ ଅବସ୍ଥାର ମାଧ୍ୟମ ଦେଇ ବିଫଳତାରେ ଶେଷହୁଏ । ଏସବୁ ଦ୍ୱନ୍ଦ୍ୱର ପରିସମାପ୍ତି ସେତେବେଳେ ହୁଏ, ଯେତେବେଳେ ଗଳ୍ପନାୟକ ସିଧାସଳଖ ରମାକୁ ପଚାରିବସେ – 'ମୁଁ ତତେ ମାରିବାର ଉପାୟ ପାଞ୍ଚିପାଞ୍ଚି ମଲିଣି । ତୁ ମରୁନୁ କାହିଁକି ? ଏତିକିବେଳେ ରମା ସବୁ ଦ୍ୱନ୍ଦ୍ୱର ଉନ୍ମୋଚନ କରି କହେ – 'ଖାଲି ମୋ ଆଖିକୁ ଅନେଇ ଥରେ କହିଦେ - 'ରମା, ମୁଁ ତତେ ଭଲପାଏ' । ଦେଖିବୁ, ଶୁଣିଲା ମାତ୍ରେ ମୁଁ ଠକ୍‌କିନା ମରିଯିବି ।'

'ଦର୍ପଣ' ଗଳ୍ପରେ ନିଜ ଅତୀତର ସ୍ୱରୂପକୁ ନିଜ ସାମ୍ନାରେ ଦେଖି ତା' ସହ କଥାହେବା, ତା'ର ଜୀବନକୁ ବିଶ୍ଳେଷଣ କରିବା ଭଳି ଅଦ୍ଭୁତ ଘଟଣାମାନ ଦୃଷ୍ଟିଗୋଚର ହୁଏ । ଗାଳ୍ପିକ ଏଠାରେ ସର୍ରିଆଲିଜିମ୍ ଥିଓରି ବା ଅତିକଳ୍ପନାର ପ୍ରୟୋଗ କରିଛନ୍ତି । ଏହି ଗଳ୍ପରେ ନିଜର ଅତୀତକୁ ବିଶ୍ଳେଷଣ କରି ତା'ଭିତରୁ ନିଜ ଅସ୍ତିତ୍ୱକୁ ଖୋଜିବାର ପ୍ରୟାସ କରିଛନ୍ତି ଗାଳ୍ପିକ । ନିଜକୁ ନିଜସାମ୍ନାରେ ଛିଡ଼ାକରି ୪୪ ବର୍ଷ ପରେ ତା'ର ଭବିଷ୍ୟତ କ'ଣ ହେବାକୁ ଯାଉଛି ସେକଥାକୁ ନିଜ ମାନସିକତାରେ ଚିନ୍ତାକରି ଯେଉଁ ଅନୁଭବ ସୃଷ୍ଟି ହୋଇଛି, ତାକୁ ବାଢ଼ି ଦେଇଛନ୍ତି ଗଳ୍ପ ମାଧ୍ୟମରେ । ଦର୍ପଣ ଗଳ୍ପରେ ସ୍ୱପ୍ନ-ବାସ୍ତବ, ନକଲି-ଅସଲିର ଦ୍ୱନ୍ଦ୍ୱ ବେଶ୍ ସ୍ପଷ୍ଟରୂପେ ବାରିହୁଏ । ଗାଳ୍ପିକ ନିଜ ତରୁଣ ବୟସର ଚେହେରା ଭିତରେ ନିଜ ଅତୀତକୁ ଭେଟିଛନ୍ତି । ତା' ସହ କଥା ହେବା, ତାକୁ ସଂଶୟ ଆଖିରେ ଦେଖି ଦୋ ଦୋ ଚିହ୍ନା ହେବା, ଏବଂ ତା' ଭିତରେ ନିଜ ଅତୀତକୁ ଖୋଜିପାଇବା - ଏସବୁ ଘଟଣାକ୍ରମ ପଢ଼ିଲାବେଳେ ଏକ ଦ୍ୱନ୍ଦ୍ୱାତ୍ମକ ପରିବେଶ ଭିତରେ ପ୍ରାୟ ଶେଷ ପର୍ଯ୍ୟନ୍ତ ଗତି କରିବାକୁ ହୁଏ । 'ଦର୍ପଣ' ଗଳ୍ପରେ ଗୋଟିଏ ମଣିଷର ଦୁଇଟି ଭିନ୍ନଭିନ୍ନ ବୟସର ପରସ୍ପର ମଧ୍ୟରେ କଥାବାର୍ତ୍ତା ଓ ଆଳାପ ଅସମ୍ଭବ ହେଲେ ହେଁ ଦେବଦାସ ଅତିକଳ୍ପନାର ପ୍ରୟୋଗରେ ଏ ପ୍ରକାର ଚିନ୍ତନକୁ ଗଳ୍ପର ରୂପ ଦେଇପାରିଛନ୍ତି । ଅବଶ୍ୟ ଏ ଗଳ୍ପଟି ଜର୍ଜ ଲୁଇ ବୋରହେସଙ୍କ 'ଦ ବୁକ୍ ଅଫ୍ ସ୍ୟାଣ୍ଡ' ପୁସ୍ତକର 'The Other' ନାମକ ଅତିକଳ୍ପନାବାଦୀ ଗଳ୍ପର ପ୍ରଭାବରେ ଲେଖାଯାଇଛି ବୋଲି ଗାଳ୍ପିକ ସୂଚାଇ ଦେଇଛନ୍ତି । ସୋନିଆ ମହାପାତ୍ର ଜଣେ କଳ୍ପନାପ୍ରବଣ ଝିଅ । 'ଦର୍ପଣ' ଗଳ୍ପରେ ଦେବଦାସ ଛୋଟରାୟ ଦର୍ପଣ ଭିତରେ ଥିବା ନିଜ ପ୍ରତିଛବିକୁ ଦେଖି ନିଜ କୈଶୋର ବୟସର ପ୍ରତିରୂପକୁ ସାମ୍ନାରେ ଦେଖିବା ପରି ତା'ସହ ବାର୍ତ୍ତାଳାପ କରୁଛନ୍ତି । ସ୍ୱପ୍ନ ଦେଖିବା ପରି ଘଟଣାଟି ଘଟିଚାଲିଛି । ବୟସର ଅପରାହ୍ନରେ ପହଞ୍ଚି ସାରିଥିବା ଦେବଦାସ ନିଜ ତରୁଣ ବୟସର ପ୍ରତିରୂପକୁ ଯେଉଁ ପ୍ରଶ୍ନ ପଚାରିଛନ୍ତି, ତା'ର ଉତ୍ତରରେ କୁହାଯାଇଛି – "ତୁମକୁ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ମୋ ନାଁ ବି ଦେବଦାସ ଛୋଟରାୟ । ତୁମେ ଯେଉଁ ଘରକଥା କହୁଛ, ସେଟା ବି ମୋ ଘର । ଖାଲି ଏତିକି ଅଦ୍ଭୁତ ଯେ ଆମେ ଦୁଇଜଣ ଆଜି ପ୍ରଥମଥର ଭେଟୁଛେ । ଆଉ ତା' ପୁଣି ୨୦୧୧ ମସିହାରେ, ଲଣ୍ଡନରେ । ସେ ଏଥର ବହି ବନ୍ଦକରି ମତେ ନିଷ୍ପଲକ ଆଖିରେ ଚାହିଁଲା, ଆଉ କହିଲା, ନା, ଏଇଟା ୧୯୬୪ ମସିହା । ମୁଁ ଲଣ୍ଡନ କେବେବି ଦେଖିନି । ମୁଁ କଟକରେ ଅଛି ।'(୪) ୧୯୬୪ ରୁ ୨୦୧୧ ଏହା ମଧ୍ୟରେ ୪୭ ବର୍ଷର ବ୍ୟବଧାନ । ଅର୍ଥାତ୍ ଦେବଦାସ ୪୭ ବର୍ଷ ପଛକୁ ଫେରିଯାଇ ନିଜକୁ ନୀରିକ୍ଷଣ କରୁଛନ୍ତି । ଆଲୋଚକ ସୁଜ୍ଞାନୀ କୁମାରୀ ସାହୁଙ୍କ ମତରେ- "ବିପୁଳ ରୋମାଞ୍ଚରେ ଭରପୂର 'ଦର୍ପଣ' ଗଳ୍ପରେ ଅଛି ଅତୀତର ସ୍ମୃତି, ଯାହାକୁ ଦେବଦାସ ଛାଡ଼ି ଆସିଥିଲେ କଟକରେ ଅନେକ ବର୍ଷ ପୂର୍ବେ । ପୁନଶ୍ଚ ଲଣ୍ଡନରେ ପ୍ରଫୁଲ୍ଲ ବାବୁଙ୍କ ସିଡ଼ି ଲ୍ୟାଣ୍ଡିଂରେ ଦର୍ପଣ ଦେଖି ତାଙ୍କର ବିଗତ ଦିନର ସ୍ମୃତିସବୁ ଚଳଚଞ୍ଚଳ ହୋଇ ଉଠିଛି ଆଉ ମନେପଡ଼ିଯାଇଛି କଟକର ଚାନ୍ଦିନୀଚୌକରେ ଥିବା ହଳଦିଆ କୋଠାଘରର ସିଡ଼ି ଲ୍ୟାଣ୍ଡିଂରେ ଲାଗିଥିବା ଦର୍ପଣର କଥା ତାଙ୍କ ବିଗତ ପ୍ରେମର ମୂକସାକ୍ଷୀ, ଯାହା ଆଜି ଅତୀତ ।"(୫) ଦର୍ପଣ ଏଠି ଅତୀତ ଓ ବର୍ତ୍ତମାନର ଯୋଗସୂତ୍ରଭାବେ ପ୍ରତୀକିତ । ଆଉ ଏଇ ଗୋଟିଏ ସଂଳାପ ମାଧ୍ୟମରେ ଏହାକୁ ବେଶ୍ ସ୍ପଷ୍ଟରୂପେ ପାଠକଙ୍କୁ ବୁଝାଇ ପାରିଛନ୍ତି । ନାୟିକା ଛବି ସହ ଆରମ୍ଭ ହୋଇଥିବା ପ୍ରେମ ସଂପର୍କରେ 'ଦର୍ପଣ' ଗଳ୍ପରେ ବର୍ଣ୍ଣନା ରହିଛି । ଗଳ୍ପନାୟକ ପରିଣତ ବୟସରେ ଜଣେ ତରୁଣ ଯୁବକ ସହ କଥା ହେଉଛନ୍ତି । ଆଶ୍ଚର୍ଯ୍ୟର କଥା ସେ ତରୁଣ ଯୁବକ ଜଣଙ୍କ ଅନ୍ୟ କେହି ନୁହନ୍ତି, ଗଳ୍ପନାୟକଙ୍କ ଅତୀତ । ଯୌବନରେ ଭବିଷ୍ୟତକୁ ଦେଖିନଥିବା ଜଣେ ତରୁଣକୁ ତା'ର ଭବିଷ୍ୟତ ସାମ୍ନାରେ ବସେଇ ତା' ସହ ବାର୍ତ୍ତାଳାପ କରୁଛି । ଏ ଧରଣର ଉତ୍କଣ୍ଠା କେବଳ ଦେବଦାସ ହିଁ ବାଢ଼ି ଦେଇପାରନ୍ତି । ଅସୀମବସୁଙ୍କ ଆତ୍ମଜୀବନୀ 'କଥାରେ କଥାରେ' ପୁସ୍ତକରେ ଅନୁରୂପ ବର୍ଣ୍ଣନା ଶୈଳୀର ବ୍ୟବହାର ଦେଖିବାକୁ ମିଳେ ।

'କଫି ପାଇଁ ଅପେକ୍ଷା କଲାବେଳେ ପଢ଼ିହେଲାଭଳି ଦୁଇଟି ଗପ'ରେ ଆମେ ଦେଖୁ ଗୋଟିଏ ଧାଡ଼ିର ଅର୍ଥକୁ ଦୁଇଟି ଭିନ୍ନଭିନ୍ନ ପ୍ରସଙ୍ଗପାଇଁ ବ୍ୟବହାର କରାଯାଇଛି 'ସୁଖଦୁଃଖ' ଶୀର୍ଷକ ଗଳ୍ପାଂଶରେ । 'ରମାକୁ ମାରିବାର ପାଞ୍ଚଟି ଉପାୟ' ଗଳ୍ପର ଚରିତ୍ର ବିକାଶ ଓ ରମା ଏ ଗଳ୍ପାଂଶରେ ମଧ୍ୟ ସ୍ଥାନ ପାଇଛନ୍ତି । 'ତୁମକୁ ସୁଖ ଦେଲାପରି କୌଣସି

ବିଶେଷ ଦୁଃଖ ମୋର ଏ ପର୍ଯ୍ୟନ୍ତ ହୋଇନି'- ଏଇ ଧାଡ଼ିକ ଭିତରେ ଦେବଦାସ ବିକାଶ ଓ ରମା ମଧ୍ୟରେ ଥିବା ସଂପର୍କର ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛନ୍ତି । ରମା, ଛବି, ସୁଲେଖା ଆଦି ଚରିତ୍ରଗୁଡ଼ିକ ଗୌଣ ଚରିତ୍ରଭାବେ ସ୍ଥାନ ପାଇଛନ୍ତି ।ଏ ଗଳ୍ପରେ ଆଧୁନିକ ସମୟର ଆବେଗହୀନ ପ୍ରେମ ସମ୍ପର୍କ ସମ୍ବନ୍ଧରେ ତୀର୍ଯ୍ୟକ ଚିତ୍ରଟିଏ ଆଙ୍କିଛନ୍ତି ଦେବଦାସ । ଏହି ଗଳ୍ପରେ ବିକାଶ ଓ ରମା ମଧ୍ୟରେ ଥିବା ଏକ ଜଟିଳ ପ୍ରେମର ସଂପର୍ଣ୍ଣ ନୂତନ ଢଙ୍ଗରେ ଉପସ୍ଥାପନ କରିଛନ୍ତି ଦେବଦାସ । ଆଧୁନିକ ପ୍ରେମ ମଧ୍ୟରେ ଯେଉଁ ଆନ୍ତରିକତାବିହୀନ ସ୍ୱାର୍ଥସର୍ବସ୍ୱ ସଂପର୍କ ନିଜର ସ୍ଥିତି ଜାହିର କରୁଥାଏ, ସେଭଳି ଏକ ଚିତ୍ରକୁ ଗାଳ୍ପିକ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ।

'ମିଛ, ସନ୍ଦେହ ଓ ଅକ୍ଷମତା' ଶୀର୍ଷକ ଗଳ୍ପରେ ସେ ମଣିଷର କଥା ଆଉ କାମ ଭିତରେ ଥିବା ପ୍ରଭେଦକୁ ଉନ୍ମୋଚିତ କରିଛନ୍ତି । 'ମିଛ' ପ୍ରେମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମିଛକୁ ବାଦ୍ ଦେଇ ପ୍ରେମରେ ତିଷ୍ଠି ରହିବା ବୋଧହୁଏ ଅସମ୍ଭବ । ପ୍ରେମକୁ ବଞ୍ଚାଇ ରଖିବାପାଇଁ ସାମାନ୍ୟ ମିଛ କୌଣସି ପାପ ନୁହେଁ ବୋଲି ଗାଳ୍ପିକ ଏଠାରେ ରେଖା ଚରିତ୍ର ମାଧ୍ୟମରେ ଦେଖାଇବାକୁ ପ୍ରୟାସ କରିଛନ୍ତି । ଏହି ଗଳ୍ପରେ ପ୍ରେମର ଯେଉଁ ଚିତ୍ର ଦିଆଯାଇଛି ତାହା ପ୍ରମାଣିତ କରେ ଯେ ପ୍ରେମରେ ମନ ଦିଆନିଆ ଆଉ ଦେହ ଦିଆନିଆ ଦୁଇଟିଯାକ ଭିନ୍ନ । ଜଣଙ୍କ ପାଖରେ ଦେହ ସମର୍ପଣ କରିହୁଏ ଅଥଚ ମନ ଥାଏ ଆଉ କାହା ପାଖରେ, ଉପଯୁକ୍ତ ପରିସ୍ଥିତି ଓ ପରିବେଶରେ ମନ ଦେହକୁ ଟାଣିନିଏ । ଯାହାକୁ ମନ ଦିଆଯାଇଥାଏ ତାକୁ ଦେହ ସମର୍ପଣ କରିବାରେ କିଛି କୁଣ୍ଠାବୋଧ ହୁଏନି । ପ୍ରେମରେ ସୀମିତତା ଓ ବାସ୍ତବ ପ୍ରେମର ବ୍ୟାପ୍ତି ସମ୍ପର୍କରେ ଏହି ଅଣୁ ଗଳ୍ପଟି ବେଶ୍ ଉଛାଙ୍ଗ ମନେହୁଏ । ଆବିଦ୍ ଓ ରେଖା ମଧ୍ୟରେ ଥିବା ସଂପର୍କ ପ୍ରଥମରୁ ସାଧାରଣ ମନେ ହେଉଥିଲେ ହେଁ ରେଖା ଗଳ୍ପନାୟକଙ୍କ ପ୍ରରୋଚନାରେ ଆବିଦକୁ 'ଶାଲା କାଲା କୁତ୍ତା' ବୋଲି କହିଛି କିନ୍ତୁ ତା'ର ତିନିଦିନ ପରେ ସେ ଆବିଦ୍ ସାଙ୍ଗରେ ଆକସ୍ମିକ ଭାବେ ଫେରାର୍ ହୋଇଯାଇଛି । ମଣିଷର ଅଭ୍ୟନ୍ତର ଓ ବାହ୍ୟ ଆଚରଣ ଭିତରେ କେତେ ବୈଷମ୍ୟ ଥାଏ, ତାହା କ'ଣ ସହଜରେ ଜାଣିହୁଏ ? ଘଟଣାଟି ଆକସ୍ମିକ ଭାବେ ଘଟିଯାଏ ଅଥଚ ତା'ଭିତରେ ଥାଏ କେତେ ସନ୍ଦେହ ଓ ସଂଶୟ, ସହଜରେ ଜାଣି ହୁଏନା ।

'ଭାବାନ୍ତର' ଗଳ୍ପରେ ଏକ ପରକୀୟା ପ୍ରୀତିର ଚିତ୍ର ଦିଆଯାଇଛି । ଗଉରା ଓ ତା'ର ଶାଳୀ ମଧ୍ୟରେ ଥିବା ପ୍ରେମ ସମ୍ପର୍କ ସମ୍ବନ୍ଧରେ ବର୍ଣ୍ଣନା କରିଛି ବଟ । ଗଉରାଠାରୁ ତା' ଶାଳୀର ବୟସ ତା' ବୟସର ଦୁଇଭାଗରୁ ଭାଗେ । ଗଉରାର ସ୍ତ୍ରୀ ବ୍ରେନ୍ ଷ୍ଟ୍ରୋକରେ ପାରାଲିସିସ୍ ରୋଗରେ ପୀଡ଼ିତା । ଛୁଆ ଦୁଇଟିକୁ ଲାଳନପାଳନ କରିବା ଦାୟିତ୍ୱ ମୁଣ୍ଡେଇ ଗଉରାର ଅଳ୍ପ ବୟସ୍କ ଶାଳୀ ଦଶବର୍ଷ ଧରି ଗଉରା ପାଖରେ ରହିଆସୁଛି । ଏଇ ବାହାନାରେ ଦୁହିଁଙ୍କ ଭିତରେ ଗଢ଼ିଉଠିଥିବା ପରକୀୟା ପ୍ରୀତି ସଂପର୍କରେ ଏକ ଧାରଣା ସୃଷ୍ଟି କରିହୁଏ । ବାରମ୍ବାର କଟିଯାଉଥିବା ଗୋଟେ ଫୋନ୍ କଲ୍ ଆଉ ସ୍ପଷ୍ଟ ହୋଇପାରୁନଥିବା କିଛି କଥା 'ଭାବାନ୍ତର' ଗଳ୍ପକୁ ଅଧିକ ଉତ୍କଣ୍ଠାମୟ କରି ତୋଳିଛି । ଏ ଗଳ୍ପରେ ବଟ ଜଣେ ଅଧସ୍ତନ କର୍ମଚାରୀ ହେଲେ ମଧ୍ୟ ଆକାଉଣ୍ଟ ବିଭାଗରେ କାମକରୁଥିବା ଅନ୍ୟଜଣେ କର୍ମଚାରୀ ଗୌରାଙ୍ଗ ମାଝୀ ସପକ୍ଷରେ ତା'ର ବରିଷ୍ଠ ଅଫିସରଙ୍କୁ ନିବେଦନ କରୁଛି । ବାରମ୍ବାର ଫୋନ୍ କଟିଯିବା ଏବଂ ପୁଣି ଯୋଡ଼ିହେବା ଭିତରେ ପାଠକୀୟ ଉତ୍କଣ୍ଠା ଗଳ୍ପର ପ୍ରାୟ ଶେଷ ପୃଷ୍ଠା ଯାଏ ବଳବତ୍ତର ରହିଛି । ଚତୁର ଅଧସ୍ତନ କର୍ମଚାରୀ ନିଜ ଉପରିସ୍ଥ ଅଫିସରଙ୍କୁ ମନେଇବାପାଇଁ କେତେ ପ୍ରକାର ଚାଟୁକ୍ତି ପ୍ରୟୋଗ କରନ୍ତି ଓ ତାହା କିଭଳି ତାଙ୍କ ମନରେ ଭାବାନ୍ତର ସୃଷ୍ଟି କରେ ତାହାକୁ ବେଶ୍ କଳାତ୍ମକ ଢଙ୍ଗରେ ପ୍ରକାଶ କରାଯାଇଛି ଏହି ଗଳ୍ପରେ । ଗାଳ୍ପିକଙ୍କ ମତରେ- "ଏକ ସରୁନଥିବା ଦୀର୍ଘ ଖରାବେଳେ ମନଟୋନୀ ଭିତରେ ଜନ୍ମନିଏ 'ଭାବାନ୍ତର' । ତା' ଭିତରେ ଅଛି ବୟସ୍କର ଦାୟିତ୍ୱହୀନ ଚପଳତା, ଦିବାସ୍ୱପ୍ନ, ଓ ଏକ ଅଦୃଶ୍ୟ ପ୍ରଶାସନିକ ଢାଞ୍ଚାପ୍ରତି ଲଘୁ କଟାକ୍ଷ ।" ଏପରି ବର୍ତ୍ତୁଳ ଚରିତ୍ରର ଉପସ୍ଥାପନାରେ ଗଳ୍ପଟି ବେଶି ଆକର୍ଷଣୀୟ ହୋଇଛି । ତା'ର କଥା କହିବାର ଶୈଳୀ, ଭାବଭଙ୍ଗୀ ହିଁ ତା'ର ଖୋସାମତିଆ ସ୍ୱଭାବ ସଂପର୍କରେ ଅବଗତ କରାଇଦିଏ । ଗଉରାର ଶାଳୀ ଓ ସ୍ୱାତୀ ଭଳି ନାରୀ ଚରିତ୍ର ଗୁଡ଼ିକର ସ୍ୱଭାବ ଓ ରୂପବର୍ଣ୍ଣନା ବେଶ୍ ଆକର୍ଷଣୀୟ ଓ ସ୍ପଷ୍ଟ । ଅଫିସରଙ୍କର ପ୍ରତ୍ୟେକ ପ୍ରଶ୍ନରେ ଯେଉଁ ଜିଜ୍ଞାସାର ଭାବ ଫୁଟିଉଠିଛି ତା'ର ନିର୍ଗମନ ହୋଇଛି ବଟର ଉତ୍ତରରେ । ଗୌରାଙ୍ଗ ସଂପର୍କରେ ଏକ ନୂତନ ତଥ୍ୟର ଉପସ୍ଥାପନ ଗଳ୍ପକୁ ଅଦ୍ଭୁତ ରୋମାଞ୍ଚ ପ୍ରଦାନ କରିଛି । ଗୌରାଙ୍ଗ ମାଝି ହେଉ ବା ତା'ର ଶାବନା ରଙ୍ଗର ଡୋରିଆ ଶାଢ଼ି ପିନ୍ଧା ଶାଳୀ ହେଉ, ପ୍ରତ୍ୟେକ ପରିଚ୍ଛେଦରେ ସେମାନଙ୍କ ସମ୍ବନ୍ଧୀୟ ଗୋଟିଏ ଦ୍ୱନ୍ଦ୍ୱର ଉନ୍ମୋଚନ ମାତ୍ରକେ ଆଉଗୋଟିଏ ନୂଆ ଦ୍ୱନ୍ଦ୍ୱର ଉତ୍ପତ୍ତି ଲକ୍ଷ୍ୟ କରାଯାଏ ।

ଏ ସଂକଳନର ଅଧିକାଂଶ ଗଳ୍ପରେ ପାଠକେ ଯୌନଚେତନାର ଉପସ୍ଥିତି ପାଇବେ । ବିଶେଷ କରି 'ଲିଲେଟ୍ ଦାସର ଏସ୍ ଏମ୍ ଏସ୍', 'ଆଲିସର ବୋଉ' ଓ 'ଦାକ୍ଷିଣାତ୍ୟ' ଗଳ୍ପରେ ଏ ଧରଣର ବର୍ଣ୍ଣନା ଖୁବ୍ ବେଶୀ । 'ଲିଲେଟ୍ ଦାସର ଏସ୍ ଏମ୍ ଏସ୍' ଗଳ୍ପରେ କଥୋପକଥନ ରୀତିରେ ଆଧୁନିକ ମଣିଷର ପ୍ରେମ, ପ୍ରଣୟ, ଶାରୀରିକ ଆକର୍ଷଣ, ସଙ୍ଗ ଲିପ୍ସା, ଯୌନ ଆବେଗ ଆଦିକୁ ଗାଳ୍ପିକ ବେଶ୍ ସହଜ, ସରଳ, ସାବଲୀଳ ଭାବରେ ବର୍ଣ୍ଣନା କରିଛନ୍ତି । ଏହି

ଗଳ୍ପରେ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଜୀବନ, ପାରସ୍ପରିକ ସମ୍ପର୍କ ଓ ସଙ୍ଗଲିପ୍ସାକୁ ଉପସ୍ଥାପନ କରାଯାଇଛି । ହ୍ୱାଟ୍ସଆପ୍ ବାର୍ତ୍ତାଳାପ ଶୈଳୀରେ ଏହି ଗଳ୍ପଗୁଡ଼ିକର ପରିକଳ୍ପନା କରାଯାଇଛି । ଏଥିରେ ନାରୀ ପୁରୁଷଙ୍କ ଆକର୍ଷଣର କଥା କୁହାଯାଇଛି । ଏ ଗଳ୍ପରେ ଦେବଦାସ ଏମିତି ପ୍ରେମ ସମ୍ପର୍କର କଥା କହୁଛନ୍ତି, ଯାହାକୁ ଦେବଦୂତମାନେ ବି ଇର୍ଷା କରନ୍ତି ।ତାଙ୍କ ମତରେ- 'ଭଲପାଇବାରେ ଜଣେ ଜଣଙ୍କୁ ଆଚ୍ଛନ୍ନ ହୋଇ ଚାହିଁବାରେ କ'ଣ ଶେଷକଥା ଥାଏ ? ମୋ ଜାଣିବାରେ ତୁମେ ମତେ ଦେହ ଦେଇଚ, କିନ୍ତୁ ମନ ଦେଇନ ।' ଜଟିଳ ପ୍ରେମର ତତ୍ତ୍ୱକୁ ସରଳ ଭାବରେ ବୁଝାଇ କହିବାରେ ଦେବଦାସଙ୍କ ଦକ୍ଷତା ଖୁବ୍ ବେଶୀ । ପ୍ରେମରେ ଜୀବନସାଥି ବାଛିବାରେ ଜଣେ ନାରୀର ଅସ୍ଥିର ମାନସିକତାକୁ ସେ ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛନ୍ତି । ସଂକ୍ଷେପରେ ସେ କହିଛନ୍ତି- "ତୁମେ ଚାହିଁଲ ଆଉ ପାଇଲ, ଏଇଟା ଭାଗ୍ୟ । ତୁମେ ଚାହିଁଲ ଆଉ ଅପେକ୍ଷା କରି ରହିଲ, ଏଇଟା ମୌକା । ତୁମେ ଚାହିଁଲ କିନ୍ତୁ ବୁଝାମଣା କରିନେଲ, ଏଇଟା ଜୀବନ । ଆଉ ତୁମେ ଚାହିଁଲ ଆଉ ଅପେକ୍ଷା ବି କଲ କିନ୍ତୁ ବିନା ସାଲିସରେ ସେଇଟା ହିଁ ପ୍ରେମ ।"(୬) 'କେବଳ ତୁମେ' ଗଳ୍ପାଂଶରେ ଆଧୁନିକ ପ୍ରେମିକମାନଙ୍କର ସ୍ୱଭାବ ସଂପର୍କରେ ପ୍ରେମିକା ମୁହଁରେ କୁହାଇଛନ୍ତି - "ତୁମ ପରି ପ୍ରେମିକ ହେଲେ ନିକୃଷ୍ଟତମ କଟକୀ ଭଡ଼ାଟିଆ । ସେମାନେ ତୁମ ଛାତିରେ ଘର କରିବେ, ଭଡ଼ା ଦେବେନି, ଘର ଛାଡ଼ିବେନି, ଆଉ ଗଲାବେଳେ ସବୁ ଭାଙ୍ଗିଦେଇ ଯିବେ ।' ଏଇ ହେଲା ଆମ ସମୟର ପ୍ରେମର ସ୍ୱରୂପ ।

'ବେଶ ପୋଷାକ' ଗଳ୍ପଟି ଗାଳ୍ପିକଙ୍କ ତରୁଣ ବୟସର ଅନୁଭୂତି ଉପରେ ଦଣ୍ଡାୟମାନ । ଗଳ୍ପଟିରେ ଆତ୍ମଜୀବନୀର ବାସ୍ନାଅଛି । ଏଥିରେ ଦେବଦାସ ଛୋଟରାୟ ନିଜ ପରିବାର, ସାଙ୍ଗସାଥୀ ଓ କଟକ ସହରକୁ ସ୍ଥାନ ଦେଇଛନ୍ତି । ପୋଷାକ ତିଆରି କରୁଥିବା ବକ୍ସିବଜାରର ଦର୍ଜୀ ବାବୁଭାଇ କଥା ଗଳ୍ପର ପ୍ରଥମ ଭାଗରେ କୁହାଯାଇଛି । ଏହାପରେ ଆସିଛି ପ୍ରଦୀପ୍‌ଦାଙ୍କ ପ୍ରସଙ୍ଗ । ତାଙ୍କର ବ୍ୟକ୍ତିଗତ ଜୀବନ, ମନସ୍ତତ୍ତ୍ୱ ଓ କାର୍ଯ୍ୟକଳାପକୁ ଏ ଗଳ୍ପରେ ଚର୍ଚ୍ଚା କରିବାସହ ନାରୀମାନଙ୍କ ପ୍ରତି ଥିବା ତାଙ୍କର ଦୃଷ୍ଟିଭଙ୍ଗୀକୁ ଗାଳ୍ପିକ ଉପସ୍ଥାପନ କରିବାକୁ ଚାହିଁଛନ୍ତି । ଅନ୍ୟମାନଙ୍କ ନଜରରେ ତା'ର ବ୍ୟକ୍ତିତ୍ୱକୁ ଆକ୍ଷେପ କରାଯାଇଥିଲେ ମ୍ଭ ଛୋଟ ଝିଅଟିର ନଜରରେ ତାହା ଭିନ୍ନ ମନେହୋଇଛି ।

ମଣିଷର ସ୍ୱାଭାବିକ ପ୍ରବୃତ୍ତି ଓ ମାନସିକତା ସମାଜ କିମ୍ବା ସରକାରୀ ନିୟମଦ୍ୱାରା ଆବଦ୍ଧ ନୁହେଁ । ଲତାଟିଏ ଲଟେଇଗଲା ଭଳି ମନ ମାଡ଼ିଯାଏ । ନିୟମକାନୁନ୍ ଦ୍ୱାରା ତା'ର ଦିଗ ବଦଳେଇ ଦିଆଯାଇପାରେ କିନ୍ତୁ ତା'ର ବଢ଼ିବାର ପ୍ରକ୍ରିୟାକୁ ବନ୍ଦ କରିହୁଏନା । ସେଇ ସରଳ, ସ୍ୱଚ୍ଛଳ, ସ୍ୱାଭାବିକ ମାନସିକ ପ୍ରତିକ୍ରିୟାକୁ ସିଧାସଳଖ ଭାବେ 'ଇଣ୍ଟରଭ୍ୟୁ' ଗଳ୍ପରେ ସୋନିଆ ମହାପାତ୍ର ଚରିତ୍ର ମ୍ଧ୍ୟମରେ ଚିତ୍ରିତ କରିବାକୁ ଚେଷ୍ଟା କରିଛନ୍ତି ଗାଳ୍ପିକ ଦେବଦାସ ଛୋଟରାୟ । ସେସମାଜ, ସଂସ୍କୃତି ଓ ସରକାରୀ ବ୍ୟବସ୍ଥା ଅପେକ୍ଷା ମଣିଷର ସ୍ୱତଃପ୍ରବୃତ୍ତ ମାନସିକ ଆବେଗ ଓ ପରିକଳ୍ପନାକୁ ଗୁରୁତ୍ୱ ଦେଇଛନ୍ତି । 'ଇନ୍ଦ୍ରଧନୁର ଛାଇ' ନାଟକର ସ୍କ୍ରିପ୍ଟ ଲେଖୁଥିବାବେଳେ ନିର୍ଦ୍ଦେଶକ ସୁଶାନ୍ତ ମିଶ୍ର ପ୍ରାର୍ଥୀ ସୋନିଆକୁ ଏକ ଲମ୍ବା କରିଡରରେ ଚଲାଇ ନେଉଥିବାବେଳେ ନେପଥ୍ୟରୁ ସେ ଯେଉଁ ବକ୍ତବ୍ୟ ଶୁଣିଥିଲେ 'ଇଣ୍ଟରଭ୍ୟୁ' ଗଳ୍ପରେ ଦେବଦାସ ତାହାହିଁ ଉଲ୍ଲେଖ କରିଛନ୍ତି ବୋଲି ସ୍ୱୀକାର କରନ୍ତି । ଜଣେ ପ୍ରାର୍ଥୀ ସାକ୍ଷାତକାର ସମୟରେ ଯାହା ଭାବୁଥାଏ ଅଥଚ ମୁହଁ ଖୋଲି କହିବାର ସାହସ ନଥାଏ, ସେସବୁ କଥାକୁ ଅତି ପ୍ରାଞ୍ଜଳ ଭାବେ ଏହି ଗଳ୍ପରେ ପ୍ରକାଶ କରାଯାଇଛି । ଏହି ଗଳ୍ପରେ ସୋନିଆ ମହାପାତ୍ର ଏକ ବିରଳ ଚରିତ୍ର । ସେ ସ୍ୱପ୍ନ ପ୍ରବଣ । ନିଜ ଭାବନାକୁ ବେଶ୍ ସରଳ, ସାବଲୀଳ, ସ୍ପଷ୍ଟ ଭାବରେ ଉପସ୍ଥାପନ କରିଛି । ସେ ନିଜେ ସ୍ୱୀକାର କରି କହୁଛି- "ଛାଡ଼ନ୍ତୁ ସାର୍ , ଖାଲି ଇଣ୍ଟରଭ୍ୟୁରେ ପହଞ୍ଚିଗଲେ କ'ଣ ମିଳେ ? ଆପଣ ବି ଜାଣନ୍ତି, ମୁଁ ବି ଜାଣିଛି, ଏ ଚାକିରି ମୁଁ ପାଇବିନି । ତା' ହେଲେ କାହିଁକି ଆସିଛି, ଏଇକଥା ପଚାରୁଛନ୍ତି ? ସତକଥା କହିଲେ, ମୁଁ ଆସିଛି ମୋ ନିଜକୁ ଖୋଜିବାକୁ । ହଁ ମୋ ନିଜକୁ, ଅନ୍ୟମାନଙ୍କ ଆଖିରେ ।'(୭) ଇଣ୍ଟରଭ୍ୟୁ ଗଳ୍ପରେ ତା' ମୁଖର ବର୍ଣ୍ଣନାରେ ବାସ୍ତବତା କମ୍, ଅବାସ୍ତବ ପରିକଳ୍ପନା ହିଁ ମୁଖ୍ୟ ସ୍ଥାନ ଗ୍ରହଣକରିଛି ।

'ବୃତ୍ତ' ଗଳ୍ପରେ ଅଛି ଏକ ପରାଜିତ ପ୍ରେମିକର ଉଷ୍ମ ନିଶ୍ୱାସ । ହତାଶାବୋଧର ଏରୁଣ୍ଡିବନ୍ଧରେ ଛିଡ଼ାହୋଇ ଅପ୍ପାରାଓ ତା'ର ଅତୀତକୁ ପ୍ରଦକ୍ଷିଣ କଲାବେଳେ ତାକୁ ଦିଶୁଛି ଖାଲି ସୌମ୍ୟା । ବିଏ ଫେଲ୍ ହୋଇଥିବା ଅପ୍ପାରାଓକୁ ସୌମ୍ୟା ସିନା ନିଜ ଜୀବନରୁ ଦୂରେଇ ଦେଇଛି କିନ୍ତୁ ସୌମ୍ୟାକୁ ନିଜ ମନଭିତରୁ କାଢ଼ି ପାରିନାହିଁ ଅପ୍ପାରାଓ ଜୀବନର ଅପରାହ୍ନ ପର୍ଯ୍ୟନ୍ତ । ନିଜ ପ୍ରେମିକା ସୌମ୍ୟାକୁ ଖୁସି କରିବାପାଇଁ ସେ ଜୀବନରେ ଅନେକ ଚେଷ୍ଟା କରିଛି । 'ସୌମ୍ୟା ସାଇକେଲ ଚାଳନା ଭଲପାଉଥିଲେ । ସେ ସାଇକେଲ ଚଳାଏ । ସୌମ୍ୟା ଜୋତା ପାଲିସ୍ ଭଲପାଉଥିଲେ, ସେ ଜୋତା ପାଲିସ୍ କରୁଥାନ୍ତା ।' ପୁନଶ୍ଚ ଅପ୍ପାରାଓର ପ୍ରେମର ଚିରନ୍ତନ ଆବେଗକୁ ପ୍ରକାଶ କରିବାକୁ ଯାଇ ଗାଳ୍ପିକ କହିଛନ୍ତି - "ସୌମ୍ୟା ତା'ର ପ୍ରେୟସୀ ଥିଲେ, ମାନସୀ ଥିଲେ, ଜନନୀ, ଭଗିନୀ, ବାନ୍ଧବୀ, ହିତାକାଂକ୍ଷିନୀ, ସବୁ ଥିଲେ ।' ସେଥିପାଇଁ ହୁଏତ ସ୍ତ୍ରୀର ସଙ୍କୁଚିତ ସଂଜ୍ଞାକୁ ସେ ଅସ୍ୱୀକାର କରିଛନ୍ତି । ଇତିହାସରେ ସ୍ନାତକ ଅଧ୍ୟୟନ କରୁଥିବା ଅପ୍ପାରାଓ

ବିଏ ଫେଲ୍ ହୋଇଯିବା ପରେ ତାକୁ ସବୁଠୁ ବେଶି ପ୍ରେମକରୁଥିବା ଗଣିତ ବିଭାଗର ଛାତ୍ରୀ ସୌମ୍ୟା କ୍ରମଶଃ ତା' ଜୀବନରୁ ଦୂରେଇ ଯାଇଛି । ଦେବଦାସଙ୍କ ଗଳ୍ପରେ ଏମିତି ଅନେକ ଆକର୍ଷଣୀୟ ସଂଳାପ ଦୃଷ୍ଟିଗୋଚର ହୋଇଥାଏ । ମଣିଷର ମାନସିକ ଅବସ୍ଥା କିପରି ତା'ର କାର୍ଯ୍ୟ ଦକ୍ଷତାକୁ ନିୟନ୍ତ୍ରିତ କରେ ତା'ର ଏକ ବିଶ୍ଳେଷଣାତ୍ମକ ବର୍ଣ୍ଣନା ରହିଛି ଏହି ଗଳ୍ପରେ । ଅପ୍ପାରାଓ ଓ ସୌମ୍ୟା ମଧ୍ୟରେ ଥିବା ଜଟିଳ ସଂପର୍କ ସମ୍ବନ୍ଧରେ ଗାଳ୍ପିକ ଦୀର୍ଘ ବର୍ଣ୍ଣନା କରିଛନ୍ତି । ପ୍ରେମରେ ବିଫଳ ହୋଇଥିବା ଜଣେ ପରାଜିତ ପ୍ରେମିକ ପ୍ରତ୍ୟେକ ନାରୀ ଭିତରେ ତା'ପ୍ରେମିକାକୁ ଖୋଜୁଥାଏ । ଯେଉଁଠି ଟିକିଏ ସାମଞ୍ଜସ୍ୟ ସେ ଖୋଜିପାଏ, ସେଠି ଦୁର୍ବଳ ହୋଇପଡ଼ିବା କିଛି ଅସ୍ୱାଭାବିକ କଥା ନୁହେଁ । 'ବୃତ୍ତ' ଗଳ୍ପର ଚରିତ୍ର ଅପ୍ପାରାଓ ଏକ ସର୍କସ ପ୍ରତିଯୋଗିତା ଭିତରେ ଖୋଜିପାଇଛି ତା'ର ପ୍ରେମିକା ସୌମ୍ୟାକୁ । ଚାରିଚକ୍ଷୁର ମିଳନ ମାତ୍ରକେ ସେ ନିଜର ଅସ୍ତିତ୍ୱକୁ ଭୁଲି ଯାଇଛି । ଆତ୍ମବିସ୍ମୃତ ହୋଇ ସେ ଖସିପଡ଼ିଛି ସାଇକେଲରୁ, ନିର୍ଦ୍ଦିଷ୍ଟ ସମୟର ଦଶମିନିଟ୍ ପୂର୍ବରୁ । ସାଇକେଲ ଚଳାଉଥିବା ଅବସ୍ଥାରେ ନିଜ ପ୍ରେମିକା କଥା ମନେପକାଇ ବାରମ୍ବାର ଅନ୍ୟମନସ୍କ ହୋଇପଡୁଥିବା ଅପ୍ପାରାଓର ମାନସିକ ଦ୍ୱନ୍ଦ୍ୱର ତୀବ୍ର ଅବ୍ୟବସ୍ଥିତ ଚିନ୍ତା ଚେତନାକୁ ନେଇ ଯେଉଁ ବିଶ୍ଳେଷଣ ବୃତ୍ତ ଗଳ୍ପରେ ଦେଖାଯାଏ ତାହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ।

ଅପରିଣତ ବୟସରେ ଯୌନତା ସମ୍ବନ୍ଧରେ ଯେଉଁ ଅପରିପକ୍ୱ ଧାରଣା ସୃଷ୍ଟିହୁଏ, ତାହା ପିଲାଦିନକୁ କିପରି ପ୍ରଭାବିତ କରେ । ସେଇ ନିଷିଦ୍ଧ ଘଟଣାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ସାବଲୀଳ ବର୍ଣ୍ଣନା ଦେଖିବାକୁ ମିଳେ 'ଆଲିସର ବୋଉ' ଗଳ୍ପରେ । ଏହା ଏକ ଶିଶୁମନସ୍ତତ୍ତ୍ୱ ଆଧାରିତ ଗଳ୍ପ । 'ଆଲିସର ବୋଉ' ଗଳ୍ପଟି ପ୍ରଥମେ 'କଥା' ପତ୍ରିକାରେ ଏବଂ ତା'ପରେ ବିଭୂତି ପଟ୍ଟନାୟକଙ୍କ ସମ୍ପାଦିତ 'ଗଳ୍ପ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହି ଗଳ୍ପଟି ପରବର୍ତ୍ତୀ ସମୟରେ ବଙ୍ଗଳା ଭାଷାରେ ଅନୂଦିତ ହୋଇ ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା । ଗଳ୍ପଟିରେ ବୟସ୍କା ମହିଳାଙ୍କ ପ୍ରତି ରହିଥିବା ଯୌନ ଆବେଦନର ଯେଉଁଭଳି ଭାବେ ବର୍ଣ୍ଣନା ରହିଛି, ଏକସମୟରେ ତାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଗଳ୍ପନାୟକଙ୍କ ଚରିତ୍ର ସଂପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଗଳ୍ପର ପ୍ରଥମ ବାକ୍ୟରେ ରମେଶ୍ କହିଛି, 'ସ୍ତ୍ରୀମାନଙ୍କ ବ୍ୟାପାରରେ ତୋର କୌଣସି ନୈତିକତା ନାହିଁ, ସେକଥା ଆମେ ଜାଣିଛୁ, କିନ୍ତୁ ଜୀବନସାରା ବୟସ୍କା ସ୍ତ୍ରୀ ଲୋକଙ୍କ ପିଛା କରିବା ଯେ କେଉଁ ରକମର ମନସ୍ତତ୍ତ୍ୱ, ସେତିକି ବୁଝି ହେଉନି ।' ଗଳ୍ପନାୟକ ମଧ୍ୟ ଏହାକୁ ସ୍ୱୀକାର କରି କହିଛନ୍ତି- 'ରମେଶ୍ ଠିକ୍ କହୁଥିଲା, ମୁଁ ପରିଣତ ଆଉ ଈଷତ୍ ପୁରୁଣା ହୋଇଆସୁଥିବା ନାରୀ ଦେହର ମୋହରୁ ସତରେ ବାହାରିପାରେନି ।' -ଏ ଧରଣର ବର୍ଣ୍ଣନା କରିପାରୁଥିବା ଦେବଦାସ ସତରେ ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ଓ ଭାବପ୍ରବଣ ପ୍ରେମିକ ବ୍ୟତୀତ ଅନ୍ୟକିଛି ନୁହଁନ୍ତି । ତାଙ୍କ ଗଳ୍ପରେ ପ୍ରଣୟର ଆକର୍ଷଣ ଦୁନିଆର ସବୁ ସଂପର୍କଠାରୁ ଉଚ୍ଚତର ସ୍ଥାନ ପାଇଛି । 'ଆଲିସର ବୋଉ' ଅପରିଣତ ବୟସର ପିଲାମାନଙ୍କ ମାନସିକତାର ଅପୂର୍ବ ଅଲେଖ୍ୟ । କୈଶୋରାବସ୍ଥାରେ ଯୌନତାକୁ ନେଇ ଯେଉଁ ଆଶା, ଆଶଙ୍କା, ଦ୍ୱନ୍ଦ୍ୱ, ଅପୂର୍ଣ୍ଣ ଜିଜ୍ଞାସା ଥାଏ ମାତ୍ର ପରିପ୍ରକାଶର ସାହସ ନଥାଏ; ସେଇ ଗୋପନୀୟ କଥାକୁ ବେଶ୍ ଆକର୍ଷଣୀୟ ଶୈଳୀରେ ବାଢ଼ି ଦେଇଛନ୍ତି ଲେଖକ ।

'ଜିନିଷ' ଗଳ୍ପରେ ରହିଛି ଦେହାତୀତ ବର୍ଣ୍ଣନା । ମଣିଷ ମରିଗଲା ପରେ ତା'ର ଆତ୍ମା ସହରସାରା ଘୁରି ବୁଲୁଛି । ଇହଲୋକ ଛାଡ଼ି ଚାଲିଯିବା ପୂର୍ବରୁ ସେ ତା'ର ସବୁଠୁ ପ୍ରିୟ ବସ୍ତୁଟି ସାଙ୍ଗରେ ନେଇଯିବାପାଇଁ ଚାହୁଁଚି ମାତ୍ର ସେ ବସ୍ତୁଟି କ'ଣ ତାହା ସେ ନିଜେ ମଧ୍ୟ ବିଚାର କରିପାରୁନାହିଁ । ତା'ର ଘର, ନିଜ ବ୍ୟକ୍ତିଗତ କୋଠରୀ, ଗୋପନୀୟ ବାକ୍ସ, ଚିଠିପତ୍ର ଏପରିକି ଅନ୍ତରଙ୍ଗ ମୁହୂର୍ତ୍ତ ସବୁର ସ୍ମୃତିକୁ ବି ସାଙ୍ଗରେ ନେଇପାରୁନି ସେ । ଗାଳ୍ପିକ ଏଠାରେ ଏଇକଥା ବୁଝେଇଦେବାକୁ ଚାହାଁନ୍ତି ଯେ - ଜୀବନ ସାରା ଖାଲି 'ମୋର' 'ମୋର' ବୋଲି କହି ବୁଲୁଥିବା ମଣିଷ ଶେଷରେ ନିଜ ପୋଷାକ, ନିଜ ଶରୀରକୁ ବି ଏଇ ପୃଥିବୀରେ ଛାଡ଼ିଯିବାକୁ ବାଧ୍ୟହୁଏ ।ଏହି ଗଳ୍ପରେ ଗଳ୍ପନାୟକ ନିଜକୁ ଜଣେ ମୃତ ବ୍ୟକ୍ତିର ଆତ୍ମା ବୋଲି ମନେକରନ୍ତି । ନିଜ ଶରୀରକୁ ତ୍ୟାଗକରିସାରିବା ପରେ ମଧ୍ୟ ନିଜ ପ୍ରିୟଜନ, ପ୍ରିୟଦ୍ରବ୍ୟରୁ ମୋହ ତୁଟାଇ ପାରିନଥିବା ଆତ୍ମାଟି କିଭଳି ଘୁରିବୁଲୁଛି ତତ୍ ସଂପର୍କରେ ଏକ ଚଳନ୍ତି ଚିତ୍ର ଆମେ ଏହି ଗଳ୍ପରେ ଦେଖିପାରିବା । ବର୍ଣ୍ଣନା ଦୃଷ୍ଟିରୁ ଏ ଗଳ୍ପଟି କମଳା ଶତପଥୀଙ୍କ 'ନାମ ଫଳକ' ଗଳ୍ପ ସହ ତୁଳନୀୟ । ସବୁଠୁ ବଡ଼କଥା, ଜୀବନ ଓ ମୃତ୍ୟୁ ମଧ୍ୟରେ ପ୍ରଭେଦ ବିଚାର ନକରି ଗଳ୍ପଲେଖକ ଏକ ସୂକ୍ଷ୍ମ ପରଦା ବିଭେଦରେ କାହାଣୀକୁ ଗତିଶୀଳ କରାଇଛନ୍ତି । ଯେଉଁଥିରେ ପାଠକ ବେଶ୍ ଉତ୍କଣ୍ଠିତ ହୋଇପଡ଼େ । ଏଥିରେ ଯେଉଁ ପରିବେଶ ଓ କଥାବସ୍ତୁ ବର୍ଣ୍ଣନା କରାଯାଇଛି ତାହା ଅତିକଳ୍ପନାର ଅନ୍ତର୍ଭୁକ୍ତ । ସିନେମା ହଲରେ ଦୃଶ୍ୟାୟିତ ହେଉଥିବା ଏକ ହରର୍ ଫିଲ୍ମ ଭଳି ମନେହୁଏ 'ଜିନିଷ' ଗଳ୍ପର କଥାବସ୍ତୁ । କଟକ ସହର ଭିତର ଦେଇ ଗଲାବେଳେ ଆତ୍ମାର ନିଜସ୍ୱ ଅନୁଭବ ଯେତିକି ଅଦ୍ଭୁତ, ସେତିକି ବିସ୍ମୟକର । ଏଣୁ ଏଥିରେ ଆକସ୍ମିକତା ଦୃଷ୍ଟିଗୋଚର ହେବା ସ୍ୱାଭାବିକ । ମୃତ୍ୟୁ ପରେ ମଣିଷର ଆତ୍ମା ସବୁକିଛି ଛାଡ଼ିଦେଇ ଚାଲିଯାଏ, ଏପରିକି ଜନ୍ମବେଳେ ସାଙ୍ଗରେ ଧରି ଆସିଥିବା ଶରୀରଟିକୁ ମଧ୍ୟ । ଯଦି ସେ କିଛି ନେବାକୁ ଇଚ୍ଛା କରନ୍ତା, ତେବେ ସେ ଜିନିଷଟି କ'ଣ ହୁଅନ୍ତା ! ଏ ପ୍ରକାର ଜିଜ୍ଞାସାର ତାର୍ଯ୍ୟକ ଉତ୍ତର ରହିଛି 'ଜିନିଷ' ଗଳ୍ପରେ ।

'ଦାକ୍ଷିଣାତ୍ୟ' ଗଳ୍ପରେ କୃଷ୍ଣକୁମାରୀର ବ୍ୟକ୍ତିତ୍ୱ ଓ ପରିଚୟ ଏବଂ ମନ୍ଦିର ପୂଜକଙ୍କ ପ୍ରକୃତ ଭୂମିକା ସଂପର୍କରେ ଏକ ଅସ୍ପଷ୍ଟ ଉତ୍କଣ୍ଠାପୂର୍ଣ୍ଣ ପ୍ରସଙ୍ଗ ବର୍ଣ୍ଣିତ । ଏହା ସ୍ୱାଭାବିକ କାରଣ ଏହି ଗଳ୍ପଟି କଳ୍ପନା ପ୍ରସୂତ ନୁହେଁ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ନୁହେଁ । ମୁଖବନ୍ଧରେ ଗାଳ୍ପିକ ସ୍ୱୀକାରୋକ୍ତି ଦେଇଛନ୍ତି ଯେ "ମୁଁ ଲଣ୍ଡନରେ ଥିଲାବେଳେ ଦେଖିଥିବା ଏକ ଦୀର୍ଘ ସ୍ୱପ୍ନର ଅବିକଳ ମୁଦ୍ରଣ । ଚରିତ୍ରମାନଙ୍କର ନାମ ସମେତ ସବୁ ସେ ସିନେମାପରି ଦେଖିଥିବା ସ୍ୱପ୍ନରୁ ଆସିଛି । ଯେମିତି ଆସିଥିଲା 'ଲାଲମାଛ'ର 'ସମ୍ରାଟ' ।'(୮) ଏକ ସ୍ୱପ୍ନରୁ ତୀବ୍ର ଉତ୍କଣ୍ଠା ବ୍ୟତୀତ ଆଉ କ'ଣ ଆଶା କରାଯାଇପାରେ । ଏକ ଦୀର୍ଘ ସ୍ୱପ୍ନରୁ ଜନ୍ମନିଏ 'ଦାକ୍ଷିଣାତ୍ୟ' ଗଳ୍ପ । ସ୍ୱପ୍ନ ପରି ଗଳ୍ପଟି ମ୍ନ ସ୍ୱପ୍ନାବିଷ୍ଟ । ଏଥିରେ କୃଷ୍ଣାକୁମାରୀକୁ ଏକ ବର୍ତ୍ତୁଳ ଚରିତ୍ର ଭାବେ ଉପସ୍ଥାପନ କରି ଶୃଙ୍ଗାରିକ ଆବେଗ ଓ ଅବଚେତନ ମନର ସକଳ ଅଭିବ୍ୟକ୍ତିକୁ ବାଢ଼ି ଦେଇଛନ୍ତି ଦେବଦାସ । ଏହାକୁ ଆମେ ଫ୍ରଏଡୀୟ ମନସ୍ତତ୍ତ୍ୱ ଆଧାରରେ ଲୁସିଡ୍ ଡ୍ରିମ୍ (Lucid dream)ର ଅନ୍ତର୍ଭୁକ୍ତ କରିପାରିବା । ଦେଖିଥିବା ସ୍ୱପ୍ନସହ ପରିକଳ୍ପନାକୁ ମିଶାଇ ଏହି ସ୍ୱୟଂସମ୍ପୂର୍ଣ୍ଣ କାହାଣୀଟି ପ୍ରସ୍ତୁତ ହୋଇଛି, ଯାହା ପାଠକକୁ ଅଭିଭୂତ ଓ ଆଚ୍ଛନ୍ନ କରି ରଖିବାକୁ ସକ୍ଷମ ହୁଏ । ଛଅଟି ଏନଜିଓ ସଂସ୍ଥାକୁ ଫେରାଇଦେଇଥିବା ଅଫିସରଙ୍କୁ ଜଣେ ଓକିଲ ପାଖରେ କାମକରୁଥିବା ଜୁନିଅର୍ ସହକର୍ମୀ ସୂର୍ଯ୍ୟକୁମାରୀ ତା'ର ବକ୍ତବ୍ୟରେ ପ୍ରଭାବିତ କରିବା ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ । ଯେତେବେଳେ ଜଣାପଡ଼ିଲା ଝିଅଟି ଜଣେ ସମ୍ଭ୍ରାନ୍ତ ଶିକ୍ଷିତ ନଥିଲା ବରଂ ଜଣେ ଦେହଜୀବୀ ଥିଲା । ଯା'ଠୁ ବଡ଼ ବିସ୍ମୟ ଆଉ କ'ଣ ଥାଇପାରେ ! ଦେବଦାସଙ୍କ ମତରେ, "ସ୍ୱପ୍ନ ମୋର ସମାନ୍ତର ଜୀବନ । ସ୍ୱପ୍ନ ଆଉ ଜାଗ୍ରତ ଅବସ୍ଥା ମୋ ପାଇଁ ଗୋଟିଏ ସୁଇଙ୍ଗ୍ ଡୋର୍ ପରି, ଯାହା ଭିତର ଦେଇ ମୁଁ ଅନାୟାସରେ ଯାତାୟତ କରେ ।' ମନ୍ଦିର ପରିସରରେ ରହୁଥିବା କୃଷ୍ଣାଙ୍ଗୀ ଯୁବତୀ ସୂର୍ଯ୍ୟକୁମାରୀ ସହ ସାମାନ୍ୟ ସଂପର୍କ ଯୋଡ଼ି ହୋଇଯିବା ପରେ, ଗଳ୍ପନାୟକଙ୍କ ମନରେ ଯେଉଁ ଆକର୍ଷଣ ଓ ଯୌନଲାଳସା ସୃଷ୍ଟି ହୋଇଛି ତାହା ଦେଖିବାକୁ ମିଳେ । ଗଳ୍ପ ନାୟକ ଓ ସୂର୍ଯ୍ୟକୁମାରୀ ମଧ୍ୟରେ ଗଢ଼ିଉଠିଥିବା ଅବୈଧ ସଂପର୍କ ସମ୍ବନ୍ଧରେ ଏକ ଦୀର୍ଘ ବର୍ଣ୍ଣନା ରହିଛି ଏହି ଗଳ୍ପରେ ।

**ପ୍ରାନ୍ତଟୀକା-**


୧ - ଦାସ, କିଶୋରୀଚରଣ, ଲେଖକର ଦୁଃଖ (ଓଡ଼ିଆ କ୍ଷୁଦ୍ରଗଳ୍ପ: ସୂଚନା ଓ ସମ୍ଭାବନା), ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମସଂସ୍କରଣ-୧୯୯୫, ପୃଷ୍ଠା-୫୧ ।

୨- ଛୋଟରାୟ, ଦେବଦାସ, ରମାକୁ ମାରିବାର ପାଞ୍ଚଟି ଉପାୟ, ଟାଇମପାସ୍, ଭୁବନେଶ୍ୱର, ପ୍ରଥମ ସଂସ୍କରଣ – ୨୦୧୫, ମୁଖବନ୍ଧ ।

୩- ଆଚାର୍ଯ୍ୟ, ପ୍ରଫେସର ଗୋଲକ ବିହାରୀ, ରମାକୁ ମାରିବାର ପାଞ୍ଚଟି ଉପାୟ ଆଲୋଚନା, ଇ-ଧ୍ୱନି ପ୍ରତିଧ୍ୱନି, ୨୦ ଜାନୁଆରୀ ୨୦୧୯, ପୃଷ୍ଠା-୪ ।

୪- ଛୋଟରାୟ, ଦେବଦାସ, ରମାକୁ ମାରିବାର ପାଞ୍ଚଟି ଉପାୟ, ଟାଇମପାସ୍, ଭୁବନେଶ୍ୱର, ପ୍ରଥମ ସଂସ୍କରଣ – ୨୦୧୫, ପୃଷ୍ଠା-୪୫ ।

୫- ନିର୍ଝରିଣୀ, ଶ୍ରୀଦତ୍ତା, ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ କ୍ଷୁଦ୍ରଗଳ୍ପ: ଧରା ଓ ଧାରା(ଦ୍ୱିତୀୟ ଭାଗ), ସତ୍ୟନାରାୟଣ ବୁକ୍‌ଷ୍ଟୋର, କଟକ, ପ୍ରଥମ ସଂସ୍କରଣ – ୨୦୨୨, ପୃଷ୍ଠା-୪୪୨ ।

୬- ଛୋଟରାୟ, ଦେବଦାସ, ରମାକୁ ମାରିବାର ପାଞ୍ଚଟି ଉପାୟ, ଟାଇମପାସ୍, ଭୁବନେଶ୍ୱର, ପ୍ରଥମ ସଂସ୍କରଣ – ୨୦୧୫, ପୃଷ୍ଠା-୭୫ ।

୭- ସେହିଠାରେ, ପୃଷ୍ଠା-୮୬ ।

୮- ସେହିଠାରେ, ମୁଖବନ୍ଧ ।



**ଗବେଷକ, ଓଡ଼ିଆ ବିଭାଗ**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ- ୭୫୩୦୦୩**

**ଯୋଗାଯୋଗ - ୮୮୪୭୮୮୧୩୯୭**

ISSN -2583-147X(P), **Vol.- 8, Issue No. III, JUNE 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ ରାଜନୀତିକ ଚେତନା: ଏକ ଦୃଷ୍ଟିପାତ

**- ସୁମନ୍ତ କୁମାର ଭୋଇ**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଭାରତୀୟ ସମାଜରେ ତଥା ସାମାଜିକ ବ୍ୟବସ୍ଥାରେ ରାଜନୀତି ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସମସ୍ତ କ୍ଷେତ୍ର, ଏପରିକି ସମାଜର ନିମ୍ନସ୍ତରରୁ ଉଚ୍ଚସ୍ତର, ଶିକ୍ଷାଠାରୁ ଆରମ୍ଭ କରି ଧର୍ମ ଆଦି ସବୁ କ୍ଷେତ୍ରରେ ରାଜନୀତିର ପ୍ରଭାବ, ଗୁରୁତ୍ୱ ଓ ଅସ୍ତିତ୍ୱକୁ ଅସ୍ୱୀକାର କରିହେବ ନାହିଁ । ସବୁଠାରେ ରାଜନୀତିର ଅନଧିକାର ପ୍ରବେଶ ଦେଖିବାକୁ ମିଳେ । ଏକପ୍ରକାରେ ରାଜନୀତି ହିଁ ସମସ୍ତ କ୍ଷେତ୍ରକୁ ନିୟନ୍ତ୍ରିତ ଓ ପ୍ରଭାବିତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଗୋଟେ ଦେଶର ଉନ୍ନତି ଓ ଅବନତି ରାଜନୀତି ଉପରେ ନିର୍ଭର କରିବା ସ୍ୱାଭାବିକ । ବିଶେଷଭାବେ ଭାରତୀୟ ସମାଜ ରାଜନୀତିର ପ୍ରଭାବରେ ବହୁଳ ଭାବରେ ପ୍ରଭାବିତ । ଏଠାରେ ପ୍ରତ୍ୟେକ ବ୍ୟକ୍ତି ପରୋକ୍ଷରେ ହେଉ ବା ପ୍ରତ୍ୟେକ୍ଷ ଭାବେ ହେଉ ରାଜନୀତିରେ ଜଡ଼ିତ ଥିବା ଦୃଷ୍ଟିଗୋଚର ହୁଏ । ଏଣୁ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଣିଷକୁ ଏକ ରାଜନୀତିକ ପ୍ରାଣୀ ବୋଲି ବିବେଚନା କରିବା କୌଣସି ଦୋଷାବହ ମନେ ହୁଏ ନାହିଁ । ଅଥଚ ଆମକୁ ସ୍ୱୀକାର କରିବାକୁ ପଡ଼େ ଯେ, ମଣିଷ ହେଉଛି ଏକ ରାଜନୀତିକ ପ୍ରାଣୀ । ଯଦିଓ ଆରିଷ୍ଟଟଲ ମଣିଷକୁ ଏକ ସାମାଜିକ ପ୍ରାଣୀ ବୋଲି ମତ ପ୍ରଦାନ କରିଛନ୍ତି ତଥାପି ସେ ତାଙ୍କର ଗ୍ରନ୍ଥରେ "ମଣିଷ ପ୍ରକୃତିରେ ଏକ ରାଜନୀତିକ ପ୍ରାଣୀ" ଅର୍ଥାତ "Man is by nature a political animal" ବୋଲି ଉଲ୍ଲେଖ କରିଛନ୍ତି । ଯାହାବି ହେଉ ଓଡ଼ିଆ ସାହିତ୍ୟରେ ରାଜନୀତିକ ଚେତନା ଏକ ଅର୍ବଚୀନ କଥା । ସ୍ୱାଧୀନତା ପରବର୍ତ୍ତୀ କାଳରେ ବହୁ ସଂଖ୍ୟାରେ ରାଜନୀତିର ଘନଘଟାକୁ ନେଇ ଓଡ଼ିଆ ଭାଷାରେ ବହୁ କବିତା, ଉପନ୍ୟାସ, ପ୍ରବନ୍ଧ ଓ କ୍ଷୁଦ୍ରଗଳ୍ପ ରଚିତ ହୋଇଛି । ବିଶେଷ ଭାବରେ କ୍ଷୁଦ୍ରଗଳ୍ପରେ ଏହାର ପ୍ରତିଫଳନ ବେଶ୍ ସ୍ପଷ୍ଟ । ତେବେ ରାଜନୀତିର ପ୍ରସଙ୍ଗକୁ ଉପଜୀବ୍ୟ କରି ସାହିତ୍ୟ ସର୍ଜନା ହେବାର ପୃଷ୍ଠପଟ୍ଟରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ହେଉଛି– ଦେଶ ବିଭାଜନ ଓ ସ୍ୱାଧୀନତା ଲାଭ, ସାଂପ୍ରଦାୟିକ ହଣାକଟା, ସମ୍ବିଧାନ ପ୍ରଣୟନ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରଚଳନ, ନିର୍ବାଚନ, ଦେଶୀୟ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ୱାଧୀନ ଭାରତରେ ଦୟନୀୟ ଅବସ୍ଥା, ଗାନ୍ଧିଜୀଙ୍କ ଆଦର୍ଶ ପ୍ରତି ଅନାଗ୍ରହ, କ୍ଷମତା ସିଂହାସନର ମୋହ, ବ୍ୟକ୍ତିକୈନ୍ଦ୍ରିକ ରାଜନୀତି, ନେତାମାନଙ୍କର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ଛଳନା ତଥା ରାଜନୀତିର ପଶାପାଲିରେ ନିକ୍ଷେପିତ ଅସହାୟ ଜନସାଧାରଣଙ୍କ ଦୟନୀୟ ଅବସ୍ଥା ପ୍ରଭୃତି ୧୯୫୦ ପରର ଓଡ଼ିଆ କ୍ଷୁଦ୍ରଗଳ୍ପକୁ ଅଧିକ ଋଦ୍ଧିମନ୍ତ କରିଥିବା ବେଳେ ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ କ୍ଷମତାଲିପ୍ସା, ରାଜନୈତିକ ହିଂସାକାଣ୍ଡ, ରାଜନେତାମାନଙ୍କର ମିଥ୍ୟା ପ୍ରତିଶ୍ରୁତି, ସାଧାରଣ ଜନତାଙ୍କ ପ୍ରତି ପ୍ରତାରଣା, ରାଜନେତାମାନଙ୍କର ବ୍ୟଭିଚାର ତଥା ଚାକିରି କରାଇଦେବା ନାଁରେ ଝିଅମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଓ ନିର୍ବାଚନରେ ଅସାଧୁ ଉପାୟରେ ଅର୍ଥ କାରାବାର ଆଦି ପ୍ରସଙ୍ଗ ବହୁ ଭାବରେ ଦେଖିବାକୁ ମିଳେ । ଏଣୁ ଏକାଳର ରାଜନୈତିକ ସ୍ଥିତାବସ୍ଥାକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ଯେଉଁ କେତେଜଣ ଗାଳ୍ପିକ ସାମଜର ଅନ୍ଧାରି ଦିଗର ଉନ୍ମୋଚନରେ ମନୋନିବେଶ କରିଛନ୍ତି ଓ ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ ରହିଥିବା ରାଜନୀତିର ବିଭତ୍ସତାକୁ ଉପଲବ୍ଧିପୂର୍ବକ ଗଳ୍ପର ଭାବବସ୍ତୁ ରୂପେ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ କଥାକାର ବିଭୂତି ପଟ୍ଟନାୟକ, କବିତା ବାରିକ, ପ୍ରତିଭା ରାୟ, ଅରବିନ୍ଦ ରାୟ, ରାମଚନ୍ଦ୍ର ବେହେରା, କଇଳାଶ ପଟ୍ଟନାୟକ, ଦେବ ପ୍ରସାଦ ଦାସ, ରବି ପଣ୍ଡା ଆଦି ଅନ୍ୟତମ । ତେବେ ଉପର୍ଯ୍ୟୁକ୍ତ ଗାଳ୍ପିକମାନଙ୍କର ଗଳ୍ପଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା–

କଥାକାର ବିଭୂତି ପଟ୍ଟନାୟକ ଓଡ଼ିଅ କ୍ଷୁଦ୍ରଗଳ୍ପ ସାହିତ୍ୟରେ ଜଣେ ପ୍ରାତଃ ସ୍ମରଣୀୟ ସାରସ୍ୱତ ପ୍ରତିଭା । ସମାଜିକ ଜୀବନର ବାସ୍ତବତା, ମଣିଷର ଅସହାୟତା, ରଜଜନୀତିର କଳୁଷକାଳିମା ଆଦିକୁ ଭିତ୍ତିକରି ତାଙ୍କ ଗଳ୍ପର କଥାବସ୍ତୁ ଗତିଶୀଳ । ଗାଳ୍ପିକ ପଟ୍ଟନାୟକଙ୍କ 'ମହିଷାସୁରର ମୁହଁ' ଗଳ୍ପଟି ଏ ଦୃଷ୍ଟିରୁ ଅନ୍ୟତମ । ଏଥିରେ ରହିଛି ସାଂପ୍ରତିକ ରାଜନୀତିର ବାସ୍ତବ ରୂପରେଖ ଓ ରାଜନୀତି ନାମରେ ଦୁର୍ନୀତି, ଠକାମୀ, ଲାଞ୍ଚ, ମିଛ ଓ ବ୍ୟଭିଚାରର ବାସ୍ତବ ରୂପାୟନ । ଆଲୋଚ୍ୟ ଗଳ୍ପର ନାୟକ ସୁଦର୍ଶନ ଓଝା । ଯିଏକି ଶିକ୍ଷିତ ଏବଂ ସରକାରୀ ଚାକିରି ଆଶାୟୀ ଜଣେ ଯୁବକ । ଅଥଚ ଚାକିରି ନାମରେ ସେ ମନ୍ତ୍ରୀ ହରିହର ବାରିକ ଓ ଏବଂ ତାଙ୍କ କର୍ମୀ ହଳଧର ରାଉତ ଦ୍ୱାରା ପ୍ରତାରଣାର ଶିକାର ହୋଇଛି । ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନରେ ପଡ଼ି ସୁଦର୍ଶନ ମା'ର ଗହଣାବିକା ଅର୍ଥରୁ ଦଶହଜାର ଟଙ୍କା ନେଇ ହଳଧରକୁ ଦେଇଛି । ଅଥଚ ହଳଧର ଚାକିରି କରାଇ ଦେବ କହି ସୁଦର୍ଶନକୁ ଠଖିବାରେ ଲଗିଛି । ପୁନଶ୍ଚ ମନ୍ତ୍ରୀ ହରିହର ବାରିକ ଚାକିରି କରାଇଦେବା ନାମରେ କିଭଳି ଝିଅମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଛି ଏବଂ

ଅନେକ ବେରୋଜଗାରୀ ଶିକ୍ଷିତ ଯୁବକମାନଙ୍କର ଅର୍ଥକୁ ଲୁଣ୍ଠନ କରିଛି ତା'ର ଜୀବନ୍ତ ରୂପାୟନ ହିଁ ଏ ଗଳ୍ପରେ ଦେଖିବାକୁ ମିଳେ । ବାସ୍ତବରେ, ସାଂପ୍ରତିକ କାଳର ରାଜନେତାମାନଙ୍କର ଶଠତା ଓ ପ୍ରତାରଣା ହିଁ ଗାଳ୍ପିକଙ୍କ ଲେଖନୀ ମୁନରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି ।

ପୁନଶ୍ଚ କବିତା ବାରିକଙ୍କ 'ଗାନ୍ଧୀମାର୍କା ମଣିଷ' ଏକ ସାର୍ଥକ ରାଜନୀତିକ ଚେତନାଧର୍ମୀ ଗଳ୍ପ । ଉକ୍ତ ଗଳ୍ପରେ ସ୍ୱାଧୀନୋତ୍ତର କାଳର ସ୍ୱାର୍ଥସର୍ବସ୍ୱ ରାଜନୀତିକ ଚିତ୍ର ସହ ସମାଜରୁ କିଭଳି ଗାନ୍ଧୀ ଆଦର୍ଶର ବିଲୟ ଘଟୁଛି ତାହାକୁ ଜୀବନ୍ତ ଭାବେ ଉକ୍ତ ଗଳ୍ପରେ ଗାଳ୍ପିକା ଦେଖାଇଛନ୍ତି । ଗଳ୍ପରେ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ସଦାନନ୍ଦ ଜଣେ ଗାନ୍ଧୀବାଦୀ ବ୍ୟକ୍ତିତ୍ୱ । ସେ ସାଂପ୍ରତିକ କାଳର ରାଜନୈତିକ ବାତାବରଣରେ ଓ ରାଜନେତାମାନଙ୍କର ପ୍ରତାରଣାପୂର୍ଣ୍ଣ ମିଥ୍ୟ ଭାଷଣବାଜିରେ ଅତିଷ୍ଠ । ଗାଳ୍ପିକା ବାରିକ, ସ୍ୱାଧୀନୋତ୍ତର କାଳର ପରିବର୍ତ୍ତିତ ରଜନୈତିକ ଚିନ୍ତାଧାରାକୁ ଲକ୍ଷ୍ୟ କରି ସଦାନନ୍ଦଙ୍କ ମନରେ ଯେଉଁ କ୍ଷୋଭ ଦେଖାଦେଇଛି ତାହାକୁ ଗଳ୍ପରେ ପ୍ରକାଶ କରିବାକୁ ଯାଇ କହିଛନ୍ତି, ଯଥା-'ସ୍ୱାଧୀନତା ଦିନକର ସଂଗ୍ରାମ ନୁହେଁ । ତା' ପଛରେ ହଜାର ହଜାର ବଳିଦାନ, ସଂଗ୍ରାମ, ରକ୍ତାତ ଇସ୍ତାହାର । କେତେ ସ୍ୱପ୍ନ, କେତେ ମୋହ, ତ୍ୟାଗ, ନିଜ ଜନ୍ମମାଟି ପାଇଁ ହସିହସି କେତେକେତେ ମୃତ୍ୟୁବରଣ । ଶେଷରେ ଆସିଛି ସ୍ୱାଧୀନତା, ଭାରତବାସୀଙ୍କ କଳ୍ପିତ ରାମରାଜ୍ୟ । ହେଲେ ତାହା ହିଁ ଥିଲା ସବୁଠାରୁ ବଡ଼ ବିଡ଼ମ୍ବନା । କିଏ ଜାଣିଥିଲା ରାମରାଜ୍ୟ ଅଚାନକ ରାବଣ ରାଜ୍ୟରେ ପରିଣତ ହେବ ବୋଲି ?'(ଚରିତ୍ରମାନେ,ପୃ-୨୪-୨୫) । ପୁନଶ୍ଚ ବର୍ତ୍ତମାନ କାଳର ରାଜନେତାମାନଙ୍କର ସ୍ୱାର୍ଥସର୍ବସ୍ୱ ସ୍ୱଭାବ ସଂପର୍କରେ ଗାଳ୍ପିକା ପ୍ରକାଶ କରି କହିଛନ୍ତି, ଯଥା-'ତାଙ୍କ ଭଳି ଏମିତି କେତେଜଣ ସଦାନନ୍ଦ ଦିକିଦିକି ହୋଇ ଦୀପ ଜଳିଲା ଭଳି ଜୀଇଁ ଦେଖୁଛନ୍ତି ଦୁର୍ନୀତି ପରାୟଣ ନେତାମାନଙ୍କୁ । ସେଠି ତ୍ୟାଗ କି ଦେଶ ପ୍ରେମ ନାହିଁ । ଖାଲି ଶୋଷଣ, ଅର୍ଥଲିପ୍ସା, ରାଜନୀତି ଆଜି ସ୍ୱାର୍ଥର ଖେଳଘର ପାଲଟି ଯାଇଛି । ଭୋଟ ଦେଇ କ୍ଷମତା କିଣାଯାଉଛି । କେମିତି ଶାସନର ଗାଦିରେ ବସି ପାଞ୍ଚବର୍ଷ ଭିତରେ ରାଜକୋଷକୁ ଖୋଳ କରି ନିଜ ପାଇଁ ଓ ଜ୍ଞାତିକୁଟୁମ୍ବ ଚଉଦ ପୁରୁଷ ପାଇଁ ଅର୍ଥ ସଞ୍ଚିଯିବା ।(ଚରିତ୍ରମାନେ,ପୃ-୨୫) । ପରିଶେଷରେ, ସଦାନନ୍ଦ ଯେଉଁ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ ତାହା ଧିରେ ଧିରେ କ୍ଷମତାଲିପ୍ସୁ ନେତାମାନଙ୍କ ହାତରେ ବିପର୍ଯ୍ୟସ୍ତ ହୋଇ ଯାଉଥିବାରୁ ସେ ସ୍ୱଗତୋକ୍ତି କରିଛନ୍ତି-"ସ୍ୱାଧୀନତା ଆମକୁ ଦେଇଛି ଏକ ବିପନ୍ନ ସମାଜ, ଏକ ବିପନ୍ନ ମୂଲ୍ୟବୋଧ, ତହୁଁଭଳି ଏକ ବିପନ୍ନ ଭାରତବର୍ଷ ।"(ଚରିତ୍ରମାନେ,ପୃ-୨୪-୨୫) ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀକାଳୀନ ରାଜନୈତିକ ଅବସ୍ଥାକୁ କେନ୍ଦ୍ରକରି ଗାଳ୍ପିକା କବିତା ବାରିକଙ୍କ 'ରାଜନୀତି' ଗଳ୍ପଟି ରଚିତ । ଉକ୍ତ ଗଳ୍ପରେ ରହିଛି ଉଭୟ କାଳର ଏକ ତୁଳନାତ୍ମକ ବର୍ଣ୍ଣନା । ଯହିଁରେ ପରାଧୀନ ଓ ସ୍ୱାଧୀନ ଭାରତବର୍ଷର ରାଜନୀତିକ ଦୃଷ୍ଟିକୋଣ, ବିଚାରବୋଧ ଓ ମୂଲ୍ୟବୋଧର ମୂଲ୍ୟାୟନ ହିଁ ହୋଇଛି ମୁଖ୍ୟ ଉପଜୀବ୍ୟ ଉପାଦାନ । ଗାଳ୍ପିକା ବାରିକ ଗଳ୍ପର ଚରିତ୍ର ହରି ମିଶ୍ରଙ୍କୁ ସ୍ୱାଧୀନ ଭାରତବର୍ଷରେ ଜଣେ ପ୍ରତିନିଧିସ୍ଥାନୀୟ ଚରିତ୍ର ରୂପେ ଗ୍ରହଣ କରିଛନ୍ତି । ଯେ କି ସାଂପ୍ରତିକ କାଳର ବିପର୍ଯ୍ୟସ୍ତ ରାଜନୀତିଠାରୁ ସମଦୂରତା ରକ୍ଷା କରି ରାଜନୀତିରେ ଅଂଶଗ୍ରହଣ କରିଛନ୍ତି ହେଲେ ସ୍ୱାର୍ଥ ସର୍ବସ୍ୱ ତଥା ନୀତିହୀନ ଅନୁଦାର କଳୁଷିତ ରାଜନୈତିକ ମୈଦାନରେ ଅତିଷ୍ଠ ହୋଇପଡ଼ିଛନ୍ତି ଓ ପରିଶେଷରେ ରାଜନୀତିରୁ ସ୍ୱେଚ୍ଛାକୃତ ସନ୍ନ୍ୟାସ ନେଇ ଭାଗବତ ଚର୍ଚ୍ଚରେ ନିଜକୁ ନିୟୋଜିତ କରିଛନ୍ତି । ପରାଧୀନ ଭାରତବର୍ଷକୁ ସ୍ୱାଧୀନତାର ସ୍ୱାଦ ଆସ୍ୱାଦନ କରାଇବା ନିମନ୍ତେ ଗାନ୍ଧିଜୀଙ୍କ ଡାକରାରେ ସାଧାରଣ ଜନତା ଦେଶ ସେବାରେ ଯେ ନିଜକୁ ନିୟୋଜିତ କରି ଦେଶର ହିତ ପାଇଁ ହିଁ ରାଜନୀତି କରୁଥିଲେ ଓ ସେଥିରେ ସ୍ୱାର୍ଥର ସ୍ଥାନ ନଥିଲା । ଥିଲା ତ୍ୟାଗର ମହିମା, ଏକଥା ହରି ମିଶ୍ର ହିଁ ଉପଲବ୍ଧି କରିଛନ୍ତି ଓ ତତ୍କାଳୀକ ସମାଜର ତ୍ୟାଗସର୍ବସ୍ୱ ରାଜନୀତିର ସ୍ୱରୂପ ସଂପର୍କରେ କହିଛନ୍ତି, ଯଥା-" ସେ ରାଜନୀତିରେ ନଥିଲା ବ୍ୟକ୍ତିଗତ ସ୍ୱାର୍ଥ, ବ୍ୟକ୍ତିଗତ ଲାଭ କ୍ଷତିର ହିସାବ, ପଦପଦବୀର ଲାଳସା । କେବଳ ଲକ୍ଷ୍ୟ ଥିଲା ସ୍ୱରାଜ୍ୟ, ସ୍ୱାଧୀନତା । ××××××××ହେଲେ ସେତେବେଳେ ତା'ର ରୂପ ଥିଲା ନିଆରା । ମନ୍ତ୍ର ଥିଲା ତ୍ୟାଗ, ନାଁ ଥିଲା କ୍ରାନ୍ତି, ସ୍ଲୋଗାନ୍ ଥିଲା "ବନ୍ଦେ ମାତରମ୍", ଧର୍ମ ଥିଲା ଅହିଂସା, ବ୍ରତ ଥିଲା ଏକତା ଆଉ ଲକ୍ଷ୍ୟ ଥିଲା ସ୍ୱାଧୀନତା, ଯାହା ମଣିଷର ଜନ୍ମଗତ ଅଧିକାର । (ଚରିତ୍ରମାନେ, ପୃଷ୍ଠା-୮୦-୮୧) । ଅଥଚ ବର୍ତ୍ତମାନର ରାଜନୀତିକ ବାତାବରଣ ମଧ୍ୟରେ ହରି ମିଶ୍ର ଅଣନିଶ୍ୱାସୀ ହୋଇପଡ଼ିଛନ୍ତି । ରାମ ରାଜ୍ୟ ବଦଳରେ ରାବଣ ରାଜ୍ୟକୁ ସେ ଲକ୍ଷ୍ୟ କରିଛନ୍ତି । ଗୋଟିଏ ରାବଣ ନୁହେଁ ସହସ୍ର ରାବଣଙ୍କୁ ପ୍ରତ୍ୟକ୍ଷ କରି ସେ ବିସ୍ମିତ । ରାଜନୀତିର ସ୍ୱରୂପ ବଦଳି ଯାଇଛି । ନିସ୍ୱାର୍ଥପରତା, ସ୍ୱାର୍ଥପରତାରେ ରୂପାନ୍ତିରିତ ହୋଇଛି । ତ୍ୟାଗ ବଦଳରେ ଭୋଗ ହୋଇପଡ଼ିଛି ମୁଖ୍ୟ । ତେଣୁ ହରି ମିଶ୍ର ସ୍ୱାଧୀନ ଭାରତର ହୀନ ରାଜନୀତି ସଂପର୍କରେ ଯେଉଁ ମତ ପ୍ରକାଶ କରିଛନ୍ତି ତାହା ଅତ୍ୟନ୍ତ ବାସ୍ତବଧର୍ମୀ ହୋଇପାରିଛି, ଯଥା-" ରାଜନୀତି ଆଉ ତ୍ୟାଗ ହେଇ ରହିନାହିଁ । ଭୋଗ ପାଲଟି ଯାଇଛି । ଅର୍ଥସର୍ବସ୍ୱ କ୍ଷମତା ଲିପ୍ସୁ ମଣିଷ ମୃତ୍ୟୁକୁ ନେଇ ବି ରାଜନୀତି କରୁଛି । ଅନାହାରରେ ମୃତ୍ୟୁ, ରୋଗ ବ୍ୟାଧିରେ ମୃତ୍ୟୁ ବୋଲି ରିପୋର୍ଟ ବାହାରୁଛି । ××××××××× ସ୍ୱାଧୀନ ଭାରତରେ ସବୁଠି; ମୃତ୍ୟୁ ହେଉକି ଲୋକ ଚାଳଣ ହେଉ ଫାଇଦା ଖୋର ମଣିଷ ରାଜନୀତି କରୁଛି । ଦୁର୍ନୀତିର ଚେର ଏତେ ତଳକୁ ଲମ୍ବି ଯାଇଛି ଯେ ରକ୍ଷକ ଭକ୍ଷକ ସାଜିଛି । କେମିତି ଏକ ନିରାପତ୍ତା ବିପନ୍ନ ହେବାର ଆଶଙ୍କ ।"(ଚରିତ୍ରମାନେ,ପୃଷ୍ଠା-୮୪-୮୫) ।

ପୁନଶ୍ଚ ଗାଳ୍ପିକା କବିତା ବାରିକଙ୍କ 'ଶବ ରାଜନୀତି' ଗଳ୍ପଟି ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ଆଧାର କରି ରଚିତ ହେଲେ

ହେଁ ଗଳ୍ପଟିରେ ରାଜନୀତିର ପ୍ରଭାବ ଅଧିକ ଅନୁଭୂତ ହୋଇଛି । ଉକ୍ତ ଗଳ୍ପରେ ଚାଷୀର ଶବକୁ ସଂସ୍କାର କରିବା ପରିବର୍ତ୍ତେ ଶବକୁ ନେଇ ସରକାରୀ କଳ ଓ ବିରୋଧୀ ଦଳ ମଧ୍ୟରେ ବାକ୍ ବିତଣ୍ଡା ହେବା । ପୁନଶ୍ଚ ସରକାରୀ କଳର ଚଞ୍ଚଳତା ଓ ବିରୋଧୀ ଦଳର ହଇଚଗୋଳ ଓ ମୃତକଙ୍କ ପରିବାରକୁ ସମବେଦନା ଦେବା ପରିବର୍ତ୍ତେ ଉଭୟ ଦଳ ନିଜର ଭାବମୂର୍ତ୍ତିକୁ ଲୋକଙ୍କ ଉପରେ ଜବରଦସ୍ତ ଲଦି ଦେବାର ଲୋକ ଦେଖାଣିଆ ମନୋଭାବର ସ୍ପଷ୍ଟ ଚିତ୍ର ଉକ୍ତ ଗଳ୍ପରେ ଦେଖିବାକୁ ମିଳେ । ତେଣୁ ଗାଳ୍ପିକା ଗଳ୍ପର ପ୍ରାରମ୍ଭରେ ସାଂପ୍ରତିକ କାଳର କଳୁଷିତ ରାଜନୀତିର ସ୍ୱରୂପକୁ ପ୍ରକାଶ କରିବା ସହିତ ବିପର୍ଯ୍ୟସ୍ତ ରାଜନୀତିକୁ ସମାଲୋଚନା କରିଛନ୍ତି, ଯଥା- "ରାଜନୀତିର ଧାର ଧରୁ ନଥିବା ବା ରାଜନୀତି କ'ଣ ବୋଲି ଆଦୌ ଜାଣୁ ନଥିବା ଲୋକେ ବି ଆଜିକାଲି ରାଜନୀତି କଲେଣି । ରାଜନୀତିର ପ୍ରସଙ୍ଗ ଯେମିତି ଭିନ୍ନ ଭିନ୍ନ ରୂପ ମଧ୍ୟ ଅଲଗା ଅଲଗା । ହେଲେ ବଞ୍ଚିଥିଲା ବେଳେ ସିନା ମଣିଷ ରାଜନୀତି କରେ ଶରୀରରୁ ଜୀବନ ଚାଲିଗଲା ପରେ ଶବକୁ ନେଇ ଯେ ଜୀଅନ୍ତା ମଣିଷ ଅଦ୍ଭୁତ ରାଜନୀତି କରେ ଭାବି ମୁଁ ଯେତିକି ଆଶ୍ଚର୍ଯ୍ୟ ହେଲି ସେତିକି ନିରାଶ ମଧ୍ୟ ।" (ପୁଣି ଜଣେ ଅରୁଣା ସାନ୍‌ବାଗ୍, ପୃ-୧୧୪) । ସେହିପରି 'ଈଶ୍ୱର' ଗାଳ୍ପିକା ପ୍ରତିଭା ରାୟଙ୍କ ଏକ ବାସ୍ତବଧର୍ମୀ ଗଳ୍ପ । ଯେଉଁଠି ରାଜନେତାମାନେ ସାଧାରଣ ଜନତାଙ୍କୁ ଶୋଷଣ କରୁଥିବା ପ୍ରସଙ୍ଗର ଅବତାରଣା ଦେଖିବାକୁ ମିଳେ । ସାଧାରଣ ଜନତାଙ୍କୁ ଈଶ୍ୱରଙ୍କ ଆଖ୍ୟା ଦେଇ ସେମାନଙ୍କର ସର୍ବସ୍ୱ ଲୁଟିବାର ଚିତ୍ର ଉକ୍ତ ଗଳ୍ପରେ ଅତି ସ୍ପଷ୍ଟ । ପ୍ରତିଥର ନିର୍ବାଚନ ଆସିଲେ ରାଜନେତାମାନେ ବେଶ ବଦଳାଇ ଥାଆନ୍ତି ଏବଂ ଲୋକଙ୍କୁ ନାନା ପ୍ରଲୋଭନ ଦେଖାଇ ଭୋଟ ଭିକ୍ଷା କରନ୍ତି । ନେତାମାନଙ୍କର ଏତାଦୃଶ ବେଶ ବଦଳାଇବାର ଉଦ୍ଦେଶ୍ୟକୁ ଗାଳ୍ପିକା ରାୟ ଜଣେ ବୃଦ୍ଧ ମାଷ୍ଟରଙ୍କ ଉକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି, ଯାହାକି ଯୁକ୍ତିଯୁକ୍ତ ଓ ଯଥାର୍ଥ । ଯଥା-"ସୀତା ଚୋରି ତ ସାମାନ୍ୟ କଥା, ସେତେବେଳେ ରାମ ଥିଲେ ସୀତାଙ୍କୁ ଉଦ୍ଧାର କରିବା ପାଇଁ । କିନ୍ତୁ ଏ ବେଶ ବଦଳ ପରା ଦେଶ ଚୋରି ପାଇଁ, ଆଉ ରାମ କାହାନ୍ତି ଦେଶକୁ ଉଦ୍ଧାରିବା ପାଇଁ ।"(ଶୈଳଶାୟିନୀ, ପୃ-୧୮୪) । ପୁନଶ୍ଚ ଧର୍ମକୁ ଆୟୁଧ କରି ସାଂପ୍ରତିକ କାଳରେ ନେତା ମନ୍ତ୍ରୀମାନେ କିପରି ରାଜନୀତି କରୁଛନ୍ତି ତାହାକୁ ଗାଳ୍ପିକ ରାୟ ତାଙ୍କର 'ତ୍ୟାଜ୍ୟପିତା' ଗଳ୍ପରେ ପ୍ରକାଶ କରିଛନ୍ତି, ଯଥା-"ଦିନେ ମଣିଷକୁ ଧର୍ମାନ୍ତରୀକରଣ କରାଯାଉଥିଲା, ଏବେ ଧର୍ମକୁ ରାଜନୀତିକରଣ କରାଯାଇ ମହାସଂହାର ସଂଘଟିତ ହେଉଛି । ରାଜନୀତି ହୋଇଯାଇଛି ରାକ୍ଷାସ ନୀତି ଏବଂ ଗଣତନ୍ତ୍ର ହୋଇଛି ରଣତନ୍ତ୍ର ।"(ନିବେଦନମିଦମ୍, ପୃ-୫୮) ।

ବାସ୍ତବରେ ସାଂପ୍ରତିକ କାଳର ରାଜନେତାମାନେ ଦେଶ ସେବା ପରିବର୍ତ୍ତେ ଦେଶର ଧନକୁ କିଭଳି ଆପଣାର ସ୍ୱାର୍ଥ ସାଧନରେ ଲଗାନ୍ତି ଏବଂ ଦେଶ ସେବାର ସାମୟିକ ଆଶ୍ରୟ ନେଇ ନିଜ ପେଁକାଳି ନିଜେ ବଜାଇ କ୍ଷମତାସୀନ ହୋଇଗଲା ପରେ ସମୂହ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥାଆନ୍ତି ଏବଂ ଧର୍ମ ନାମରେ ରାଜନୀତି କରି ସଂପ୍ରଦାୟିକ ସଦ୍ଭାବକୁ କିଭଳି ବିପନ୍ନ କରନ୍ତି ତାହାର ବାସ୍ତବ ଚିତ୍ର ଗାଳ୍ପିକା ରାୟଙ୍କ ଉପର୍ଯ୍ୟୁକ୍ତ 'ଈଶ୍ୱର' ଓ 'ତ୍ୟାଜ୍ୟପିତା' ଗଳ୍ପରୁ ସ୍ପଷ୍ଟ ଅନୁମିତ ହୁଏ ।

ସାଂପ୍ରତିକ କାଳର ପ୍ରଚାରସର୍ବସ୍ୱ ରାଜନୀତିର ଏକ ନିଖୁଣ ପ୍ରତିଲିପି ହେଉଛି ଗାଳ୍ପିକ ଅରବିନ୍ଦ ରାୟଙ୍କ 'ଜୋକର' ଗଳ୍ପ । ଗଳ୍ପର ନାୟକ ଆଦିକନ୍ଦ ଓରଫ ଆଦିଆ । ଆଦିଆର ବିଶ୍ୱାସ ଦିନେ ଦେଶର ଅବସ୍ଥା ସୁଧୁରିବ । ଦେଶରେ ରାମ ରାଜ୍ୟର ପ୍ରତିଷ୍ଠା ହେବ । ଏଣୁ ସେ ନିଜ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରି କୁହେ, ନେତା ବଦଳିଲେ ନୀତି ବଦଳିବ, ନୀତି ବଦଳିଲେ ଦେଶର ଅବସ୍ଥା ବଦଳିବ । ନିର୍ବାଚନ ହୁଏ । ନେତା ବଦଳିବା ସହ ନୀତି ବି ବଦଳେ ଅଥଚ ଦେଶର ସ୍ଥିତି ବଦଳେ ନାହିଁ । ବରଂ ଦେଶ ପୂର୍ବାପେକ୍ଷା ଅଧିକରୁ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼େ । ତ୍ୟାଗ ଅପେକ୍ଷା ଦେଶର ସମ୍ପତ୍ତିକୁ ଭୋଗ କରିବା ହିଁ ନେତାମାନଙ୍କର ହୁଏ ପ୍ରଧାନ ଲକ୍ଷ୍ୟ । ସାମ୍ପ୍ରତିକ କାଳରେ ନେତା ମନ୍ତ୍ରୀମାନେ ଗଣର ପ୍ରଗତିକୁ ଅଣଦେଖା କରି ନିଜସ୍ୱ ଉନ୍ନତିକୁ ଅଗ୍ରାଧିକାର ଦେଇ ଯେଉଁ ପ୍ରଚାରସର୍ବସ୍ୱ କଳୁଷିତ ରାଜନୀତକୁ ଆପଣେଇଛନ୍ତି ତାହାର ଜୀବନ୍ତ ପ୍ରତିଛବି ହେଉଛି ଗଳ୍ପିକଙ୍କ ଉପର୍ଯ୍ୟୁକ୍ତ 'ଜୋକର' ଗଳ୍ପ ସଂକଳନସ୍ଥ 'ଜୋକର' ଗଳ୍ପ । ସେହିପରି ବର୍ତ୍ତମାନ କାଳରେ ନିର୍ବାଚନରେ ପରିଲକ୍ଷିତ ହେଉଥିବା ଅନ୍ୟତମ କୁତ୍ସିତ ପ୍ରସଙ୍ଗ ହେଉଛି ଜାତି ଧର୍ମ ନାମରେ ରାଜନୀତି । ଯଦ୍ୱାରା ସାଂପ୍ରଦାୟିକ ଦଙ୍ଗାର ବିଭତ୍ସତାକୁ ମଧ୍ୟ ପ୍ରତ୍ୟକ୍ଷ କରି ହୁଏ । ତେବେ ଏହିଭଳି ଏକ ପ୍ରସଙ୍ଗକୁ ଆଧାର କରି ଗାଳ୍ପିକ ଅରବିନ୍ଦ ରାୟଙ୍କ 'ରାମଲୀଳା' ଗଳ୍ପଟି ରଚିତ । ଆଲୋଚ୍ୟ ଗଳ୍ପରେ ରାଜନୀତିକ ବିଦ୍ୱେଷ ଓ ଧାର୍ମିକ ବିଭେଦ ସତ୍ତ୍ୱେ ହିନ୍ଦୁ ମୁସଲମାନ ସଂପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା ହିଁ ଗଳ୍ପର ଅନ୍ତଃସ୍ୱର । ଅଥଚ ରାଜନୀତିକୁ କେନ୍ଦ୍ରକରି ସୃଷ୍ଟ ବିଦ୍ୱେଷ ପରବର୍ତ୍ତୀ ମୁହୂର୍ତ୍ତରେ ମନାନ୍ ମିଆଁର ରାମଲୀଳାରେ ସୀତା ଭୂମିକାରେ ଅଭିନୟ କରିବା ହିଁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଥିବା ଆକ୍ରୋଶକୁ ଦୂରୀଭୂତ କରିଛି । ବ୍ୟକ୍ତିଗତ ସ୍ୱାର୍ଥର ପରିପୂରଣ ନିମିତ୍ତ ରାଜନୀତିକୁ ଅସ୍ତ୍ର କରି ଦୁଇ ସଂପ୍ରଦାୟ ମଧ୍ୟରେ କିଭଳି ସାଂପ୍ରଦାୟିକ ବିଦ୍ୱେଷର ବାତାବରଣ ରାଜନେତାମାନେ ସୃଷ୍ଟି କରନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଗାଳ୍ପିକଙ୍କ ଅଲୋଚ୍ୟ 'ରାମଲୀଳା' ଗଳ୍ପ ।

ଏତଦ୍‌ସହ ସମକାଳର ଗ୍ରାମୀଣ ଜୀବନର ବାସ୍ତବତାକୁ ନିଜ ଗଳ୍ପରେ ଜୀବନ୍ତ ରୂପେ ପ୍ରକାଶ କରିବାରେ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ସିଦ୍ଧି ଉଲ୍ଲେଖନୀୟ । ଉଭୟ ନିପଟ ମଫସଲ ଓ ସହର ପରିବେଶକୁ ପୃଷ୍ଠଭୂମି ରୂପେ ଗ୍ରହଣ କରି ତାଙ୍କ ଗଳ୍ପଗୁଡ଼ିକ ସଂଚରଣଶୀଳ । ସହରୀ ମଣିଷର ଦ୍ୱନ୍ଦ, ସଂଘାତ, ସଂଘର୍ଷ ଓ ତା'ର

ସମସ୍ୟା ତାଙ୍କ ଗଳ୍ପରେ ଯେପରି ସ୍ପଷ୍ଟ ସେହିପରି ଗ୍ରାମୀଣ ପରିବେଶର ପାଣି ପବନରେ ଜୀବନ ଜୀଉଁଥିବା ମଣିଷର ଅର୍ନ୍ତବେଦନା ସେତିକି ଜୀବନ୍ତ । ତେବେ ଗାଳ୍ପିକଙ୍କ 'ଗୋପପୁର' ସଂକଳନରେ ସ୍ଥାନୀତ ଗଳ୍ପଗୁଡ଼ିକ ଉଭୟେ ପରିବେଶର ପୃଷ୍ଠଭୂମି ଉପରେ ହିଁ ରଚିତ । ଏଥିରେ ରହିଛି ଜୀବନ ଜୀଇଁବାର କଳା ଓ କୌଶଳ । ସବୁ ସମସ୍ୟା, ସଂଘାତ ଓ ସଂଘର୍ଷ ସତ୍ତ୍ୱେ ଜୀବନରେ ଯେ ଏକ ଆଲୋକିତ ଓ ଅନଆସ୍ୱାଦିତ ମୁହୂର୍ତ୍ତଟେ ରହିଛି ତାହା ଏହି ସଂକଳନସ୍ଥ ଗଳ୍ପଗୁଡ଼ିକୁ ନିରୀକ୍ଷଣ କଲେ ସ୍ୱତଃ ହୃଦବୋଧ ହୁଏ । ଏହିଦୃଷ୍ଟିରୁ ପର୍ଯ୍ୟାୟକ୍ରମେ ଗାଳ୍ପିକଙ୍କ 'ଗୋପପୁର' ଓ 'ଏକ ହତ୍ୟାକାଣ୍ଡ ପାଇଁ ଖସଡ଼ା' ଗଳ୍ପ ଦୁଇଟି ବିଚାର୍ଯ୍ୟ । ଗଳ୍ପ ଦୁଇଟି ଯଦିଓ ରାଜନୀତିକୁ କେନ୍ଦ୍ରକରି ରଚିତ ହୋଇନାହିଁ ତଥାପି ଏଥିରେ ଗ୍ରାମ୍ୟ ଜୀବନର କଳୁଷିତ ରାଜନୈତିକ ଚିତ୍ରର କିଂଚିତ ବର୍ଣ୍ଣନା ଦେଖିବାକୁ ମିଳେ । 'ଗୋପପୁର' ଗଳ୍ପରେ ନିରାକାର ଓ ସୁମିତ୍ରା ନିଜର ଅସୁସ୍ଥ ପିଲାକୁ ଡାକ୍ତରଖାନା ନେବା ସମୟରେ ନିରାକାର ମନେ ପକାଇଛି ନଦୀ ଉପରେ ପୋଲ ନିର୍ମିତ ହେବାର ପ୍ରତିଶ୍ରୁତିକୁ । ସେହି ପ୍ରତିଶ୍ରୁତି କିପରି ପ୍ରତିଶ୍ରୁତିରେ ହିଁ ରହିଯାଇଛି ଓ ଯେଉଁ ଦୁଇଟି ପିଲର୍ ଛିଡ଼ା ହୋଇଥିଲେ ତାହା କିପରି ରାଜନୀତିର ବାସ୍ତବତାକୁ କଟାକ୍ଷ କରୁଛି ତାହାକୁ ଗାଳ୍ପିକ ପରୋକ୍ଷଭାବେ ଦର୍ଶାଇଛନ୍ତି । ଯାହକି ରାଜନୈତିକ ନେତାମାନଙ୍କର ଅପାରଗତା ତଥା ପ୍ରତାରଣାପୂର୍ଣ୍ଣ ପ୍ରତିଶ୍ରୁତିକୁ ପ୍ରମାଣିତ କରୁଛି, ଯଥା- "ମାର୍ବଲ ଫଳକ । ନାମ, ପଦବୀ ଓ ତାରିଖ ଲେଖାଯାଇଥିଲା । ଦୁଇଟି ବିପୁଳ ପିଲର୍ ଉଠି ଆସିଲେ ତଳୁ । କାହିଁକି କେଜାଣି ସେତିକିରେ ବନ୍ଦ ହୋଇଗଲା ସବୁ । ପରେ ପରେ ଫଳକ ଉପରେ ଉତ୍କଟ ଭାଷା । × × × ମାତ୍ର ପିଲର୍ ଦୁଇଟି ଅଛନ୍ତି ଆଗ ଭଳି । ଅହଲ୍ୟା ହେବା ପାଇଁ ସ୍ୱପ୍ନ ବିଜଡ଼ିତ ଦେଖାଯାଆନ୍ତି । ଦୁହିଁଙ୍କ ମୁଣ୍ଡ ଉପରେ ଥିବା ଲୁହା ରଡ଼୍ ଜଙ୍କ୍ ଗ୍ରସ୍ତ ହୋଇ କଳା ଦେଖାଯାଏ । ଜଣାପଡ଼େ ଦୁଇଟି କ୍ୟାଣ୍ଡେଲ୍ ଠିଆ ହୋଇଛନ୍ତି, ମୁଣ୍ଡ ଉପରେ କଳାରଙ୍ଗର ସଳିତା ଧରି । କେବଳ ଅଗ୍ନି ସଂଯୋଗ କରିବା କଥା, ଆଲୋକ ପାଇଁ ।" (ଗୋପପୁର,ପୃ-୭) । ସେହିପରି ଗାଳ୍ପିକଙ୍କ 'ଏକ ହତ୍ୟାକାଣ୍ଡ ପାଇଁ ଖସଡ଼ା' ଗଳ୍ପରେ ରାଜନୀତିକୁ କେନ୍ଦ୍ରକରି ବିବାଦ, ପ୍ରତିହିଂସାପରାୟଣ ମନୋଭାବ ଓ ରାଜନୀତିକ ଅସୂୟାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଏତଦ୍‌ସହ ମିଥ୍ୟା ପ୍ରତିଶ୍ରୁତିପୂର୍ଣ୍ଣ ତଥା ପ୍ରତାରଣାସର୍ବସ୍ୱ ରାଜନୀତିକ ଚିନ୍ତାଧାରାକୁ ଉପଜୀବ୍ୟ କରି ଗାଳ୍ପିକ କଇଳାଶ ପଟ୍ଟନାୟକଙ୍କ 'ଚକ୍ର' ଅଣୁ ଗଳ୍ପଟି ରଚିତ । ଗଳ୍ପଟିରେ ନିର୍ବାଚନ ପୂର୍ବର ରାଜନୈତିକ ସ୍ଥିତାବସ୍ଥା ଏବଂ ନିର୍ବାଚନ ପରବର୍ତ୍ତୀ କାଳର ପ୍ରତାରଣାକୁ ଅତି ଚମତ୍କାର ଶୈଳୀରେ ଗାଳ୍ପିକ ଗଳ୍ପରେ ପ୍ରକାଶ କରିଛନ୍ତି । ଯାହାକି କ୍ଷୁଦ୍ର କଳେବର ମଧ୍ୟରେ ବୃହତ ଭାବଧାରାକୁ ଘେନି ଭାବୋଦ୍ଦୀପକ ହୋଇପାରିଛି । ଗାଳ୍ପିକଙ୍କ ଭାଷାରେ, ଯଥା- "ନିର୍ବାଚନ ଭାଷଣରେ ଜଣେ ନେତା କହିଲେ, ମୁଁ କରିବି ଅମୁକ କାରଖାନା । ବେକାର ପିଲାଏ ଚାକିରି ପାଇବେ । ଅନ୍ୟଜଣେ ନେତା କହିଲେ, ଶିକ୍ଷାକୁ ଆମଦଳ କରିବ ଅବୈତନିକ । ଅଶିକ୍ଷିତ କେହି ରହିବେ ନାହିଁ । ଜଣେ କହିଲେ, ଆମେ କରିବୁ ଋଣ ଛାଡ଼ । ଅପର ଜଣକ କହିଲେ, ଆମେ ଆଣିବୁ ଶାସନରେ ସ୍ଥିରତା, ଦେଶରେ ଶାନ୍ତି ।

ନିର୍ବାଚନ ସରିଗଲା ବିଜୟୀ ନେତା ତାଙ୍କ ପ୍ରତିଶ୍ରୁତି ପାଳନ କରିବେ ଭାବି ଲୋକେ ଆଶ୍ୱସ୍ତ ହେଲେ ।

ନେତାଙ୍କ ବିଜୟ ପୁରୁଣା ହେଲା । ଲୋକେ ଭୁଲିଗଲେ ନେତାଙ୍କ ପ୍ରତିଶ୍ରୁତି ।

ପୁନରାୟ ନିର୍ବାଚନ ଆସିଲା । ନିର୍ବାଚନୀ ଭାଷଣରେ ଜଣେ ନେତା... ।"

(ସତ ଏକଶତ, ପୃ-୨୯) ।

ପୁନଶ୍ଚ 'ଆଲ୍ଲାଦୀନ୍‌ର ଦୀପ' ଗଳ୍ପରେ ଗାଳ୍ପିକ ଦେବ ପ୍ରସାଦ ଦାଶ କଳୁଷିତ ରାଜନୀତିର ଚିତ୍ରକୁ ଅତି ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରଚାରସର୍ବସ୍ୱ ତଥା ମିଥ୍ୟା ପ୍ରତିଶ୍ରୁତିକୁ ପାଥେୟ କରି କିପରି ଲୋକମାନଙ୍କୁ ଆପ୍ୟାୟିତ କରାଯାଏ ଓ ଲୋକଙ୍କ ସରଳାତାର ସୁଯୋଗ ନେଇ ନାନା ପ୍ରତିଶ୍ରୁତିର ଲମ୍ବା ତାଲିକା ଧରାଇ ଦେଇ କିପରି ପ୍ରତାରିତ କରାଯାଏ ତାହାର ଜୀବନ୍ତ ବର୍ଣ୍ଣନା ଉକ୍ତ ଗଳ୍ପରେ ଦେଖିବାକୁ ମିଳେ । ଗଳ୍ପରେ ବର୍ଣ୍ଣିତ ଚରିତ୍ର ଚନ୍ଦ୍ରଭୂଷଣ ଏମ୍.ଏଲ୍.ଏ ପ୍ରାର୍ଥୀ । ସେ ବିଧାୟକ ହେବା ପରେ ଲୋକଙ୍କ ପାଖରେ ନିଜର ଭାବମୂର୍ତ୍ତିକୁ ନିର୍ମଳ ରଖିବାକୁ ଚାହିଁଛନ୍ତି । ଏଣୁ ଲୋକଙ୍କ ପାଖରେ ପହଁଚି ସେମାନଙ୍କର ଅଭାବ ଅସୁବିଧାକୁ ବୁଝି ଟିପା ଖାତାରେ ଲେଖିରଖନ୍ତି । କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ନିର୍ବାଚନ ମଣ୍ଡଳୀ ପରିଦର୍ଶନ ସାରିବା ପରେ ଲୋକମାନଙ୍କର ଅଭାବ ଅସୁବିଧା ତଥା ସମସ୍ୟା ଲେଖାଥିବା ଟିପା ଖାତାକୁ ଚିରି ଦେଇଛନ୍ତି । ନିଜର ବିଶ୍ୱସ୍ତ ସହକାରୀ ଦୀନନାଥଙ୍କୁ ରାଜନୀତିର ଅର୍ଥ ବୁଝାଇବାକୁ ଯାଇ ସେ ଯେଉଁ ମତ ପ୍ରଦାନ କରିଛନ୍ତି ସେଥିରୁ ତାଙ୍କ ଅପାରଗତା ତଥା କଳୁଷିତ ରାଜନୀତିର ସ୍ପଷ୍ଟ ସୂଚନା ଦେଖିବାକୁ ମିଳେ । ଗାଳ୍ପିକଙ୍କ ଭାଷାରେ- "ଚନ୍ଦ୍ରଭୂଷଣ ତାଙ୍କ ନିର୍ବାଚନ ମଣ୍ଡଳୀର ଲୋକମାନଙ୍କୁ ଦେଇ ଆସିଥିବା ସମସ୍ତ ପ୍ରତିଶ୍ରୁତି ମିଳାଇ ଯାଉଥିଲେ ପବନରେ । × × × ଚନ୍ଦ୍ରଭୂଷଣ ହିଁ ନୀରବତା ଭାଙ୍ଗିଥିଲେ କିଛି ସମୟ ପରେ "ରାଜନୀତିର ଅର୍ଥ ହେଲା ସଠିକ୍ ସମୟରେ ସଠିକ୍ ଶବ୍ଦର ପ୍ରୟୋଗ କରିବା ଓ ଦରକାର ପଡ଼ିଲେ ସଠିକ୍ ଶବ୍ଦ କରିବା ।"(ଭୋର, ପୃ-୯୫) । ସେହିପରି କଳୁଷିତ ରାଜନୀତିର ଅନ୍ୟ ଏକ ରୂପ ଗାଳ୍ପିକ ରବି ପଣ୍ଡାଙ୍କ 'ମାଟି ବିଳାପ' ଗଳ୍ପରେ ଦେଖିବାକୁ ମିଳେ । ଗଳ୍ପର ନାୟକ ସଦାଶିବ ବାବୁ ଓରଫ ପୋକବାବୁ ଅବସର ପରବର୍ତ୍ତୀ ସମୟରେ ଗ୍ରାମକୁ ଆସି ସ୍ୱଗ୍ରାମରେ ଏକ ପାଠାଗାର ନିର୍ମାଣ କରିଛନ୍ତି । ପାଠାଗାର ନିର୍ମାଣ କରିବା ହେତୁ ସେ ସ୍ଥାନୀୟ ସରପଞ୍ଚଙ୍କ ରୋଷର ଶିକାର ହେବା, ସରପଞ୍ଚଙ୍କ ଦ୍ୱାରା ପାଠାଗାର ଗୃହକୁ

ପୋଡ଼ି ଦିଆଯିବା ଏବଂ ମାନସିକ ଅବସାଦ ଓ ଅନ୍ତର୍ଦାହକୁ ସହ୍ୟ କରି ନପାରି ସଦାଶିବ ବାବୁ ନିଆଁରେ ଆତ୍ମାହୁତି ଦେବା ଆଦି ଘଟଣା ସାଂପ୍ରତିକ ରାଜନୀତିର ବିଭତ୍ସତାକୁ ପ୍ରମାଣିତ କରୁଅଛି ।

ମୋଟଉପରେ ବର୍ତ୍ତମାନର ରାଜନୀତି କେବଳ ଯେ ପ୍ରଚାରସର୍ବସ୍ୱ ଓ ପ୍ରତାରଣପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । ଏଣୁ ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏହାର ପ୍ରତିଫଳନ ସ୍ୱାଭାବିକ । ଦେଶସେବା ରାଜନେତାମାନଙ୍କର ପ୍ରଧାନ କର୍ତ୍ତବ୍ୟ ହୋଇଥିଲେ ହେଁ ଦେଶସେବା ନାମରେ ସଧାରଣ ଜନତାଙ୍କୁ ଶୋଷଣ କରିବା ହିଁ ହୋଇଛି ସେମାନଙ୍କର ଲକ୍ଷ୍ୟ । ତେବେ ସାଂପ୍ରତିକ କାଳର ଏତାଦୃଶ ରଜନୈତିକ ପ୍ରସଙ୍ଗକୁ ଉପଜୀବ୍ୟ ଉପାଦାନ ରୂପେ ଗ୍ରହଣ କରି ସାଂପ୍ରତିକ କାଳର ଗାଳ୍ପିକଗଣ ଏକ ସୁସ୍ଥ ଓ ଶୋଷଣମୁକ୍ତ ସମାଜ ଗଠନ ଦିଗରେ ଯେଉଁ ପ୍ରୟାସ ଅବ୍ୟାହତ ରଖିଛନ୍ତି ତାହା ନିଶ୍ଚିତ ରୂପେ ଯୁଗୋପଯୋଗୀ ମନେହୁଏ ।

ସହାୟକ ଗ୍ରନ୍ଥସୂଚୀ:


୧. ପଟ୍ଟନାୟକ ବିଭୂତି-ମହିଷାସୁରର ମୁହଁ, କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, ବାଲୁବଜାର, କଟକ-୭୫୩୦୦୨ ।

୨. ବାରିକ କବିତା-ଚରିତ୍ରମାନେ, ଜ୍ଞାନଯୁଗ ପବ୍ଲିକେଶନ୍, ଏନ୍-୬/୪୨୮, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର-୧୫, ପ୍ରଥମ ସଂସ୍କରଣ-୨୦୧୬ ।

୩. ବାରିକ କବିତା- ପୁଣି ଜଣେ ଅରୁଣା ସାନ୍‌ବାଗ, ଲେଖାଲେଖି, ବି.ଏଲ୍-୮, ଭି.ଭି.ଏସ୍ ନଗର, ଭୁବନେଶ୍ୱର, ଓଡ଼ିଶା, ପ୍ରଥମ ପ୍ରକାଶ-୨୦୧୫ ।

୪. ରାୟ ପ୍ରତିଭା- ଶୈଳଶାୟିନୀ, ଆଦ୍ୟା ପ୍ରକାଶନୀ, ତୁଳସୀପୁର, କଟକ-୭୫୧୦୦୫, ଦ୍ୱିତୀୟ ମୁଦ୍ରଣ-୨୦୧୨ ।

୫. ରାୟ ପ୍ରତିଭା- ନିବେଦନମିଦମ୍, ଆଦ୍ୟା ପ୍ରକାଶନୀ, ତୁଳସୀପୁର, କଟକ-୭୫୧୦୦୫, ତୃତୀୟ ପ୍ରକାଶ-୨୦୧୨ ।

୬. ରାୟ ଅରବିନ୍ଦ-ଜୋକର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ-୨୦୧୭ ।

୭. ବେହେରା ରାମଚନ୍ଦ୍ର-ଗୋପପୁର, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ,-୭୫୩୦୦୨, ଦ୍ୱିତୀୟ ପ୍ରକାଶ-୨୦୧୩ ।

୮. ପଟ୍ଟନାୟକ କଇଳାଶ-ସତ ଏକଶତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ-୨୦୦୪ ।

୯. ଦାଶ ଦେବପ୍ରସାଦ-ଭୋର୍, ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର-୧୨ ।

୧୦ . ପଣ୍ଡା ରବି-କେମିତି ବଦଳିଯାଏ ମଣିଷ, ବ୍ଲାକ୍ ଇଗଲ୍ ବୁକ୍ସ, ୭୪୬୪ ଉଇଜ୍‌ଡ଼ମ୍ ଲେନ୍, ଡବ୍‌ଲିନ୍, ଓଏଚ୍ ୪୩୦୧୬, ପ୍ରଥମ ପ୍ରକାଶ-୨୦୨୧ ।



ଅଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଦିକବି ସାରଳାଦାସ ମହାବିଦ୍ୟାଳୟ,
ତିର୍ତ୍ତୋଲ, ଜଗତସିଂହପୁର ।
ଦୂରଭାଷ : ୮୨୪୯୦୧୪୪୨୧

ISSN -2583-147X(P), Vol.- 8, Issue No. III, JUNE 2022
Bastabatara Pariprakash Prachee
*Peer Reviewed and Referred Research Journal*

# ସୃଜନଧର୍ମିତାର ଅନ୍ତରଙ୍ଗ ପରିପ୍ରକାଶ : ଜୀବନ, ସମ୍ପର୍କ, ସାହିତ୍ୟ

– ପବିତ୍ର ଦାସ

ପ୍ରତ୍ୟେକ ସୃଜନଶୀଳ ସ୍ରଷ୍ଟା ନିଜ ଜୀବନର ଏମିତି ଏକ ପର୍ଯ୍ୟାୟରେ ପହଞ୍ଚେଯେଉଁ ସମୟରେ ତା'ର ଜୀବନବ୍ୟାପୀ ଅନୁଭୂତିକୁ ଲିପିବଦ୍ଧ କରିବାକୁ ଚାହେଁ ପରବର୍ତ୍ତୀ ପିଢ଼ି ପାଇଁ । ସେହି ଅନବଦ୍ୟ ସୃଷ୍ଟିଟି ହିଁ ହୁଏ ତା'ର ସୁଦୀର୍ଘ ମାନସ ମନ୍ଥନର ପରିଣତି । ଏହା ତା'ର ସାମଗ୍ରିକ ସତ୍ତାର ଏକ ନିର୍ଯ୍ୟାସ; ଯେଉଁଠି ନିଜର ମୂଳ ଖୋଜିବାର ତାଡ଼ନା ଥାଏ ଭରପୂର । ସେଥିରେ ସ୍ରଷ୍ଟା ଯେତେଦୂର ନୈର୍ବ୍ୟକ୍ତିକ କରିବାକୁ ପ୍ରୟାସ କଲେବି ସୃଷ୍ଟି ଆପଣାଛାଏଁ ବ୍ୟକ୍ତିଗତ ଅନୁଭୂତିକୁ ସାଙ୍ଗରେ ଧରି ଆତ୍ମପ୍ରକାଶ କରେ । ସେହି ସମୟ, ସେହି ପର୍ଯ୍ୟାୟରେ ସ୍ରଷ୍ଟାର ସୃଷ୍ଟି ପାଠକର ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରେ । 'ଜୀବନ, ସଂପର୍କ, ସାହିତ୍ୟ' ପୁସ୍ତକଟି ସେହି ପର୍ଯ୍ୟାୟର । ଏହି ପୁସ୍ତକଟି ଦେବାଶିଷ ପାଣିଗ୍ରାହୀଙ୍କ ପ୍ରଥମ ସୃଜନଧର୍ମୀ ଓ ଅନ୍ତରଙ୍ଗ ଗଦ୍ୟ ସଙ୍କଳନ । ଶ୍ରୀଯୁକ୍ତ ଦେବାଶିଷ ପାଣିଗ୍ରାହୀ ଏକାଧାରରେ ଜଣେ ଗାଳ୍ପିକ ଏବଂ ଔପନ୍ୟାସିକ । ଏହାଛଡା ଉପନ୍ୟାସିକା, ଗୀତିକା, ଗୀତିକବିତା ମଧ୍ୟ ଲେଖିଛନ୍ତି । ବହୁଦିନରୁ ସେ ଏକ ଲଳିତ ନିବନ୍ଧ ଓ ଫିଚରଧର୍ମୀ ଲେଖା ଲେଖିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ସେହି ଇଚ୍ଛାରୁ ହିଁ ସୃଷ୍ଟି ହୋଇଛି ଏହି ଗଦ୍ୟ ସଂକଳନ ।

ଦେବାଶିଷ ପାଣିଗ୍ରାହୀଙ୍କ "ଜୀବନ, ସମ୍ପର୍କ, ସାହିତ୍ୟ'ଟି ତିନି ଭାଗରେ ବିଭକ୍ତ । ସୁରେନ୍ଦ୍ର ବିଚିତ୍ରା ପୁସ୍ତକ ପରି ଏହା ମ୍ଭ ଏକ ବିଚିତ୍ରା ସଂକଳନ । ଜୀବନ, ସମ୍ପର୍କ ଓ ସାହିତ୍ୟ ଏହି ତିନୋଟି ବିଭାଗକୁ କ୍ରମାନ୍ୱୟରେ ରଖି 'ଜୀବନ, ସଂପକ,ସାହିତ୍ୟ' ପୁସ୍ତକଟି ରଚିତ । 'ଜୀବନ'ରେ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ପିଲାଦିନ, କଲେଜ ଜୀବନ, ବୟସର ମଧ୍ୟାହ୍ନ, ବୃତ୍ତିଗତ ଜୀବନ ଓ ଈଶ୍ୱର ଭକ୍ତି ସମ୍ପର୍କିତ କେତୋଟି ପ୍ରବନ୍ଧ ସ୍ଥାନ ପାଇଛି । 'ସଂପର୍କ' ଭାଗରେ ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ବାପା, ମା', ଜେଜେ ବାପା, ପତ୍ନୀ ଶ୍ରୀମତୀ ଝୁମକୀ ରଥ, ବାନ୍ଧବୀ ଜ୍ୟୋସ୍ନା ରାଉତରାୟ, ଗୁରୁ ହାଡିବନ୍ଧୁ ସାର୍, ସ୍କୁଲ୍ ଜୀବନର ଅନୁଭୂତି ସହିତ ଶିକ୍ଷକମାନଙ୍କ ସଂପର୍କରେ ଆଲୋଚନା କରିଛନ୍ତି । ଶେଷ ଭାଗ ତଥା ସାହିତ୍ୟ ପ୍ରସ୍ଥରେ ସେ ନିଜ ଲେଖକୀୟ ଜୀବନର ଅଭିବ୍ୟକ୍ତି ପ୍ରକାଶ କରିଛନ୍ତି । ତାଙ୍କ ପାଇଁ ଗପର ମାନେ କ'ଣ ସେ ସମ୍ପର୍କରେ ନିଜର ଅଭିମତ ଦେଇଛନ୍ତି । ଗପ କବିତା ଓ ଗୀତିକବିତା ରଚନାର ଆଦ୍ୟ ପ୍ରୟାସକାଳର ଅନୁଭୂତି, ଶ୍ରେଷ୍ଠ ଚରିତ୍ର ସହ ଯୋଡ଼ି ହୋଇଯାଉଥିବା ଆବେଗ, ସାହିତ୍ୟ ଓ ସଂସାର ମଧ୍ୟରେ ଭାରସାମ୍ୟ ରକ୍ଷା କରିବାର ଉଦ୍ୟମ, ପାଠକୀୟ ସ୍ୱୀକୃତି ପ୍ରତି ଥିବା ମୋହ, ସଂଗୀତ ପ୍ରତି ଥିବା ଆକର୍ଷଣ, ଗୀତିକବିତାର ଉପାଦେୟତା, ଶିଶୁ ଓ କିଶୋର ସାହିତ୍ୟର ଉପଯୋଗୀତା, କବି ଅନନ୍ତ ପଟ୍ଟନାୟକଙ୍କ ପ୍ରଗତିବାଦୀ କାବ୍ୟ ଚେତନା ଆଦି ଅନେକ ପ୍ରସଙ୍ଗ ସଂଯୋଜିତ ହୋଇଛି । ଏତଦ୍‌ବ୍ୟତୀତ ଆହୁରି କେତେକ ସାହିତ୍ୟିକ ପ୍ରବନ୍ଧ ମଧ୍ୟ ଏଥିରେ ସ୍ଥାନ ପାଇଛି ।

## 'ଜୀବନ'ର ସ୍ରୋତ –

ସମୟକୁ ହାତ ପାପୁଲିରେ ଅଟକାଇ, ନିଜ ଭିତରର ଅନ୍ତରଙ୍ଗ ଅଥଚ ଅସ୍ପଷ୍ଟ ଅନ୍ତଃସ୍ୱରକୁ ଶୁଣିବା ପାଇଁ କାନଡେରି ନିମଗ୍ନ ହୋଇ ଅବେଳାରେ ବସିରହି ନିଜର ସ୍ମୃତିକୁ ଦେଖିବାକୁ ବା ବୁଝିବାକୁ ନିଜ ପିଲାଦିନ, ନିଜର କୈଶୋର ବୟସକୁ ଫେରିଛନ୍ତି ଶ୍ରୀଯୁକ୍ତ ପାଣିଗ୍ରାହୀ । ସମସ୍ତଙ୍କ ପିଲାଦିନ ପରି ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ପିଲାଦିନ ଏକାଭଳି ଥିଲେ ବି ସେଥିରେ କିଛି ସ୍ୱତନ୍ତ୍ରତା ରହିଥିଲା । 'ପିଲାଦିନ' ଶୀର୍ଷକରେ ସେ ମନେପକାଇଛନ୍ତି ନୀଳଗିରିରେ କଟାଇଥିବା ମଧୁର ସ୍ମୃତିକୁ । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ପିଲାଦିନ ଓ କୈଶୋରର ଅନେକ ମଧୁମୟ ସ୍ମୃତି ନୀଳଗିରି ସହ ଜଡିତ । ସ୍ୱର୍ଣ୍ଣଚୂଡ ପାହାଡ଼, ରାଜବାଟୀ, ରାଜଶାସନ ଅମଳର ପୁରୁଣା କଚେରୀ, ଡାକବଙ୍ଗଳା, ପ୍ରଶସ୍ତ ବଡଦାଣ୍ଡ, ରାଧାବଲ୍ଲଭ ମଠ, ଗୁଣ୍ଡିଚା ମନ୍ଦିର, ଶଙ୍କରାଖୁଣ୍ଟାପୋଖରୀ, ଲକ୍ଷ୍ମୀସାଗର ଏସବୁର ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ମାନସପଟରେ ଚିତ୍ରିତ ହୋଇ ରହିଥିଲା । ଶ୍ରୀଯୁକ୍ତ ପାଣିଗ୍ରାହୀ ପିଲାଦିନେ ଦେଖିଥିବା ନୀଳଗିରିର ରାଜବାଟୀ, କଇଁପୋଖରୀ, ପଦ୍ମପୋଖରୀ, ଚାଷଜମି, ବିଲଗହୀର ଓ ପିଲାବେଳେ ଶୁଣିଥିବା ଅନେକ କିମ୍ବଦନ୍ତୀ, ଲୋକଶ୍ରୁତି ଓ ଅଙ୍ଗେ ନିଭାଇଥିବା ପ୍ରତ୍ୟକ୍ଷ ଅନୁଭୂତି ସବୁ ତାଙ୍କ ଗଳ୍ପଗୁଡିକରେ ପୃଷ୍ଠଭୂମି ପାଲଟିଛି । ଯଥା:- 'ପରିବ୍ରାଜକ', ଜଣେ ନାରୀର ଆତ୍ମକାହାଣୀ', ବଗ ଓ ଗେଣ୍ଡୁଫୁଲ', 'ପ୍ରଜାପୁତ୍ର ଓ ରାଜକନ୍ୟାର କାହାଣୀ'ରେ ନୀଳଗିରିର ଛାପ ରହିଥିବା ଶ୍ରୀଯୁକ୍ତ ପାଣିଗ୍ରାହୀସ୍ୱୀକାର କରିଛନ୍ତି ।

କଲେଜ୍ ଜୀବନ ଓ ହଷ୍ଟେଲରେ କଟେଇଥିବା ସମୟକୁ ନେଇ ରହିଥିବା ଅନୁଭୂତିର ବର୍ଣ୍ଣନା ରହିଛି ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ 'କଲେଜ ଜୀବନ'ଶୀର୍ଷକ ଆଲୋଚନାରେ । ତାଙ୍କ ପାଇଁ ରେଭେନ୍ସା କଲେଜ୍ ଓ ନିଉ ହଷ୍ଟେଲର ଅନୁଭୂତି ଥିଲା ଆଦ୍ୟ ତାରୁଣ୍ୟର ସ୍ମରଣୀୟ ଅନୁଭୂତି । ୧୯୮୩ ମସିହାରେ ପ୍ରଥମ କରି ପାଦ ଥାପନ୍ତି ରେଭେନ୍ସା କଲେଜର ରାଜନୀତି ବିଜ୍ଞାନରେ ସ୍ନାତକ ଶିକ୍ଷା ପାଇଁ । ଅନ୍ୟ ପିଲାଙ୍କ ପରି ତାଙ୍କର ମଧ ଇଚ୍ଛା ଥିଲା ନିଉ ହଷ୍ଟେଲ ଛାତ୍ରାବାସରେ ରହିବା ପାଇଁ,ତାଙ୍କର ସେ ଇଚ୍ଛା ପୂରଣ ହୋଇଛି । କିଛିଦିନ ରହଣି ପରେ ନିଉ ହଷ୍ଟେଲରେ ରହୁଥିବା ସହରାଞ୍ଚଳ ଓ ରାଜ୍ୟ ବାହାରୁ ଆସି ପଢୁଥିବା ଛାତ୍ରମାନଙ୍କ ପାଖରୁ ହିନ୍ଦୀ ଶିଖିବାକୁ ସୁଯୋଗ ପାଇଛନ୍ତି, ଯାହା ତାଙ୍କୁ ବେଶ୍ ସହାୟକ ହୋଇଥିଲା ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଏମ୍.ଫିଲ୍ କରିବାରେ । ହଷ୍ଟେଲରେ ରହିଲାବେଳେ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ଗୋଟିଏ ଡୁବି ତବଲା ଥିଲା । ହଷ୍ଟେଲର ଅନ୍ୟ ପିଲାମାନଙ୍କ ମନରେ ତାହା କୌତୁହଳ ସୃଷ୍ଟି କରୁଥିଲା । ଲେଖକ ମନେ ପକେଇ କହିଛନ୍ତି ଯେ, ସେତେବେଳେ ଚାହା ସହ ବିସ୍କୁଟ୍ ଖାଇବା ପାଇଁ ସେ ମାଲଗୋଦାମରୁ ଖୋଜି ଖୋଜି ଶସ୍ତା ବିସ୍କୁଟ୍ ଆଣି ନିଜର ବୁଦ୍ଧିମତାକୁ ସାବାସି ଦିଅନ୍ତି କିନ୍ତୁ ପରେ ଜାଣିଛନ୍ତି ଯେ ତାହା ଥିଲା କୁକୁର ବିସ୍କୁଟ୍ । ଏସବୁ ବିଷୟ ବେଶ୍ ହାସ୍ୟୋଦ୍ଦୀପକ । ଶ୍ରୀଯୁକ୍ତ ପାଣିଗ୍ରାହୀ ତର୍କ ପ୍ରତିଯୋଗିତାରେ ଭାଗନିଅନ୍ତି, ବନ୍ଧୁମାନେ ଏଥିପାଇଁ ତାଙ୍କୁ ପ୍ରୋତ୍ସାହିତ କରନ୍ତି । ସେମାନଙ୍କ ନଜରରେ ଦେବାଶିଷ ପାଣିଗ୍ରାହୀ ଜଣେ ପ୍ରଫେସନାଲ୍ ଡିବେଟର୍ ।

ଭଲଲୋକ ଉପରେ ସଂଜ୍ଞା ଦେବାକୁ ଯାଇ କୁହନ୍ତି ଭଲ ଲୋକମାନେ ବେଶୀଦିନ ବଞ୍ଚନ୍ତି ନାହିଁ କାରଣ ଭଲଲୋକେ ନିଜ ଟେନସନ୍ ସହ ସାରା ଦୁନିଆର ଟେନସନ୍ ମୁଣ୍ଡକୁ ନିଅନ୍ତି ଫଳସ୍ୱରୂପ ସେମାନେ ଅଳ୍ପାୟୁ ହୁଅନ୍ତି । କିନ୍ତୁ ଆମେ ନିଜକୁ ବୋଧ ଦେଉ, ଭଗବାନ ତାଙ୍କର ବେଶୀ ପ୍ରିୟ ଲୋକଙ୍କୁ ନିଜ ପାଖକୁ ଶୀଘ୍ର ଡାକି ନିଅନ୍ତି ବୋଲି । ବର୍ତ୍ତମାନ ସମୟରେ ଆମ ଚାରିକଡ଼ରେ ଶୁଭକାମନାର ହାର ଉଦବେଗଜନକ ଭାବେ ହ୍ରାସ ପାଉଥିବାର ଲକ୍ଷ୍ୟ କରିଛନ୍ତି ଶ୍ରୀଯୁକ୍ତ ପାଣିଗ୍ରାହୀ ।ସେ କହିଛନ୍ତି ସମୟ ଥିଲା ଆଗରୁ ଅନ୍ୟ କାହାର ଦୁଃଖରେ ଆମେ ସମଦୁଃଖୀହେଉଥିଲେ । ସୁଖରେ ସୁଖୀ ହେବା ପାଇଁ ଶୁଭାକାଂକ୍ଷୀଟିଏ ଖୋଜିପାଉଥିଲେ କିନ୍ତୁ ଏବେ ତାହା ପାଇବା ଅତ୍ୟନ୍ତ ବିରଳ । ପରମୁହୂର୍ତ୍ତରେ ଶ୍ରୀଯୁକ୍ତ ପାଣିଗ୍ରାହୀ ଆଶାରଖିଛନ୍ତିଯେ ଶୀତପରେ ବସନ୍ତ ପରି ଋତୁ ପରିବର୍ତ୍ତନର ସନ୍ଦେଶ ଦିନେ ନା ଦିନେ ଅବଶ୍ୟ ଆସିବ, କେବେଦିନେ ସକାଳୁ ଉଠିଲାବେଳକୁ ଚତୁର୍ଦ୍ଦିଗରେ ଶୁଭ ସାହାନାଇ ବାଜୁଥିବ, ସବୁ ରାତି ଦୀପାବଳୀ ପରିଆଲୋକିତ ହୋଇଉଠିବ । କିଛି ଅନାଗତ ଶୁଭସଙ୍କେତ, ଶୁଭ ଶଙ୍ଖଧ୍ୱନି ପ୍ରତି ସେ ଆଶାବାଦୀ । ଏଇ ଦୂରନ୍ତ ଆଶା ହିଁ ଜୀବନର ଅନ୍ୟନାମ ବୋଲି ସେ ଯୁକ୍ତି ବାଢ଼ିଛନ୍ତି ।

ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀଯୁକ୍ତ ପାଣିଗ୍ରାହୀ । 'ମଧ୍ୟବିତ୍ତ ଓ ମଧ୍ୟବୟସ୍କ' ଉପରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜର ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । ମଝି ରାସ୍ତାରେ ଛିଡ଼ାହୋଇ ବାଟୋଇ ଆଗପଛ ବିଚାର କରିବା ଭଳି ବୟସର ମ୍ଧାହ୍ନରେ ମ୍ଧବିତ୍ତ ମଣିଷଟିଏ ନିଜ ଜୀବନର ଅଗ୍ରଗତି ଓ ବାକିଥିବା ବାଟର ଏକ ଆକଳନ କରିନିଏ । ଧନୀର ଏ ବାବଦରେ ଚିନ୍ତା ନଥାଏ, ଗରିବ ଲୋକଟିଏ ଅନ୍ନ, ବସ୍ତ୍ରର ଚିନ୍ତା ଭିତରେ ତା'ର ସ୍ୱପ୍ନ ସବୁକୁ ମାରିଦେଇଥାଏ କିନ୍ତୁ ମ୍ଧବିତ୍ତଲୋକଟିଏ ନା ତା'ର ଅତୀତକୁ ଛାଡ଼ିପାରେ ନା ଭବିଷ୍ୟତର କଳ୍ପନା, ଯୋଜନା, ସ୍ୱପ୍ନକୁ ଜଳାଞ୍ଜଳି ଦେଇପାରେ । ଲେଖକଙ୍କ ନଜରରେ ମ୍ଧବିତ୍ତଟିଏ ମ୍ଧବୟସରେ ଜୀବନ ବଞ୍ଚିବା ଖୁବ୍ କଷ୍ଟକର, ଯନ୍ତ୍ରଣାଦାୟକ । ଯାହା ଅଛି ଜୀବନରେ ତାକୁନେଇ ସନ୍ତୁଷ୍ଟହେବା, ପ୍ରତିଟି ଜିନିଷ ଯାହା ଅପହଞ୍ଚ, ତାକୁ ଅପହଞ୍ଚବୋଲି ଗ୍ରହଣ କରିନେବା ହିଁ ମ୍ଧବିତ୍ତ ଓ ମ୍ଧବୟସ୍କଲୋକ ଆଗରେ ଗୋଟିଏ ପନ୍ଥା । ଯାହାର ଅନ୍ୟକୌଣସି ବିକଳ୍ପ ପନ୍ଥା ନାହିଁ କିକେବେ ନଥିଲା ମ୍ଧ । ସମାଜରେ ଉଚ୍ଚବର୍ଗ, ଧନୀକ ଶ୍ରେଣୀ ପାଇଁ ନୀତିନିୟମ ଥାଏ କିନ୍ତୁ ଆଦର୍ଶବାଦ, ମୂଲ୍ୟବୋଧ, ବିଭିନ୍ନ କାୟଦା କଟକଣା, ବିଭିନ୍ନ ଅଙ୍କୁଶ ଥାଏ ଜଣେ ମ୍ଧବିତ୍ତଲୋକଟିଏ ପାଇଁ । ଯେମିତି ଯୁଗଯନ୍ତ୍ରଣାରୁ ମୁକ୍ତି ନାହିଁ, ସେମିତି ବି ତା'ର ମୁକ୍ତି ନାହିଁ ତା'ର ବର୍ଗ ଓ ବୟସର ମଧ୍ୟମ ସ୍ଥିତି ଓ ସତ୍ତାରୁ ।

ନିଜର ବୃତ୍ତି ଓ ପ୍ରବୃତ୍ତିକୁନେଇ ଶ୍ରୀଯୁକ୍ତ ପାଣିଗ୍ରାହୀ ବହୁବର୍ଷ ଧରି ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି, ତାହାକୁ ଏହି ପ୍ରବନ୍ଧରେ 'ବୃତ୍ତି ଓ ପ୍ରବୃତ୍ତି' ନାମରେ ସ୍ଥାନିତ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ ବୃତ୍ତିରେ ଭାରତୀୟ ପୋଲିସ୍‌ସେବାର ଅଧିକାରୀ ଏବଂ ପ୍ରବୃତ୍ତିରେ ଲେଖକ । ଏ ଉଭୟ ପରିଚୟର ପରିଭାଷା ମଧ୍ୟରେ ଆପାତତଃ ବ୍ୟାପକ ବିରୋଧାଭାସ ଥିବା ସତ୍ତ୍ୱେ ସବୁ ବିରୋଧାଭାସକୁ ଅତିକ୍ରମ କରି ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରିଛନ୍ତି । ତଥାପିସେଥିରେ ସଂଶୟ,ବ୍ୟଙ୍ଗ, ଉପହାସ ଓ ଉପେକ୍ଷାର ସାମନା କରିବାକୁ ପଡିଛି ବହୁ ସମୟରେ । ଲେଖାଲେଖି ସେ ତାଙ୍କ ସ୍କୁଲ୍ ଜୀବନରୁ ପ୍ରାୟ ବାର ତେର ବର୍ଷ ବୟସରୁ କରିଆସୁଛନ୍ତି । ସେହି ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ ଜଣାଯାଏ ଶ୍ରୀଯୁକ୍ତ ପାଣିଗ୍ରାହୀ ମୂଳତଃ ଜଣେ ଲେଖକ, ପରବର୍ତ୍ତୀ ସମୟରେ ସେ ପୋଲିସ୍ ପ୍ରଶାସକର ପରିଚୟ ପାଇଛନ୍ତି । ଲେଖକ ଭାବେ ପ୍ରଶାସକର ପରିଚୟ ବା

ପଦବୀର ଆଶାବାଡ଼ିକେବେ ଲୋଡ଼ିନାହାଁନ୍ତି । ଦୁଇଟି କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିସେ ଜୀବନ ଗଢ଼ିଛନ୍ତି । ସେ ଜଣେ ଜନସେବକ ହୋଇଥିବାରୁ ଏବଂ ଜନତାର ରାଜକୋଷରୁ ତାଙ୍କ କାର୍ଯ୍ୟ ପାଇଁ ପାରିଶ୍ରମିକ ପାଉଥିବାରୁ ପ୍ରଶାସନିକ ପରିଚୟ ଲେଖକୀୟ ପରିଚୟ ଦୁଇଟିକୁ ସ୍ୱତନ୍ତ୍ର ଭାବେ ଭିନ୍ନ କରି ରଖିଛନ୍ତି ଏବଂ ବୃତ୍ତିଗତ ଦକ୍ଷତା, ଉତ୍କର୍ଷ ଓ କର୍ତ୍ତବ୍ୟନିଷ୍ଠା ପ୍ରତିସେ ଶତ ପ୍ରତିଶତ ବିଶ୍ୱସ୍ତବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ କହିଛନ୍ତି । ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସନ୍ତୁଳନ ରଖିବା ବାଉଁଶରାଣୀର ଖେଳ ପରି କଠିନ ।ସେ ପ୍ରାୟ ସାହିତ୍ୟିକ ପରିବେଶରେ ନିଜର ବୃତ୍ତିଗତ ପରିଚୟ ଦେବାକୁ କୁଣ୍ଠାବୋଧ କରନ୍ତି । ପଦମର୍ଯ୍ୟାଦାର ଅପବ୍ୟବହାରଦ୍ୱାରା ତାଙ୍କର ସାହିତ୍ୟିକ ରୁଚିଟି ବିକଶିତ ନୁହେଁ, ଏଣୁ ପେଶା ଓ ନିଶା ମଧ୍ୟରେ ଏକ କାଳ୍ପନିକ ସୀମାରେଖା ଟାଣିଦେଇ ସେ ଜୀବନ ଜୀଇଁବାକୁ ଚେଷ୍ଟା କରିଛନ୍ତି । ସେଥିପାଇଁ ଲେଖକ-ପ୍ରଶାସକର ଦ୍ୱୈତ ପରିଚୟର ଉଲ୍ଲେଖ ତାଙ୍କ ପାଇଁ ବିଶେଷ ରୁଚିକର ବା ଗ୍ରହଣୀୟ ହୁଏନାହିଁ । ଉଭୟ ପରିଚୟକୁ ଅଲଗା ଓ ସ୍ୱତନ୍ତ୍ର ଭାବେ ମାନ୍ୟତା ଦେବାକୁ ସେ ପସନ୍ଦ କରନ୍ତି । ତେବେ ସେ ତାଙ୍କ ଜୀବନାନୁଭୂତିରୁ ଶିଖିଛନ୍ତି ଯେ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ଶତ ପ୍ରତିଶତ ବିଚ୍ଛିନ୍ନତା ସମ୍ଭବ ନୁହେଁ ଏବଂ ଦୁହିଁଙ୍କ ମଧ୍ୟରେ ଏକ ଅନତିକ୍ରମ୍ୟ ଲକ୍ଷ୍ମଣରେଖା ଟାଣିବା ମଧ୍ୟ ଅବାସ୍ତବ । ସମୟ ଓ ସ୍ଥଳ ବିଶେଷରେ ଦୁହିଁଙ୍କର ମଧ୍ୟରେ ଅନୁପ୍ରବେଶ ଅସମ୍ଭବ ନୁହେଁ ।

ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା ଦେବତା, ଓଡ଼ିଆ ଅସ୍ମିତାର ଆଧାର, ସାଧାରଣ ଜୀବନଚର୍ଯ୍ୟା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ମନରେ ପିଲାଟି ଦିନରୁ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ଏବଂ ଜଗନ୍ନାଥ ଦର୍ଶନ ପାଇଁ ଗଭୀର ଉତ୍ସୁକତା ଭରି ରହିଥିଲା । ସେ ପୁରୀ ଜିଲ୍ଲାର ଏସ୍.ପି ଭାବେ ପ୍ରାୟ ତିନିବର୍ଷ ଧରି ଅବସ୍ଥାନ କରିଥିଲେ । ସେହିଠାରେ ରହଣି 'ଳରେ ଜଗନ୍ନାଥଙ୍କୁ ନେଇ ଯେଉଁ ଅଙ୍ଗେନିଭା ଅନୁଭୂତି ରହିଛି ତାହାକୁ 'ଶ୍ରୀଜଗନ୍ନାଥ ଶରଣଂ' ପ୍ରବନ୍ଧ ଶୀର୍ଷକରେ ସ୍ଥାନ ଦେଇଛନ୍ତି । ପୁରୀରେ ଅବସ୍ଥାପିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ପାଇଁ ରଥଯାତ୍ରାର ସୁପରିଚାଳନା ସବୁଠାରୁ ବଡ଼ ଦାୟିତ୍ୱ । ଲେଖକ ସେହି ଦାୟିତ୍ୱ ନିର୍ବାହ ଦ୍ୱାରା ଜଗନ୍ନାଥଙ୍କ ସେବାକରିବାର ସୁଯୋଗ ପାଇଥିବାରୁ ନିଜକୁ କୃତାର୍ଥ ମନେକରିଛନ୍ତି । ରଥଯାତ୍ରାକୁ ନେଇ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ଯେଉଁ ଅପାଶୋରା ଅନୁଭୂତି ରହିଛି, ସେହି ଅନୁଭୂତିକୁ ନେଇ ଗପ, କବିତା ଓ ଗୀତ ରଚନା କରିଛନ୍ତି । ଶ୍ରୀ ଜଗନ୍ନାଥଙ୍କ ପରି ସାଇବାବାଙ୍କ ପ୍ରତି ମଧ୍ୟ ଲେଖକଙ୍କ ମନରେ ଗଭୀର ବିଶ୍ୱାସ ଥିବା ଜଣାଯାଏ । ସେ ସ୍ୱୀକାର କରନ୍ତି ଯେ ସାଇନାଥଙ୍କ କରୁଣାରୁ ଜୀବନର ସର୍ବାଧିକ ଯନ୍ତ୍ରଣାଦାୟକ ସମୟରେ ସେ ବଞ୍ଚିବାର ରାହା ପାଇଛନ୍ତି । ଉଭୟ ଜଗନ୍ନାଥ ଓ ସାଇବାବାଙ୍କ ପ୍ରତି ତାଙ୍କ ମନରେ ଗଭୀର ଭକ୍ତି ଓ ନିଷ୍ଠା ରହିଛି ।

## 'ସମ୍ପର୍କ'ର ପରିଭାଷା -

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ସମ୍ପର୍କ ହିଁ ସବୁଠୁ ବଡ଼ ଏକ ବନ୍ଧନ । ପାରସ୍ପରିକ ସମ୍ପର୍କ ମଣିଷକୁ ଦିଏ ଆନନ୍ଦ ଓ ପ୍ରେରଣା । ଏହିଭଳି ଶ୍ରୀଯୁକ୍ତ ପାଣିଗ୍ରାହୀ 'ସମ୍ପର୍କ' ଶୀର୍ଷକରେ ତାଙ୍କ ସହ ଯୋଡି ହୋଇଥିବା ସମ୍ପର୍କ ସବୁକୁ ସ୍ଥାନିତ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ 'ମୋ ବାପା' ଶୀର୍ଷକରେ ନିଜ ବାପାଙ୍କ ବିଷୟରେ ଅନେକ କଥା କହିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଜୀବନରେ ତାଙ୍କ ବାପାଙ୍କ ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ । ବାପା ଥିଲେ ତାଙ୍କ ଜୀବନର ସବୁଠୁ ବଡ ମହାନାୟକ, ଆଦର୍ଶ ପୁରୁଷ, ରୋଲ୍ ମଡେଲ୍ । ତାଙ୍କ ବାପା ବୃନ୍ଦାବନ ଚନ୍ଦ୍ର ପାଣିଗ୍ରାହୀ ଥିଲେ ଓଡ଼ିଶା ଅର୍ଥସେବାର ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ । ସରକାରୀ କାର୍ଯ୍ୟରେ ଥିଲେ ପାରଙ୍ଗମ, ତା'ସହ ତାଙ୍କର ଅସାଧାରଣ ସାଧୁତା, ସ୍ୱଚ୍ଛତା ତଥା ନମ୍ର ଓ ବିନୟୀଭାବ ଯୋଗୁଁ ସେ ଥିଲେ ଅଜାତଶତ୍ରୁ, ନିର୍ବିବାଦୀୟ ଓ ସମସ୍ତଙ୍କର ପ୍ରିୟ । ତାଙ୍କର ଆଉ ଏକ ପରିଚୟ ମଧ୍ୟ ଥିଲା ଅଭିନେତା ଓ ନାଟ୍ୟ ନିର୍ଦ୍ଦେଶକ ଭାବେ । ନାଟକ ନିର୍ଦ୍ଦେଶନା ଛଡା ତାଙ୍କ ବାପା 'ଦେବଯାନୀ'-ଚଳଚ୍ଚିତ୍ର, 'କର୍ଣ୍ଣାର୍ଜୁନ-ନାଟକ', 'କପେ କଫି'-ନାଟକରେ ଅଭିନୟ କରିଥିଲେ । ଚାକିରୀ ଛାଡିବାର ଦୁଇ ବର୍ଷ ପରେ ତାଙ୍କ ବାପା ହୃଦଘାତରେ ଦେହତ୍ୟାଗ କରିଥିଲେ । ତାଙ୍କ ବାପାଙ୍କର ଇଚ୍ଛା ଥିଲା ଶ୍ରୀକ୍ଷେତ୍ର ପୁରୀର ବଡଦାଣ୍ଡ, ମହୋଦଧି, କଳାଠାକୁରଙ୍କୁ ନେଇ ଉପନ୍ୟାସ ଲେଖିବା ପାଇଁ ଯାହାର ନାମ ହୋଇଥାଆନ୍ତା 'ଶରଧା ବାଲି' । ବାପାଙ୍କର ସେହି ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ଦେବାଶିଷ ପାଣିଗ୍ରାହୀ ଇଚ୍ଛା ବ୍ୟକ୍ତ କରିଛନ୍ତି ।ବାପାଙ୍କ ପରି ସବୁ ପୁଅ ଝିଅମାନଙ୍କର ଆଉ ଏକ ଆବେଗର ସମ୍ପର୍କ ଯୋଡି ହୋଇଥାଏ ମା'ଙ୍କ ସହିତ । ଜୀବନର ସବୁ ଯନ୍ତ୍ରଣାକୁ ସହି ସନ୍ତାନକୁ ଜନ୍ମ ଦେଇଥିବା ମା ହିଁ ଆମକୁ ମଣିଷ କରି ଗଢ଼େ । ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ବୋଉଙ୍କ ପାଖରୁ ଶୁଣିଛନ୍ତି ଯେ ସେ ଜନ୍ମ ହେଲା ବେଳକୁ ତାଙ୍କ ପିଲାଦିନ କିଣାବିକାରେ ହିଁ ଚାଲିଯାଇଥିଲା । କଥାଟା ଥିଲା ଏହିପରି କି ଶ୍ରୀଯୁକ୍ତ ପାଣିଗ୍ରାହୀ ଜନ୍ମ ହେଲା ବେଳକୁ ତାଙ୍କ ଘରର ଗୋଟେ ଗାଇ ମରିଯାଇଥିଲା । ପୁଅ ଜୀବନ ପ୍ରତି କୌଣସି ଅନିଷ୍ଟ ନଆସୁ ସେଥିପାଇଁ ଧାଇମା' ସରସ୍ୱତୀଙ୍କୁ ଦଶ ପଇସାରେ ବିକ୍ରି କରିଦିଆଯାଇଥିଲା । ବ୍ରତଘର ପୂର୍ବରୁ ପୁଣି ଧାଇମା ସରସ୍ୱତୀଙ୍କ ପାଖରୁ ଦଶପଇସାରେ କିଣାଗଲା । ପିଲାଦିନୁ ସେ ବୁଢ଼ୀମା'କୁ ମାଆ

ଡାକୁଥିଲେ, ମା'କୁ ବୋଉ । ଏହି ପରିପ୍ରେକ୍ଷୀରେ ଲକ୍ଷ୍ୟ କଲେ ଜଣାଯାଏ ଯେ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ତିନିତିନିଟି ମାଆ ।

ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କର 'ମୋ ମାଆ' ଶୀର୍ଷକରେ ତିନିଜଣ ମାଆଙ୍କ ବିଷୟରେ କହିଛନ୍ତି । ତାଙ୍କ ବୁଢ଼ୀ ମା'ର ତାଙ୍କ ପ୍ରତି ସ୍ନେହ ଥିଲା ନିଃସର୍ତ୍ତ ଓ ଅନେକାଂଶରେ ଅନ୍ଧ ଓ ଅପ୍ରମିତ । ଏଥିପାଇଁ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ତିନିଭଉଣୀ ବହୁତ ଇର୍ଷା କରନ୍ତି । ତାଙ୍କ ବୋଉ ଥିଲେ ଖୁବ୍ ପାରିବାର ଲୋକ । ଚାଷ କାମ, ଘର କାମ, ବାଡିବଗିଚା, ଘର ତୋଳା, ମୂଲିଆ ମଜୁରି ଏସବୁର ତଦାରଖରେ ସେ ଥିଲେ ବେଶ୍ ପାରଙ୍ଗମ ଏହା ସହିତ ସେ ପ୍ରଚୁର ପରିମାଣରେ ବହି ପଢ଼ନ୍ତି, ବିଶେଷତଃ ବଙ୍ଗଳା ଓ ହିନ୍ଦୀ ସାହିତ୍ୟ । ଧାଇମା ସରସ୍ୱତୀ ବିଷୟରେ ଖୋଜ୍ ଖବର ଏ ପରିଣତି ବିଷୟରେ ନ ରଖିଥିବାରୁ କ୍ଷୋଭ ପ୍ରକାଶ କରନ୍ତି ଶ୍ରୀଯୁକ୍ତ ପାଣିଗ୍ରାହୀ । ସେ ପରେ ଶୁଣିବାକୁ ପାଇଥିଲେ ଯେ ଧାଇମା ସରସ୍ୱତୀ କେବେଠୁ ଆରପାରିକୁ ଚାଲିଗଲାଣି ବୋଲି । ବାପାଙ୍କ ପରେ ବୋଉ ହିଁ ଥିଲେ ତାଙ୍କର ପାଇଁ ସବୁ କିଛି । କିନ୍ତୁ କାଳର ବିଡମ୍ବନା ସେ ମଧ୍ୟ ବେଶିଦିନ ରହିଲେ ନାହିଁ । ଏହି ଘଟଣା ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କୁ ବେଶ୍ ମର୍ମାହତ କରିଥିଲା । 'ମୋ'ଜେଜେ ବାପା' ଶୀର୍ଷକରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜ ଜେଜେବାପାଙ୍କ ବିଷୟରେ କହିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଛାତ୍ର ଜୀବନ କଟିଥିଲା ନୀଳଗିରିରେ ଜେଜେବାପା ଓ ଜେଜେମାଙ୍କ ପାଖରେ ରହି । ତାଙ୍କ ଜେଜେବାପା ଥିଲେ ନୀଳଗିରି ବାର୍‌ର ଜଣେ ପ୍ରତିଷ୍ଠିତ ଆଡଭୋକେଟ୍ । ସେ ସବୁଦିନ ଧୋତି କୋଟ୍ ପିନ୍ଧି କଚେରୀ ଯାଉଥିବାରୁ ଶ୍ରଦ୍ଧାରେ ଶ୍ରୀଯୁକ୍ତ ପାଣିଗ୍ରାହୀ ଓ ତାଙ୍କ ଭଉଣୀମାନେ ଡାକୁଥିଲେ 'କଚେରୀ ବାପା' । ଆଡଭୋକେଟ୍ ସହିତ ସେ ଥିଲେ ଅତ୍ୟନ୍ତ ସଚ୍ଚୋଟ, ସ୍ୱାଭିମାନୀ ଏବଂ ସ୍ୱାବଲମ୍ବୀ ମଣିଷ । ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ଜେଜେବାପାଙ୍କ ପାଇଁ ହିଁ ଇଂରାଜୀ ଭାଷା ଓ ଓଡ଼ିଆରୁ ଇଂରାଜୀ ପ୍ରତିଶବ୍ଦ ଥିବା ୱାର୍ଡକୁ ସଂପୂର୍ଣ୍ଣ ମୁଖସ୍ଥ କରି ଦେଇ ପରୀକ୍ଷାରେ ସଫଳତାର ଉତ୍ତୀର୍ଣ୍ଣ ହୋଇଥିଲେ । ତାହା ବଦଳରେ ଜେଜେବାପାଙ୍କଠାରୁ ଫୁଲପ୍ୟାଣ୍ଟ ଓ ଫୁଲପକା ସାର୍ଟ ତିଆରି କରି ପିନ୍ଧିଥିଲେ । ଜେଜେବାପାଙ୍କୁ ନେଇ ଶ୍ରୀଯୁକ୍ତ ପାଣିଗ୍ରାହୀର ଅନେକ ସ୍ମୃତି ରହିଛି । ସ୍ୱାଭିମାନ ଓ ଆତ୍ମସମ୍ମାନର ପ୍ରଥମ ଶିକ୍ଷା ପାଇଥିଲେ ତାଙ୍କ ଜେଜେବାପାଙ୍କର ବ୍ୟକ୍ତିତ୍ୱରୁ ।

ଶ୍ରୀଯୁକ୍ତ ପାଣିଗ୍ରାହୀ 'ଅର୍ଦ୍ଧାଙ୍ଗିନୀ' ଶୀର୍ଷକରେ ନିଜର ପତ୍ନୀଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି । ଆମେ ଜାଣିଛନ୍ତି ଯେ ଅର୍ଦ୍ଧାଙ୍ଗିନୀର ମାନେ ହେଉଛି ପତିର ସୁଖ ଦୁଃଖର ସାଥୀ, ସହଧର୍ମିଣୀ, ସହଗାମିନୀ, ସହଯାତ୍ରିଣୀ ଭାବେ ପତ୍ନୀ ପତିର ଅର୍ଦ୍ଧାଙ୍ଗ ବା ଅର୍ଦ୍ଧ ଶରୀରର ଅଧିକାରିଣୀ । ଏହା ସହିତ ଶ୍ରୀଯୁକ୍ତ ପାଣିଗ୍ରାହୀ କୁହନ୍ତି:- "ମୋ ଦୃଷ୍ଟିରେ ପତ୍ନୀ କେବଳ ପତିର ଅର୍ଦ୍ଧାଙ୍ଗିନୀ ନୁହେଁ । ଜୀବନସାଥୀ ଭାବରେ ତା'ର ଅଧିକାରର ବଳୟ ପତିର ସମଗ୍ର ଶରୀର, ଅଙ୍ଗ ପ୍ରତ୍ୟଙ୍ଗର ଦୈହିକ ପରିସୀମାକୁ ଅତିକ୍ରମଣ କରି ପତିର ଆତ୍ମା ଓ ଅନ୍ତରାତ୍ମା ପର୍ଯ୍ୟନ୍ତ; ତା'ର ଆଧାତ୍ମିକ ଆଧିଭୌତିକ ସତ୍ତା ଯାଏଁ ପରିବ୍ୟାପ୍ତ ।" ('ଜୀବନ, ସମ୍ପର୍କ, ସାହିତ୍ୟ', ପୃଷ୍ଠା-୫୮) ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ଜୀବନର ସବୁ ସମ୍ପର୍କକୁ ଅଗ୍ରାଧିକାର ଦେଲା ଭଳି ପତ୍ନୀଙ୍କୁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ଭାବିଛନ୍ତି । ସାର୍ବଜନୀନ ଭାବେ ଏବଂ ସମାଜ ସ୍ୱୀକୃତି ବିଧି ଅନୁଯାୟୀ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଗୋପନୀୟତା ଓ ପରସ୍ପର ପ୍ରତି ଅତୁଟ ବିଶ୍ୱାସର ସର୍ତ୍ତ ଭଙ୍ଗ ନକରି ତାଙ୍କ ଦାମ୍ପତ୍ୟ ଜୀବନ ବିଷୟରେ ଯାହା କହିହେବ, ତାହା କହିବାର ପ୍ରୟାସ କରିଛନ୍ତି ଶ୍ରୀଯୁକ୍ତ ପାଣିଗ୍ରାହୀ । ତାଙ୍କର ପତ୍ନୀ ଡକ୍ଟର ଝୁମକୀ ରଥ କଟକସ୍ଥିତ ଜାତୀୟ ବୀରକିଶୋର ମହାବିଦ୍ୟାଳୟରେ ଅଧ୍ୟାପନା କରନ୍ତି । ସେ ମନସ୍ତତ୍ତ୍ୱ ଓ ଶିଶୁର ବିକାଶ ପ୍ରକ୍ରିୟା ଉପରେ ଉଚ୍ଚତର ଗବେଷଣା କରିସେ ମନସ୍ତତ୍ତ୍ୱର ପି.ଏଚ୍.ଡି ଲାଭ କରିଛନ୍ତି । ତେବେ ସେ ଜଣେ ସୁଗାୟିକା ଭାବେ, ବିଶେଷତଃ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଭାବେ ସୁପରିଚିତା । ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କର ବୈବାହିକ ଜୀବନ ବିଷୟରେ କୁହନ୍ତି:- "ଆମ ବୈବାହିକ ଜୀବନର ମୂଳରୁ ହିଁ ଝୁମକୀ ମୋର ବାନ୍ଧବୀ, ଜୀବନସାଥୀ, ସୁହୃଦ୍, ସୋଲମେଟର ଭୂମିକା ନିଭେଇ ଆସିଛନ୍ତି । ପାରମ୍ପରିକ ଭାବେ ସମାଜ ସମ୍ମତ ପତ୍ନୀ ଓ ବୋହୂର କର୍ତ୍ତବ୍ୟ ମଧ୍ୟ ସେ ତୁଲାଇଛନ୍ତି ଖୁବ୍ ନିଷ୍ଠା ଓ ଆନ୍ତରିକତାର ସହ ।"('ଜୀବନ, ସମ୍ପର୍କ, ସାହିତ୍ୟ',ପୃଷ୍ଠା-୬୦) ଏହି କଥା ମୁଁ ସ୍ୱୀକାର କରିଛନ୍ତି ଯେ ଭାରତୀୟ ପୋଲିସ୍ ସେବାର ଜଣେ ବରିଷ୍ଠ ଅଧିକାରୀ ଭାବେ ଉପୁଜିଥିବା ନାନାଦି ବୃତ୍ତିଗତ ସମସ୍ୟା, ଚାପ, ଅବସାଦ ଓ ଆଶଙ୍କାର ଏକକ ସହଭାଗିନୀ ହେଉଛନ୍ତି ତାଙ୍କର ପତ୍ନୀ ଶ୍ରୀମତୀ ଝୁମକୀ ରଥ । ସଂସାରରୁ ମୁକ୍ତିଦେଇ ସାହିତ୍ୟଆଡକୁ ପାଦ ବଢ଼େଇବାର ସୁଯୋଗ ଦେବାରେ ଶ୍ରୀମତୀ ରଥଙ୍କ ଅବଦାନ ଅତୁଳନୀୟ । ସେଥିପାଇଁ ଶ୍ରୀଯୁକ୍ତ ପାଣିଗ୍ରାହୀ କୁହନ୍ତି ଶ୍ରୀମତୀ ରଥ ବାସ୍ତବିକ ଭାବେ ତାଙ୍କର ବଧୂ ନୁହେଁ, ବନ୍ଧୁ; ଅର୍ଦ୍ଧାଙ୍ଗିନୀ ନୁହେଁ, ପ୍ରିୟ ସଖୀ, ସହଚରୀ, ସହଧର୍ମିଣୀ, ସହଭାଗିନୀ, ସହଯାତ୍ରିଣୀ, ସୁହୃଦ୍, କମ୍ପାନିୟମ୍, ସୋଲମେଟ ବୋଲି ।

ଜୀବନର ଚଲାପଥରେ ନିତିଦିନ କିଛି ଜଣା, କିଛି ଅଜଣା ଲୋକଙ୍କ ସାଥିରେ ଆମ ସଭିଙ୍କର ଭେଟ ହୁଏ । କିନ୍ତୁ ହାତଗଣତି କିଛି ଲୋକଙ୍କୁ ଦେଖିଲେ ଆମମାନଙ୍କ ମନରେ ଆତ୍ମୀୟତାର ଭାବନା ଆସେ । ସେ ଚିହ୍ନା ବା ଅଚିହ୍ନା ହୁଅନ୍ତୁ, ଆମମାନଙ୍କୁ ଲାଗନ୍ତି ପ୍ରିୟଜନ ପରି । ଏଇ ପ୍ରିୟଜନଙ୍କୁ ନେଇ ଶ୍ରୀଯୁକ୍ତ ପାଣିଗ୍ରାହୀ 'ଅନନ୍ୟା'

ଶୀର୍ଷକରେ ଗାଳ୍ପିକା ଜ୍ୟୋତ୍ସ୍ନା ରାଉତରାୟଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଦୃଷ୍ଟିରେ ଗାଳ୍ପିକା ଜ୍ୟୋତ୍ସ୍ନା ରାଉତରାୟ ସେମିତି ଏକ ମଣିଷ ଥିଲେ, ଯାହାଙ୍କୁ ପ୍ରଥମ ଦେଖାରେ ହିଁ ଲାଗେ ନିଜର ଏକାନ୍ତ ଆତ୍ମୀୟ,ପରିଚିତ ପ୍ରିୟଜନ ପରି । ଗାଳ୍ପିକା ଜ୍ୟୋତ୍ସ୍ନା ରାଉତରଙ୍କ ପରିଚୟ ଦେବାକୁ ଯାଇ ଶ୍ରୀଯୁକ୍ତ ପାଣିଗ୍ରାହୀ କହନ୍ତି ଯେ, "ଜ୍ୟୋତ୍ସ୍ନା ଥିଲେ ଜଣେ ଭଲଲୋକ, ଜଣେ ଦରଦୀ ମଣିଷ, ଆକାଶ ପରି ପରିବ୍ୟାପ୍ତ, ପୁଣି ସମୁଦ୍ର ପରି ଉଦାର ।"('ଜୀବନ, ସମ୍ପର୍କ, ସାହିତ୍ୟ',ପୃଷ୍ଠା-୬୩) ଅନେକ ସାଧାରଣ ମାମୁଲି ଘଟଣା, ସାଧାରଣ ଚରିତ୍ରକୁ ଜ୍ୟୋତ୍ସ୍ନା ଖୋଜୁଥିଲେ ତାଙ୍କ ଗଳ୍ପ, ଫିଚର, କଥା ସାହିତ୍ୟର ଉପାଦାନ ପାଇଁ । କିନ୍ତୁ ଜ୍ୟୋତ୍ସ୍ନା ରାଉତରାୟଙ୍କ ଆକସ୍ମିକ ମୃତ୍ୟୁ ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କୁ ମର୍ମାହତ କରିଥିଲା ।

ଶ୍ରୀଯୁକ୍ତ ପାଣିଗ୍ରାହୀ 'ମୋ'ଗୁରୁ' ଶୀର୍ଷକରେ ନିଜ ଗୁରୁ ବିଷୟରେ ବର୍ଣ୍ଣନା କରିଛନ୍ତି । ଗୁରୁ ଓ ଶିକ୍ଷକଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ସେ ବିଷୟରେ ମତ ପୋଷଣ କରି କହିଛନ୍ତି ଯେ,"ଶିକ୍ଷକ ଓ ଗୁରୁର ପରିଭାଷା ମଧ୍ୟରେ ଯୋଜନ ଯୋଜନର ବ୍ୟବଧାନ । ଶିକ୍ଷକତା ଏକ ବୃତ୍ତି,ମାତ୍ର ଶିକ୍ଷକରୁ ଗୁରୁର ଉତ୍ତୁଙ୍ଗ ପଦବୀକୁ ଉନ୍ନତିହେବା ପାଇଁଲୋଡ଼ା ଅସାଧାରଣ ତ୍ୟାଗ, ଜ୍ଞାନ, ଉପଲବ୍ଧ, ଉଦାରତା, ମହାନୁଭବତା, ଶିଷ୍ୟକୁଶ୍ରେଷ୍ଠ କରି ଗଢ଼ିତୋଳିବାର ଦୃଢ଼ ସଂକଳ୍ପ ଓ ସାଧନା ।" ('ଜୀବନ, ସମ୍ପର୍କ, ସାହିତ୍ୟ',ପୃଷ୍ଠା-୬୬) ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ସ୍କୁଲ୍ ଶିକ୍ଷା ଆରମ୍ଭ ହୁଏ ଭୁବନେଶ୍ୱରର ୟୁନିଟ୍-୯ର ଏକ ଫ୍ଲାଟରେ ଚାଲୁଥିବା ସରକାରୀ ପ୍ରାଥମିକ ସ୍କୁଲରୁ, ଯାହାର ନାମ ଥିଲା ରିଜିଓନାଲ୍ କଲେଜ୍ କଲୋନୀ ୟୁ.ପି ସ୍କୁଲ୍ । ସେହି ସ୍କୁଲର ସାର୍ ଥିଲେ ହାଡ଼ିବନ୍ଧୁ ସାର୍ । ଏହି ସାର୍‌ଙ୍କ ପାଖରେ ଟିଉସନ୍ ମଧ୍ୟ ହେଉଥିଲେ । ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣହେବାରେ ହାଡ଼ିବନ୍ଧୁ ସାରଙ୍କ ଆଶୀର୍ବାଦ ଏବଂ ପରିଶ୍ରମ ବହୁତ ଭାବରେ ସହାୟ ହୋଇଛି । ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ଏବଂ ଶ୍ରୀଯୁକ୍ତ ପାଣିଗ୍ରାହୀ ଭାରତୀୟ ପୋଲିସରେ ଯୋଗ ଦେବା ପର୍ଯ୍ୟନ୍ତ ସବୁବେଳେ ଭଲମନ୍ଦ କଥା ବୁଝିଆସିଛନ୍ତି ହାଡ଼ିବନ୍ଧୁ ସାର୍ । ସେଥିପାଇଁଶ୍ରୀଯୁକ୍ତ ପାଣିଗ୍ରାହୀ ନିଜ ବାପା ଓ ନିଜ ଗୁରୁଙ୍କ ଅଭୟ ହସ୍ତ ସବୁଦିନ ପାଇଁ ତାଙ୍କ ମଥା ଉପରେ ଝଙ୍କାଳିଆ ଗଛର ଗହଳ ଛାଇ ହୋଇ ରହିଥାଉ ବୋଲି କହିଛନ୍ତି ।

'ମୋ'ସ୍କୁଲ୍ ମୋ'ସାର୍' ଶୀର୍ଷକରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜର ହାଇସ୍କୁଲର ଜୀବନ ଓ ସାର୍‌ଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ ପଢ଼ିଥିବା ହାଇସ୍କୁଲର ନାମ ହେଉଛି ବାଲେଶ୍ୱର ଜିଲ୍ଲାର ରାଜନୀଳଗିରି ସ୍ଥିତ କୈଳାସ ଚନ୍ଦ୍ର ହାଇସ୍କୁଲ । ଏହା ଏକ ପ୍ରାଚୀନ ସ୍କୁଲ୍, ଅଷ୍ଟମ ଶ୍ରେଣୀରେ ମିଳୁଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପାଇଥିବା ପିଲାଙ୍କ ପାଇଁ ଉତ୍କୃଷ୍ଟ ଓ ବିଶେଷ ବିଦ୍ୟାଳୟ ଭାବେ ବିବେଚିତ ହୋଇଥାଏ ଏହିସ୍କୁଲ୍ । ବୃନ୍ଦାବନ ସାର୍ ଥିଲେ ସେତେବେଳେ ପ୍ରଧାନ ଶିକ୍ଷକ । ସେ ଜଣେ ନୀତିନିଷ୍ଠ,ସାଧୁ ଏବଂ ଛାତ୍ରବତ୍ସଳ ଶିକ୍ଷକ ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି ।ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ହାଇସ୍କୁଲ ଜୀବନର ଦୁଇ ଅବିଚ୍ଛେଦ୍ୟ ଅଙ୍ଗ ଥିଲେ ବିନାୟକ ସାର୍ ଯିଏକି ସାହିତ୍ୟ ଓ ସଂସ୍କୃତ ପଢ଼ାଉଥିଲେ ଏବଂ ଶିଶିର ସାର୍ ଗଣିତ ଓ ବିଜ୍ଞାନ ପଢ଼ାଉଥିଲେ । ଦୁଇଜଣ ସାରଙ୍କ ପାଖରେ ମଧ୍ୟ ଶ୍ରୀଯୁକ୍ତ ପାଣିଗ୍ରାହୀ ଏବଂ ତାଙ୍କ ଭଉଣୀମାନେ ଟିଉସନ ହେଉଥିଲେ । ଏହି ଦୁଇ ସାରଙ୍କ ପାଖରୁ ଶ୍ରୀଯୁକ୍ତ ପାଣିଗ୍ରାହୀ ସାହିତ୍ୟ ଶିକ୍ଷା ଆଡ଼କୁ ଆକୃଷ୍ଟ ହେବା ସହ ଅଭିନୟ ପ୍ରତି ମଧ୍ୟ ଆକୃଷ୍ଟ ହୋଇଥିଲେ । ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜ ଜୀବନରେ ଯେଉଁ ସଫଳତା ପାଇଛନ୍ତି ତାହାର ଶ୍ରେୟ ଏହି ଦୁଇସାରଙ୍କୁ ଦିଅନ୍ତି ।

## 'ସାହିତ୍ୟ'ର ସ୍ୱର-

'ମୁଁ କାହିଁକି ଲେଖେ' ଶୀର୍ଷକରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜର ଲେଖକୀୟ ଜୀବନ ବିଷୟରେ କହିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ମନରେ ପ୍ରଶ୍ନ ଆସେ ଲେଖିବାରେ ଲାଭ କ'ଣ ? ଜଣେ ଲେଖିଲେ ବା ନ ଲେଖିଲେ ଆଉ କାହାର କି ଯାଏ ଆସେ ? ଏମିତି ଆପାତ ବିରୋଧାଭାସ ଥିବା ଅସୁମାରୀ ପ୍ରଶ୍ନ 'ଜଣେ କାହିଁକି ଲେଖେ' ପ୍ରଶ୍ନ ସହ ଜଡ଼ିତ । ଲେଖକୀୟ ଜୀବନର ଯେଉଁ ପର୍ଯ୍ୟାୟରେ ସେ ପହଁଞ୍ଚିଛନ୍ତି ତାଙ୍କ ମନରେ ଉଙ୍କି ମାରିଥିବା ପ୍ରଶ୍ନର ଉତ୍ତର ନିଜେ ଦେବାକୁ ଯାଇ କହିଛନ୍ତିଲେଖିଚାଲିବା ହିଁଲେଖକର ଧର୍ମ ।ଯେମିତି ବହିଚାଲିବା ଜଳର ଧର୍ମ, ଛାଇ ଦେବା ଝଙ୍କାଳିଆ ଗଛର ଧର୍ମ ।ତେଣୁ ଈଶ୍ୱରଙ୍କ ପାଖରେ ସେ ପ୍ରାର୍ଥନା କରିଛନ୍ତି ଯେ ଏହି ଲେଖକୀୟ ଧର୍ମ ନିଭାଇବାରେ ଈଶ୍ୱର ତାଙ୍କୁ ସବୁବେଳେ ସହାୟ ହୁଅନ୍ତୁ । ଆଉ ମଧ୍ୟ ସ୍ୱୀକାର କରିଛନ୍ତି ଯେ ତାଙ୍କର ଲେଖକୀୟ ଜୀବନ ଆରମ୍ଭ ପିଲାବେଳୁ ହିଁ ପ୍ରାୟ ସପ୍ତମ, ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ହିଁ 'ସୁଚରିତା' ପତ୍ରିକାର କିଶୋର ଫର୍ଦ୍ଦରେ ତାଙ୍କର ପ୍ରଥମ କବିତା ପ୍ରକାଶିତ ହୋଇଥିଲା । ଗପ ଦଶମ, ଏକାଦଶ ଶ୍ରେଣୀରେ ପଢ଼ିଲାବେଳେ ଲେଖିଥିଲେ ଶ୍ରୀ ଜଗନ୍ନାଥଙ୍କ ଉପରେ । ପରେପରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ମ୍ୟାଗାଜିନ୍ 'ଜାଗରଣ'ରେ କ୍ରୀତଦାସ ନାମକ ଗପ ଯାହା ଦାଦନ ଶ୍ରମିକର ଦୁଃଖ ଓ ଶୋଷଣ ଉପରେ ପର୍ଯ୍ୟବେସିତ । ଏହିପରି ଭାବେ ପରବର୍ତ୍ତୀ ଜୀବନରେ ଗପ, ଉପନ୍ୟାସ, କ୍ଷୁଦ୍ର ଉପନ୍ୟାସ, କବିତା, ଗୀତିକବିତା ଇତ୍ୟାଦି ଦିଗରେ

ଲେଖନୀ ଚାଳନା କରିଛନ୍ତି । ଏହା ସହିତ ଫିଚରଧର୍ମୀ ଲେଖା, ଅନ୍ତରଙ୍ଗ ଗଦ୍ୟ ଓ ଲଳିତ ନିବନ୍ଧ ଲେଖିବାର ପ୍ରୟାସ ମଧ୍ୟ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ ଲେଖିବାର ଅନେକ କାରଣ ଦର୍ଶାଇଛନ୍ତି :- "ଗୋଟିଏ ହେଲା ମନ ଭିତରେ ଘାଣ୍ଟି ହେଉଥିବା କିଛି ଭାବନା, ଚରିତ୍ର ବା ଘଟଣାକୁ ଜୀବନ୍ୟାସ ଦେବା ଏବଂ ସର୍ଜନା ଜନିତ ଯନ୍ତ୍ରଣାରୁ ସାମୟିକ ମୁକ୍ତି ପାଇବା । ଅନ୍ୟଟିହେଲା ନଲେଖି ପାରିଲେ ମନକୁ ଆସୁଥିବା ତୀବ୍ର ଅସହାୟତା, ଏକପ୍ରକାର ସ୍ଥାଣୁତା ଓ ଆତ୍ମଗ୍ଲାନିର ଦହନରୁ ନିଜକୁ ବଞ୍ଚାଇବା ।"('ଜୀବନ, ସମ୍ପର୍କ, ସାହିତ୍ୟ',ପୃଷ୍ଠା-୮୦) ସବୁଲେଖକ ପରି ଶ୍ରୀଯୁକ୍ତ ପାଣିଗ୍ରାହୀ ମଧ୍ୟ ଖୁସି ହୁଅନ୍ତିଯେତେବେଳେ ନିଜର ହାତଲେଖା ଅକ୍ଷର ପତ୍ରପତ୍ରିକାରେ ବା ବହି ଆକାରରେ ପ୍ରକାଶିତ ହୁଏ, ପାଠକୀୟ ପ୍ରତିକ୍ରିୟା, ଶୁଭେଚ୍ଛା, ଅଭିନନ୍ଦନ, ଶ୍ରଦ୍ଧା ଓ ସ୍ୱୀକୃତି ମିଳେ ।

'ମୋ ପାଇଁ ଗପର ମାନେ କ'ଣ' ଶୀର୍ଷକରେ ଶ୍ରୀଯୁକ୍ତ ପାଣିଗ୍ରାହୀ ତାଙ୍କ ଦୃଷ୍ଟିରେ ଗପର ମାନେ କ'ଣ ଓ ନିଜର ଗପ ଲେଖିବା ବିଷୟରେ ଉଲ୍ଲେଖ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ ସଚେତନ ଭାବରେ ଗପର ପ୍ଲଟ୍, ପରିଣତି, ଶୈଳୀ ଆଦି କଥା ନ ଭାବି ଗପଲେଖା ଆରମ୍ଭ କରନ୍ତି । ଗପର ପ୍ରଥମ ଧାଡିକୁ ଖୋଜି, ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଘଟଣା, ଚରିତ୍ର, ଦୃଶ୍ୟ, ଭାବନା ବା ଅନୁଭବ ତାଙ୍କର ସମଗ୍ର ସତ୍ତାକୁ କବଳିତ କରେ ସେମିତି ଏକ ମୁଗ୍ଧ , ବିହ୍ୱଳ, ମାୟାଗ୍ରସ୍ତ ଅବସ୍ଥାରେ ସେ ଗପ ଲେଖିବା ଆରମ୍ଭ କରନ୍ତି । ଗପ ଲେଖିସାରିବା ପରେ ନିଜ ପତ୍ନୀ ଓ ପିଲା ଛୁଆଙ୍କୁ ଶୁଣାନ୍ତି, ଜଣେ ସୃଜନଶୀଳ ଶିଳ୍ପୀ ଭାବେ ସେ କେବଳ ଚାହାଁନ୍ତି ଜଣେ କଥାକାର ହେବାକୁ, କହିବାକୁ ଏକଦମ୍ ନିରୋଳା ଓ ନିରୁତା କଥା । ଯେଉଁଥିରେ କାହାଣୀ ଅଛି ଭରପୂର, ଅଛି କଥକତାର ସାବଲୀଳ ଓ ଚମତ୍କାରିତା । ଆକସ୍ମିକତାରୁ ଆରମ୍ଭ ହୋଇ ଆଉ ଏକ ଆକସ୍ମିକତାରେ ଗପଟି ଶେଷ ହେବ ଏବଂ ତାପରେ ଘଟଣାବଳୀ କ'ଣ ହୋଇପାରେ, ତାହା ପାଠକର କଳ୍ପନା ଉପରେ ଛାଡିଦେବା, ଏହା ଗପର ଏକ ପ୍ରମୁଖ ବିଭବ ବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ ମନେ କରନ୍ତି । ଆଉ ମ୍ନ କୁହନ୍ତି ଯେ :- "ମୋ ପାଇଁ ଗପ ଲେଖିବା ଅଧିକ କଳା, କମ୍ କୌଶଳ; ଅଧିକ ମନର କଥା, କମ୍ ମସ୍ତିଷ୍କର କରାମତି, ଅଧିକ ଆର୍ଟ, କମ୍ କ୍ରାଫ୍ଟ ।"('ଜୀବନ, ସମ୍ପର୍କ, ସାହିତ୍ୟ',ପୃଷ୍ଠା-୮୩)

'ଗପ, କବିତା, ଗୀତିକବିତା' ଶୀର୍ଷକରେ ନିଜ ଗପ, କବିତା, ଗୀତିକବିତା ମଧ୍ୟରେ ଶ୍ରୀଯୁକ୍ତ ପାଣିଗ୍ରାହୀ କିପରି ଗୀତିକବିତାକୁ ଅଗ୍ରାଧିକାର ଦେଇଛନ୍ତି ସେ ବିଷୟରେ କହିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ସୃଜନତାର ପ୍ରଥମ ଉନ୍ମେଷ ଘଟିଥିଲା କବିତାରୁ । ସ୍କୁଲରେ ପଢ଼ିଲାବେଳେ ଅଷ୍ଟମ ଶ୍ରେଣୀରେ ପ୍ରଥମ କବିତା 'ଆସିଛି ବରଷା ରାଣୀ', କଲେଜରେ ପଢିଲାବେଳେ 'ଚୁପଚାପ', 'ବାଉଁଶ ବଣର ଗୀତ' ଏବଂ ପରବର୍ତ୍ତୀ ଚାକିରୀ ଜୀବନର 'ଝଙ୍କାର' ପତ୍ରିକାରେ କବିତା ପ୍ରକାଶିତ ହୋଇଛି । ଗପଠାରୁ ତାଙ୍କର କବିତା ସଂଖ୍ୟା ଅଧିକ । ଘଟଣାକ୍ରମରେ କବିତାଲେଖା ବନ୍ଦହୋଇଯାଇଥିଲେ ସୁଦ୍ଧା ଗୀତିକବିତା ତାଙ୍କର କାବ୍ୟିକ ସତ୍ତାର ଏକ ନୂତନ ସଂସ୍କରଣ ଭାବେ ଉଭାହୋଇଥିଲା । ନିଜ ଗୀତିକବିତାଲେଖିବା ବିଷୟରେ ଶ୍ରୀଯୁକ୍ତ ପାଣିଗ୍ରାହୀ କୁହନ୍ତିଯେ -"ବିଭିନ୍ନ ସମୟରେ ବିଭିନ୍ନ କ୍ୟାସେଟ୍, ଟେଲିଭିଜନ ପ୍ରୋଗ୍ରାମ୍ ଓ ଚଳଚ୍ଚିତ୍ର ପାଇଁ ମୁଁ ଗୀତକବିତାଲେଖିଛି ଏବଂମୋର ଗୀତିକବିତାର ସଂଖ୍ୟା କବିତା ଠାରୁଢେର ଅଧିକ । ସଂଗୀତରେ ମୋର ରୁଚି ଥିବାରୁ ଏବଂ ମୋର ପତ୍ନୀ ଜଣେ ସୁଗାୟିକା ହୋଇଥିବାରୁ ବିଭିନ୍ନ ସମୟରେ ଗୀତି କବିତା ଲେଖିବାର ଦାୟ ଅଧିକ ଅନୁଭୂତ ହୋଇଛି ।"('ଜୀବନ, ସମ୍ପର୍କ, ସାହିତ୍ୟ',ପୃ - ୮୫) ଏହା ମଧ୍ୟ ସ୍ୱୀକାର କରନ୍ତି ଯେ ଯଦିଓ ପରବର୍ତ୍ତୀ ସମୟରେ ଗପ ଲେଖିବାର ମୋହ ତାଙ୍କୁ କବିତାଠୁ ଦୂରେଇ ନେଇଛି ତଥାପି ପ୍ରଥମ ପ୍ରେମରୁକେହି ମୁକୁଳି ପାରୁନଥିବା ପରି ଗପର ଅନେକ ଧାଡି ତାଙ୍କ ଅଜଣାତରେ କବିତାର ପଙ୍କ୍ତି ପରି କାବ୍ୟିକ ହୋଇ ଉଠିଛି । ଶ୍ରୀଯୁକ୍ତ ପାଣିଗ୍ରାହୀ ଆଶାବାଦୀ ଯେ ସମୟ ସାଥ୍ ଦେଲେ ସେ କବିତାକୁ ପୁଣି ନିଜ ହାତ ପାହାନ୍ତାରେ ଧରିବାକୁ ଚେଷ୍ଟା କରିବେ ।

'ଶ୍ରେଷ୍ଠ ଚରିତ୍ର' ଶୀର୍ଷକରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜ ଗପ 'ଅଭାବିତ'ର ମୁଖ୍ୟ ଚରିତ୍ର ଦଣ୍ଡପାଣି ପାତ୍ର ଓରଫ୍ ନାଣ୍ଟୁକୁ ଶ୍ରେଷ୍ଠ ଚରିତ୍ର ରୂପେ ଗ୍ରହଣ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀ ସ୍ୱୀକାର କରିଛନ୍ତି ଯେ ସେ ଲେଖିଥିବା ଗପ ଓ ଉପନ୍ୟାସର ଅନେକ ଚରିତ୍ରକୁ ସେ ବ୍ୟକ୍ତିଗତ ଭାବେ ଭେଟିଛନ୍ତି ଓ ଦେଖିଛନ୍ତି ଯଦିଓ ସେ ଚରିତ୍ର ସହ ପରିଚୟର ଅବଧି କେଇ କ୍ଷଣ ବା କେଇ ମୁହୂର୍ତ୍ତଠାରୁ ଆରମ୍ଭ କରି, କେଇ ମାସ,କେଇ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଥାଇପାରେ । ପ୍ରଥମରୁ କୁହୁଡିଘେରା ଝାପ୍ସାଦେଖାଯାଉଥିବା ଚରିତ୍ରର ମୁହଁ ଅବୟବର ରେଖାଚିତ୍ର ଲେଖିବା ପ୍ରକ୍ରିୟାରେ ଅନେକାଂଶରେ ସ୍ପଷ୍ଟ ହୋଇଯାଏ ଯେବେ ସେ କଳ୍ପିତ ଚରିତ୍ର ସମ୍ପୂର୍ଣ୍ଣ ଜୀବନ୍ୟାସ ପାଏ, ସବୁଦିନ ପାଇଁ ତାର ମାନସ ଚିତ୍ରପଟ ମନ ଭିତର ସ୍ମୃତିର ଅମାରରେ ସାଇତା ରହେ । କେବେକେବେ ଯେତେ ଚେଷ୍ଟା କଲେ ବି ସେ ଚରିତ୍ରର ଚେହେରା ଶେଷ ପର୍ଯ୍ୟନ୍ତ ଝାପ୍ସା, ଅସ୍ପଷ୍ଟ ଓ ରହସ୍ୟମୟ ରହେ ଏବଂ ସେହି ଚରିତ୍ରମାନଙ୍କର ସ୍ଥାୟୀ ମାନସ ଛବି ଆଙ୍କି ହୁଏନାହିଁ । ଏସବୁର ଏକ ବ୍ୟତିକ୍ରମ ତାଙ୍କର ଗପ 'ଅଭାବିତ'ର ମୁଖ୍ୟ ଚରିତ୍ର ଦଣ୍ଡପାଣି ପାତ୍ର ଓରଫ୍ ନାଣ୍ଟୁ ଚରିତ୍ରକୁ 'ଶ୍ରେଷ୍ଠ ଚରିତ୍ର' କହିବାକୁ ଯାଇ ଲେଖିଛନ୍ତି:-

"'ଅଭାବିତ' ଗପର ନାଣ୍ଟୁ ଚରିତ୍ର ମୋ ଦୃଷ୍ଟିରେ ମୁଁ ଲେଖିଥିବା ଗପ, ଉପନ୍ୟାସ, ଉପନ୍ୟାସିକା ଗୁଡିକର ଅଗଣିତ ଚରିତ୍ର ମଧ୍ୟରୁ ସମ୍ଭବତଃ ଶ୍ରେଷ୍ଠ ଚରିତ୍ର ମୁଖ୍ୟତଃ ଏଇଥିପାଇଁ ଏଇ ଅତି ମାମୁଲି, ସାଧାରଣ ଅଥଚ ଅତି ନିଆରା,ଅସାଧାରଣ, ଦୁର୍ଲଭ, ଦୁଷ୍ପ୍ରାପ୍ୟ ଚରିତ୍ରଟି ଉପରେ ମୋର ସୃଜନର ସ୍ୱତ୍ତ୍ୱାଧିକାର ସର୍ବାଧିକ ।('ଜୀବନ, ସମ୍ପର୍କ, ସାହିତ୍ୟ',ପୃ -୯୦) ଏ ଚରିତ୍ର ତାଙ୍କର ଶତପ୍ରତିଶତ ମାନସ ସନ୍ତାନ ।

ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଦୃଷ୍ଟିରେ 'ସାହିତ୍ୟ ଓ ସଂସାର' ଅଙ୍ଗାଙ୍ଗୀ ଭାବେ ଜଡିତ । ତାଙ୍କ ମତରେ ସଂସାରକୁ ନେଇ ତ ସାହିତ୍ୟ,ସଂସାର ବ୍ୟତୀତ ସାହିତ୍ୟ କାହିଁ ? କିନ୍ତୁ ଅତିବେଶୀ ସଂସାରୀ ହେଲେ ସାହିତ୍ୟ ସୃଷ୍ଟି ସମ୍ଭବ ହୁଏନାହିଁ । ଖୁବ ବେଶୀ ବିଷୟ ବୁଦ୍ଧି ସମ୍ପନ୍ନ ଲୋକ ମସ୍ତିଷ୍କରୁ ଚିନ୍ତାକରେ, ହୃଦୟରୁ ନୁହେଁ । ସାହିତ୍ୟ ସହ ସଂସାରୀ ପରି ସନ୍ୟାସ ମଧ୍ୟ ଜଡିତ । ସନ୍ୟାସର ବୈରାଗ୍ୟ, ନିସ୍ପୃହତା, ଯୋଗୀ ସୁଲଭ ନିର୍ଲିପ୍ତତା ମଧ୍ୟ ଏକ ପ୍ରକାର ସାହିତ୍ୟ ସୃଷ୍ଟି କରିପାରେ, ଯାହା ଆଧ୍ୟାତ୍ମିକ ସାହିତ୍ୟର ପର୍ଯ୍ୟାୟଭୁକ୍ତ ହୁଏ । ତେବେ ସଂସାରୀ ମଣିଷ ହୋଇ ବି ଲେଖକ ବା କବିଟିଏ ନିଜର ସୃଜନଶୀଳ ଜୀବନର ଉତ୍ତରଣରେ ଅନେକ ସମୟରେ ସେଇ ଅତୀନ୍ଦ୍ରିୟ, ଅତିମାନସର ସନ୍ଧାନ ପାଏ । ସେ ପ୍ରକାଶ କରିଛନ୍ତିଯେ, "ସାହିତ୍ୟ, ସଂସାର, ସନ୍ନ୍ୟାସ ଏସବୁର ସମ୍ପର୍କର କୌଣସି ସରଳ ପରିଭାଷା ନାହିଁ । ଏ ସଭିଏଁ ନିଜ ନିଜ ଭିତରେ ଛନ୍ଦାଛନ୍ଦିହୋଇ ରହିଥାନ୍ତି । ('ଜୀବନ, ସମ୍ପର୍କ, ସାହିତ୍ୟ',ପୃ -୯୨) ସେହିପରି 'ସାହିତ୍ୟ ଓ ସଙ୍ଗୀତ'ରେ ସାହିତ୍ୟ ଓ ସଙ୍ଗୀତର ସଂଜ୍ଞା ଦେବାକୁ ଯାଇ କୁହନ୍ତି ସାହିତ୍ୟ ଓ ସଙ୍ଗୀତ ଉଭୟର ଉଦ୍ଭବ ମଣିଷର ସୂକ୍ଷ୍ମ ଚେତନାରୁ, ଉଭୟର ଭାବଭୂମି ମଣିଷର ମନୋରାଜ୍ୟରେ, ଉଭୟ ମଣିଷର ହୃଦୟର ଭାଷା ହିଁ କହନ୍ତି । ସ୍ଥାନ, କାଳ, ପାତ୍ର, ସଂସ୍କୃତି, ସଭ୍ୟତା ନିର୍ବିଶେଷରେ ସାହିତ୍ୟ ଓ ସଙ୍ଗୀତର ଏହି ସଂଜ୍ଞା ସାର୍ବଜନୀନ ଓ ସର୍ବକାଳୀନ । ସବୁକଳା ପରି ପ୍ରକୃତି ହିଁ ସାହିତ୍ୟ ଓ ସଂଗୀତ ସୃଷ୍ଟି ପାଇଁ ପ୍ରେରଣାର ଉତ୍ସ । ଯେମିତି ଶବ୍ଦ, ଅକ୍ଷରକୁ ନେଇ ସାହିତ୍ୟ, ସେମିତି ସ୍ୱର ଓ ଶ୍ରୁତିକୁ ନେଇ ସଙ୍ଗୀତ । ଗୀତ, ନୃତ୍ୟ, ବାଦ୍ୟ ଏ ତିନୋଟିର ସମ୍ମିଶ୍ରଣକୁ ନେଇ ଯେପରି ସଙ୍ଗୀତ ସେହିପରି ଗଳ୍ପ, କବିତା, ଉପନ୍ୟାସ, ନାଟକ, ପ୍ରବନ୍ଧ ଆଦି ସାହିତ୍ୟର ବିଭିନ୍ନ ବିଭାଗ ସୃଜନକଳାର ବିଭିନ୍ନ ଦିଗ ଓ ଦିଗନ୍ତ । ସାହିତ୍ୟରେ ଦେଖା ଯାଉଥିବା ନବରସ,ଏହି ନଅଟି ନବରସ ମାନସିକତା ବା ମଣିଷର ଭାବାବେଗର ବ୍ୟାଖ୍ୟା କରନ୍ତି । ଏହି ନବରସର ପ୍ରତିଫଳନ ଉଭୟ ଭାରତୀୟ ସାହିତ୍ୟ ଓ ସଙ୍ଗୀତରେ ସୁସ୍ପଷ୍ଟ । ପରିଶେଷରେ ଶ୍ରୀଯୁକ୍ତ ପାଣିଗ୍ରାହୀ କହିଛନ୍ତି ଯେ:- "ମଣିଷର ଅନ୍ତର୍ନିହିତ ସୌନ୍ଦର୍ଯ୍ୟବୋଧ ବା ନାନ୍ଦନିକତା ହିଁ ସବୁକଳା, ସୃଜନ, ସଙ୍ଗୀତ ଓ ସାହିତ୍ୟର ଆଧାର ଏବଂ ଏହି ସୌନ୍ଦର୍ଯ୍ୟବୋଧର ରୂପାୟନ, ପରିପ୍ରକାଶ ଓ ସମ୍ପ୍ରସାରଣ ନିର୍ଦ୍ଦିଷ୍ଟ କଳା ସୃଜନ, ସଙ୍ଗୀତ ତଥା ସାହିତ୍ୟ ମାଧ୍ୟମରେ ହୋଇଥାଏ ।" ('ଜୀବନ, ସମ୍ପର୍କ, ସାହିତ୍ୟ', ପୃ-୯୯)

ଶ୍ରୀଯୁକ୍ତ ପାଣିଗ୍ରାହୀ 'ଗୀତି କବିତା'ଶୀର୍ଷକରେ କହିଛନ୍ତି ଗୀତିକବିତା ହେଉଛି କବିତା ଓ ସଙ୍ଗୀତର ଏକ କମନୀୟ ମିଶ୍ରରୂପ । ଏହା ଗାୟନ ପାଇଁ ଉଦ୍ଦିଷ୍ଟ, ଏହାର ରଚନାରେ ଛନ୍ଦୋବଦ୍ଧତା ଓ ଗୀତିମୟତା ଉଭୟ ଆବଶ୍ୟକ । ଉଚ୍ଚକୋଟୀର ଗୀତିକବିତାରେ ଉଭୟ ଉତ୍କୃଷ୍ଟ ସାହିତ୍ୟିକ ଓ ସାଙ୍ଗୀତିକ କଳାର ପ୍ରୟୋଗ କରାଯାଇଥାଏ ।ଗୀତିକବିତାର ଅନ୍ୟ ଏକ ବିଶେଷତ୍ୱ ହେଲା ଏହାର ସ୍ମରଣୀୟତା ଖୁବ ଅଳ୍ପ ଶବ୍ଦରେ ଗଳ୍ପ ବା କାହାଣୀଟିଏ କହିବା ବା ଚିତ୍ରଟିଏ ଆଙ୍କିବା ସମ୍ଭବପର ହୁଏ ଗୀତି କବିତା ମାଧ୍ୟମରେ । ସଫଳ ଗୀତିକବିତା ହେବା ପାଇଁ ଉଭୟ ସାହିତ୍ୟିକ ଓ ସାଙ୍ଗୀତିକ ପ୍ରତିଭା ଓ ଅବବୋଧର ସହାବସ୍ଥାନ ନିତାନ୍ତ ଜରୁରୀ । ଗୀତିକବିତାର ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ଓଡ଼ିଆ ସାହିତ୍ୟ ଓ ସଂଗୀତକୁ ଅଧିକ ଲାଳିତ୍ୟ, ମାଧୁର୍ଯ୍ୟ, ଲାବଣ୍ୟ, ଲାସ୍ୟ ଓ ଶ୍ରୁତି ମଧୁରତା ପ୍ରଦାନ କରିବ ବୋଲି ଲେଖକ ବିଶ୍ୱାସ କରନ୍ତି । 'ଶିଶୁ କିଶୋର ସାହିତ୍ୟ'ରେ ଶ୍ରୀଯୁକ୍ତ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ଯେ ଶୈଶବ ଓ କୈଶୋର ପ୍ରତିଟି ମଣିଷ ଜୀବନର ଏକ ମହାର୍ଘ ଅଧ୍ୟାୟ । ଯେଉଁ ସାହିତ୍ୟରେ ଶିଶୁ ଓ କିଶୋର ସାହିତ୍ୟ ଯେତିକି ସମୃଦ୍ଧ, ସାହିତ୍ୟ ପ୍ରତି ସେଇ ସମାଜରେ ସେତିକି ଅଧିକ ଶ୍ରଦ୍ଧା ଓ ଅନୁରକ୍ତି । ବହି ପଢ଼ିବାର,ବହିକୁ ଭଲ ପାଇବାର ମୂଳଦୁଆ ପଡିଥାଏ ଜୀବନର ଆଦ୍ୟ ପର୍ଯ୍ୟାୟରେ । ସେତେବେଳେ ଯଦି ଉନ୍ନତ ଶିଶୁ ଓ କିଶୋର ସାହିତ୍ୟ ଉପଲବ୍ଧ ହୋଇଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ପଢିବା ଓ ଲେଖିବାର ରୁଚିକୁ ଏହା ସକରାତ୍ମକ ଭାବେ ପ୍ରଭାବିତ କରିଥାଏ । ଅଧିକ ପାଠକ ଓ ପାଠକୀୟ ଶ୍ରଦ୍ଧା ଓ ପଠନ ପ୍ରବଣତାର ମୂଳଦୁଆ ପକାଇଥାଏ ଶିଶୁକିଶୋର ସାହିତ୍ୟ । ଆଉ ମଧ୍ୟ କୁହନ୍ତି ଏବେ ବହୁ ସଂଖ୍ୟାର ଓଡ଼ିଆ ପିଲା ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷାଲାଭ କରୁଥିବାରୁ ଓଡ଼ିଆ ଶିଶୁ ଓ କିଶୋର ସାହିତ୍ୟକୁ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ 'ବାଇଲିଙ୍ଗୁଆଲ' ବା 'ଦ୍ୱିଭାଷୀ ସାହିତ୍ୟ' ରୂପେ ସୃଷ୍ଟି କରାଗଲେ ଏହା ଅଧିକ ଯୁଗୋପଯୋଗ ଓ ଉପାଦେୟ ସିଦ୍ଧ ହେବ । ସାହିତ୍ୟ ପତ୍ରପତ୍ରିକାର ପ୍ରକାଶକ, ଲେଖକ, ପ୍ରକାଶନ ସଂସ୍ଥା, ସମ୍ବାଦ ପତ୍ର ଓ ଅନ୍ୟାନ୍ୟ ଗଣମାଧ୍ୟମ ମାନଙ୍କର ଏକ ଉତ୍କୃଷ୍ଟ ଓଡ଼ିଆ ଶିଶୁ ଓ କିଶୋର ସାହିତ୍ୟ ସୃଷ୍ଟି ଓ ପ୍ରସାରଣ ଦିଗରେ ଗୁରୁଦାୟିତ୍ୱ ରହିଛି ବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି ।

ଶ୍ରୀଯୁକ୍ତ ପାଣିଗ୍ରାହୀ ଅନନ୍ତ ପଟ୍ଟନାୟକଙ୍କ କବିତା ଉପରେ ଆଲୋଚନା କରିଛନ୍ତି । ଯାହାର ଶୀର୍ଷକ ହେଉଛି,'ପ୍ରଗତିଶୀଳ ଓଡ଼ିଆ ସାହିତ୍ୟର ଅଗ୍ରଦୂତ : କବି ଅନନ୍ତ ପଟ୍ଟନାୟକ ।' ଏହି ଆଲୋଚନାଟି ଦୀର୍ଘ ହୋଇଥିବାରୁ ଏଠାରେ ସଂକ୍ଷିପ୍ତ ଭାବରେ ଉପସ୍ଥାପନା କରାଗଲା । ଅନନ୍ତ ପଟ୍ଟନାୟକଙ୍କ ପ୍ରଗତିବାଦୀ ଚେତନାର ପରିପ୍ରକାଶ କବିତା ଛଡ଼ା ଗଳ୍ପ, ନାଟକ ଓ ପ୍ରବନ୍ଧରେ ମଧ୍ୟ ପ୍ରତିଫଳିତ ହୋଇଛି । କିନ୍ତୁ ଏହି ଆଲୋଚନାର ପରିସର କେବଳ ତାଙ୍କର କବିତାକୁ ନେଇ ସୀମିତ । ଶ୍ରୀଯୁକ୍ତ ପାଣିଗ୍ରାହୀ ଏହି ଅଲୋଚନାକୁ ଏକ ସମାଲୋଚକୀୟ ଦୃଷ୍ଟି ନେଇ ନୁହେଁ, କବି ଅନନ୍ତ ପଟ୍ଟନାୟକଙ୍କର କବିତାର ଏକ ବିମୁଗ୍ଧ ପାଠକ ଓ ଜଣେ ସୃଜନଶୀଳ ଲେଖକର ଦୃଷ୍ଟି ଉପରେ ପର୍ଯ୍ୟବେସିତ । ଏହି ଦୃଷ୍ଟିକୋଣରୁ କବି ଅନନ୍ତ ପଟ୍ଟନାୟକଙ୍କର କାବ୍ୟିକ ସତ୍ତାକୁକେବଳ ପ୍ରଗତିବାଦୀ ସାହିତ୍ୟର ବଳୟ ମଧ୍ୟରେ ସୀମାବଦ୍ଧ ରଖିବା ସମୀଚୀନ ମନେ ହୁଏ ନାହିଁବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ କହିଛନ୍ତି । ମାର୍କ୍ସବାଦ ସହ ତାଙ୍କର ସୌନ୍ଦର୍ଯ୍ୟ ଦୃଷ୍ଟି ନିବିଡ଼ ଭାବରେ ଜଡ଼ିତ । ତେଣୁ ତାଙ୍କ ସାହିତ୍ୟରେ ବାମପନ୍ଥୀ ପ୍ରୋପାଗାଣ୍ଡା ମଧ୍ୟରେ ସୀମିତ ରହିନାହିଁ । ବାମପନ୍ଥୀ ଦର୍ଶନ ପ୍ରଭାବିତ ତାଙ୍କର କବିତା ମଧ୍ୟରେ ଏକ ସୂକ୍ଷ୍ମ ପ୍ରବଣତା, ଏକ ରୋମାଣ୍ଟିକ ପଦଲାଳିତ୍ୟ, ଗଭୀର ମମତ୍ୱବୋଧରେ ଭିଜା ଏକ ଦରଦୀ ଅର୍ନ୍ତଦୃଷ୍ଟି ଉଙ୍କିମାରେ । ଯାହା ତାଙ୍କୁ କାଳଜୟୀ କବିର ମାନ୍ୟତା ଦିଏ ବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ କହିଛନ୍ତି ।

'କେତେ ଭଲ ଆମ ସାମସମୟିକ କଥା ସାହିତ୍ୟ'ରେ ଶ୍ରୀଯୁକ୍ତ ପାଣିଗ୍ରାହୀ କଥା ଓ କଥା ସାହିତ୍ୟର ପରିସରରେ କେବଳ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସକୁ ନେଇ ସ୍ଥାନିତ କରିଛନ୍ତି । ସମସାମୟିକ କଥା ସାହିତ୍ୟିକ ଭାବେ ଗୌରହରି ଦାସ, ଅଜୟ ସ୍ୱାଇଁ,ଚିରଶ୍ରୀ ଇନ୍ଦ୍ରସିଂ, ହିରଣ୍ମୟ ମିଶ୍ରଙ୍କୁ ସ୍ଥାନିତ କରିଛନ୍ତି । ସେ ଲକ୍ଷ୍ୟ କରିଛନ୍ତି ଯେ ଗଳ୍ପ ତୁଳନାରେ ଆମ ଉପନ୍ୟାସ ସଂଖ୍ୟା କମ୍ ।ପୂର୍ବରୁ ଲେଖା ଯାଇଥିବା ଉପନ୍ୟାସ ଯେପରି ଭାବରେ ଓଡ଼ିଆ ପାଠକ ଓ ପାଠିକାଙ୍କ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିପାରିଥିଲା । ସାମ୍ପ୍ରତିକ ସମୟରେ ସେମିତି ଲୋକପ୍ରିୟ ଉପନ୍ୟାସ ଓ ଔପନ୍ୟାସିକ ପାଇବା କଷ୍ଟକର । ଲୋକଙ୍କର ପଠନ ସମୟ ଓ ପ୍ରବୃତ୍ତି ହ୍ରାସ ପାଇବା ସଙ୍ଗେସଙ୍ଗେ ଦୀର୍ଘକାୟ ଉପନ୍ୟାସ ପ୍ରତି ଆଗ୍ରହ କମିଚାଲିଛି । ଏହି ପରିପ୍ରେକ୍ଷୀରେ 'ନଭେଲା' ବା କ୍ଷୁଦ୍ର ଉପନ୍ୟାସର ଚାହିଦା ପାଠକଶ୍ରେଣୀଙ୍କ ପାଖରେ ଅପେକ୍ଷାକୃତ ଅଧିକ ରହୁଛି ଏବଂ ବହି ଆକାରରେ ପ୍ରାୟ ୧୦୦ ରୁ ୧୫୦ ପୃଷ୍ଠା ମଧ୍ୟରେ ଲିଖିତ 'ନଭେଲା' ଅଧିକ ଲୋକପ୍ରିୟ ହୋଉଛି ବୋଲି ଶ୍ରୀଯୁକ୍ତ ପାଣିଗ୍ରାହୀ ଲକ୍ଷ୍ୟ କରିଛନ୍ତି । ପରିଶେଷରେ ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ ରଖି ଆଗାମୀ ସାହିତ୍ୟିକଙ୍କ ପାଇଁ କହିଛନ୍ତି ଯେ "କେବଳ ଓଡ଼ିଶାର ମାଟି, ପାଣି, ପବନ ମୂଳରେ ସଙ୍କୁଚିତ ନରଖି ବିଶ୍ୱାୟାନ ବା ଗ୍ଲୋବାଲାଇଜେସନ୍ ପରିପ୍ରେକ୍ଷୀରେ ଯୁଗୋପଯୋଗୀ ଚରିତ୍ର କଥାବସ୍ତୁ, ଘଟଣା ଆଦି ନେଇ ମୌଳିକ ଉପନ୍ୟାସ ରଚନାର ଆହ୍ୱାନ ଓ ଉତ୍ତରଦାୟିତ୍ୱ ରହିଛି ଓଡ଼ିଆ ଭାଷାରେ ଲେଖୁଥିବା କଥାକାର ଓ ଔପନ୍ୟାସିକ ମାନଙ୍କ ଆଗରେ । ଏଥି ସହିତ ଓଡିଆ ଗଳ୍ପ ଓ ଉପନ୍ୟାସ ଗୁଡ଼ିକର ସଫଳ ଅନୁବାଦ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଏକକାଳୀନ ଲେଖିବାର ଉଦ୍ୟମ ଓଡ଼ିଆ କଥା ସାହିତ୍ୟକୁ ଏକ ବୃହତ୍ତର ପାଠକଶ୍ରେଣୀ ପାଖରେ ପହଞ୍ଚାଇ ପାରିବ ଏବଂ ଏହାର ଭାବଭୂମୀ ଓ ପୃଷ୍ଠଭୂମୀକୁ ସୁଦୂର ପ୍ରସାରୀ କରିବାରେ ସହାୟକ ହେବ।" ('ଜୀବନ, ସମ୍ପର୍କ, ସାହିତ୍ୟ',ପୃ-୧୧୫)

ଶ୍ରୀଯୁକ୍ତ ପାଣିଗ୍ରାହୀ 'ଓଡ଼ିଆ ସାହିତ୍ୟର ଗୌରବମୟ ଅଧ୍ୟାୟ ବିଗତ କି ?'ରେ ତାଙ୍କ ବିଚାରରେ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଅଶୀଦଶକ ପର୍ଯ୍ୟନ୍ତ ଯଦି ଆମେ ଓଡ଼ିଆ ସାହିତ୍ୟର ଉଜ୍ଜ୍ୱଳ ଅଧ୍ୟାୟ ବୋଲି ଗଣିବା, ତେବେ ତା' ତୁଳନାରେ ଆପେକ୍ଷିକ ଭାବେ ନବେଦଶକ ଏବଂ ଏକବିଂଶ ଶତାବ୍ଦୀର ଏଯାବତ୍ ଅର୍ଥାତ୍ ପ୍ରଥମ ଦେଢ଼ ଦଶକର ସାହିତ୍ୟର ମାନରେ ସାମଗ୍ରିକ ଭାବେ ଘଟିଛି କି ନା ଯଦି ଅବକ୍ଷୟ ଘଟିଛି ତେବେ ସେ ଅବକ୍ଷୟର ସ୍ରୋତର ଦିଗ ପରିବର୍ତ୍ତନ ସମ୍ଭବନା' ନୁହେଁ, ସେ ସମ୍ବନ୍ଧରେ ମତ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ ପାଣିଗ୍ରାହୀ ସାହିତ୍ୟର ଅନ୍ୟ ବିଭାଗ ମଧ୍ୟରୁ କେବଳ ଓଡ଼ିଆ ଗଳ୍ପ ଓ ଉପନ୍ୟାସକୁ ଆଲୋଚନାର ପରିସରଭୁକ୍ତ କରିଛନ୍ତି । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ଏହି ଅଭିବ୍ୟକ୍ତିଟି 'ଦି ନିଉ ଏକ୍ସପ୍ରେସ' ଦ୍ୱାରା ଭୁବନେଶ୍ୱର ଠାରେ ତା-୧୦-୧୦-୨୦୧୫ରିଖରେ ଆୟୋଜିତ 'ଓଡିଶା ଲିଟେରାରୀ ଫେଷ୍ଟିଭାଲ'ରେ ପ୍ରଦତ୍ତ ଅଭିଭାଷଣର ସମ୍ପୂର୍ଣ୍ଣ ଲିଖିତ ରୂପ ।

'ଯୁବବର୍ଗ ଓ ଓଡ଼ିଆ ସାହିତ୍ୟ'ରେ ଶ୍ରୀଯୁକ୍ତ ପାଣିଗ୍ରାହୀ ଭାଷା ସାହିତ୍ୟ କ୍ଷେତ୍ରରେ ତରୁଣ ଯୁବଗୋଷ୍ଠୀ ସାହିତ୍ୟ ସୃଷ୍ଟି ଓ ତାର ପାଠକୀୟତା ବୃଦ୍ଧି ଦିଗରେ ଆଲୋଚନା କରିଛନ୍ତି । ତାରୁଣ୍ୟ ଓ ଯୌବନ, ଜୀବନର ଏପରି ଏକ ସମୟ ଯେବେ ଆଖିରେ ଥାଏ ଅସୁମାରି ସ୍ୱପ୍ନ, ଶରୀରରେ ଥାଏ ଅଫୁରନ୍ତ ଶକ୍ତି ଓ ଫୂର୍ତ୍ତି ଏବଂ ମନରେ ଥାଏ କିଛି ନୂଆ କରିବାର ଅଦମ୍ୟ ଉତ୍ସାହ । ଆଶା, ନିରାଶା, ସ୍ୱପ୍ନ, ସ୍ୱପ୍ନଭଙ୍ଗ ଆବେଗର ସନ୍ଧିକ୍ଷଣରେ ଚିତ୍ରହୋଇରହିଥିବା ଜୀବନର ଏଇ ପର୍ଯ୍ୟାୟରେ ହିଁ ମଣିଷ କିଛି ପରିବର୍ତ୍ତନ, ନୂତନତ୍ୱ ଓ ଅଭିନବ ଆୟର ବାର୍ତ୍ତାବହ ହେବାର ସାମର୍ଥ୍ୟ ରଖିଥାଏ । ତେଣୁ ସାହିତ୍ୟରେ ସୃଜନଶୀଳତା, ନୂତନତା ଓ ଆଧୁନିକତାର ସୂତ୍ରଧର ପାଲଟେ ଏହି ତରୁଣ ଓ ଯୁବବର୍ଗ । ସେହିପରି ସାହିତ୍ୟର ବହୁଳ

ପାଠକୀୟତା,ଆଲୋଚନା ଓ ପର୍ଯ୍ୟାଲୋଚନା ପ୍ରସାର ଓ ପ୍ରଚାରର ଏକ ବଳିଷ୍ଠ ମ୍ଧ୍ୟମ ଓ ପ୍ରତିନିଧି ମ୍ଧ୍ୟ ସାଜେ ଏହି ବର୍ଗ । ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ମତରେ ସମାଜରେ ଓଡ଼ିଆ ଭାଷାର ଲେଖକ ଓ ଲେଖିକାମାନଙ୍କୁ ଆଦର୍ଶ, ଅନୁକରଣୀୟ ବ୍ୟକ୍ତିତ୍ୱ, 'ଆଇକନିକ୍ ଫିଗର୍' ଓ 'ରୋଲ୍ ମଡେଲ୍' ଭାବେ ସ୍ୱୀକୃତି ମିଳିଲେ ଯାଇ ଅଧିକରୁ ଅଧିକ ତରୁଣ ଓ ଯୁବଗୋଷ୍ଠୀ ଓଡ଼ିଆ ସାହିତ୍ୟ ପ୍ରତି ଅନୁରକ୍ତ ହେବେ ଏବଂ ସାହିତ୍ୟ ସୃଷ୍ଟି ପାଇଁ ଉତ୍ସାହିତ ହେବେ ।" ('ଜୀବନ, ସମ୍ପର୍କ, ସାହିତ୍ୟ', ପୃ -୧୩୬) ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ଏହି ଯୁବବର୍ଗ ଓ ଓଡ଼ିଆ ସାହିତ୍ୟ ପ୍ରବନ୍ଧଟି ତା-୨୩-୩-୨୦୧୬ ରିଖ ପବିତ୍ର ଦୋଳ ପୂର୍ଣ୍ଣିମା ଦିନ 'କଥା କଳିକା' ପତ୍ରିକାର ପ୍ରଥମ ସ୍ୱନକ୍ଷେତ୍ର ଉତ୍ସବ ଅବସରରେ ପଠିତ ଭିତ୍ତି ପ୍ରବନ୍ଧ ।

ଏହି ସୃଜନଧର୍ମୀ ଓ ଅନ୍ତରଙ୍ଗ ଗଦ୍ୟ ସଂକଳନରେ ସ୍ଥାନିତ 'ଲେଖକୀୟ ଅଭିବ୍ୟକ୍ତି-ପତର ଫାଙ୍କରେ ସୂର୍ଯ୍ୟ'ଟି ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କର ପ୍ରଥମ ଉପନ୍ୟାସ । ଉପନ୍ୟାସଟି ଲେଖିବାର ପ୍ରକ୍ରିୟା ଥିଲା ତାଙ୍କ ପାଇଁ ଅନ୍ତରଙ୍ଗ ଯାତ୍ରା । ଏଥିରେ ସ୍ଥାନିତ ଥିବା ଅଭିବ୍ୟକ୍ତିଟି ୨୦୧୨ ମସିହା ଡିସେମ୍ବର ମାସ ୨୩ ତାରିଖ ଦିନ ଭୁବନେଶ୍ୱରଠାରେ ସେବେ ସଦ୍ୟ ପ୍ରକାଶିତ 'ପତର ଫାଙ୍କର ସୂର୍ଯ୍ୟ' ଉପନ୍ୟାସ ଉପରେ ଆୟୋଜିତ ପୁସ୍ତକ ପାଠ ଓ ଆଲୋଚନା ଉତ୍ସବ ଅବସରରେ ପ୍ରଦତ୍ତଲେଖକୀୟ ଅଭିବ୍ୟକ୍ତି । ସେହିପରି 'ଲେଖକୀୟ ପ୍ରତ୍ୟୁତ୍ତର'ଟି ଭୁବନେଶ୍ୱର ପୁସ୍ତକମେଳା, ୨୦୧୫ ଦ୍ୱାରା ତା-୧୦-୦୨-୧୫ରିଖ ଦିନ ପ୍ରଦତ୍ତ ବିଜୟକୃଷ୍ଣ ମହାନ୍ତି ଗଳ୍ପ ସମ୍ମାନ' ଗ୍ରହଣ ଅବସରରେ ଉପସ୍ଥାପିତ ଲେଖକୀୟ ଅଭିବ୍ୟକ୍ତିର ବିସ୍ତୃତ ଓ ପୂର୍ଣ୍ଣାଙ୍ଗ ସ୍ୱରୂପ । 'ଲେଖକୀୟ ସାକ୍ଷାତକାର'ରେ ଶ୍ରୀଯୁକ୍ତ ପାଣିଗ୍ରାହୀ ନିଜର ସାକ୍ଷାତକାରକୁ ସ୍ଥାନିତ କରିଛନ୍ତି । ଏହି ସାକ୍ଷାତକାର୍‌ଟିକୁ ନେଇଥିଲେ ପ୍ରଫେସର ବିଜୟ କୁମାର ଶତପଥୀ ପରିଶେଷରେ ଶ୍ରୀଯୁକ୍ତ ପାଣିଗ୍ରାହୀ କରିଥିବା ଦୁଇଟି ପୁସ୍ତକ ସମୀକ୍ଷା ଯଥା ଔପନ୍ୟାସିକ ବିପିନ ବିହାରୀ ମିଶ୍ରଙ୍କର 'ବିଷୁବରେଖା- ଏକ ପରିକ୍ରମା', ଏବଂ ଔପନ୍ୟାସିକ ତରୁଣକାନ୍ତି ମିଶ୍ରଙ୍କର 'ଶରଦଃ ଶତମ୍' – ମଣିଷର ଅବିରତ ସଂଘର୍ଷର କାହାଣୀକୁ ସ୍ଥାନିତ କରିଛନ୍ତି । ବିଷୁବରେଖା ଉପନ୍ୟାସଟି ଔପନ୍ୟାସିକ ବିପିନ ବିହାରୀ ମିଶ୍ରଙ୍କର ସପ୍ତମ ଉପନ୍ୟାସ ହୋଇଥିଲା ବେଳେ ଶରଦଃ ଶତମ୍ ଉପନ୍ୟାସଟି ତରୁଣକାନ୍ତି ମିଶ୍ରଙ୍କର ପ୍ରଥମ ଉପନ୍ୟାସ ଅଟେ ।

ମଣିଷର ଜୀବନ, ତା'ର ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତା ହିଁ ତାର ସୃଜନକର୍ମକୁ ବହୁ ଭାବରେ ପ୍ରଭାବିତ କରେ । ନିଜର ଆଚରଣ ଓ ଜୀବନଶୈଳୀ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରାଏ । ସମାଜ ମ୍ଧ୍ୟରେ ମଣିଷ ଖୋଜେ ନିଜ ସମ୍ପର୍କୀୟଙ୍କୁ ଓ ପ୍ରବୃତ୍ତ କରାଏ ଜୀବନର ବିକାଶ ପଥରେ । ଜୀବନ, ସଂପର୍କ ଓ ସୃଜନତାକୁଗୋଟିଏ ସଂକଳନ ଭିତରେ ଏକତ୍ରିତ କରି ଏକ ନିଆରା ପୁସ୍ତକ ପ୍ରକାଶ ପାଇଁ ଦେବାଶିଷ ପାଣିଗ୍ରାହୀ ଆଗ୍ରହୀ ହୋଇଛନ୍ତି । ଏହି ପୁସ୍ତକଟି ତ୍ରିଧାରାର ସଙ୍ଗମସ୍ଥଳ । ଗୋଟିଏ ବହିର କଳେବର ମଧ୍ୟରେ ସେ ନିଜ ଅତୀତର ଘଟଣା, ପାରସ୍ପରିକ ସମ୍ପର୍କ ଓ କେତେକ ସାହିତ୍ୟିକ ପ୍ରବନ୍ଧକୁ ଏକତ୍ର କରି ପ୍ରକାଶିତ କରିଛନ୍ତି । ଏଇ ଧରଣର ପୁସ୍ତକରେ ପାଠକକୁ ଏକାଧାରାରେ ତିନୋଟି ଭିନ୍ନ ପ୍ରସଙ୍ଗ ଆଧାରିତ ବିଷୟ ପରଷିଦେଇ ଅଧିକ ଆକର୍ଷଣୀୟ କରିବାର ପ୍ରଚେଷ୍ଟା ରହିଛି । ପିଲାଦିନର ଅନୁଭୂତି, କୈଶୋର ମାନସିକତା, ବାଲ୍ୟ ଚପଳତା, କ୍ରୀଡ଼ା ଓ ଜିଜ୍ଞାସା ଜନିତ ଅନୁଭବକୁ ପାଠକଙ୍କ ନିକଟରେ ଉପସ୍ଥାପିତ କରିଛନ୍ତି । ପରିବାର ଓ ସମ୍ପର୍କୀୟ ମାନଙ୍କ ପାଇଁ ମନରେ ଥିବା ଭାବନାକୁ ପାଠକ ଆଗରେ ପ୍ରକାଶ କରିବା ସହ ସାହିତ୍ୟକୁ ନେଇ ଲେଖକଙ୍କ କେତୋଟି ପ୍ରବନ୍ଧକୁ ଏଥିରେ ସଂଯୋଜିତ କରାଯାଇଛି । ଗପ, କବିତା, ଗୀତିକବିତା ପ୍ରତି ତାଙ୍କର ଆବେଗପ୍ରବଣତା ସଂପର୍କରେ ଉଲ୍ଲେଖ କରିଛନ୍ତି । ପେଶା ଓ ନିଶା ମଧ୍ୟରେ ସମନ୍ୱୟ ରକ୍ଷା କରି ଜୀବନକୁ କିପରି ଗତିଶୀଳ କରିବାକୁ ହୁଏ, ଲେଖକ ନିଜେ ହିଁ ତାର ଏକ ଉତ୍କୃଷ୍ଟ ଉଦାହରଣ । ବାସ୍ତବରେ ଲେଖକଙ୍କର ବ୍ୟକ୍ତିଗତ ଜୀବନ, ବୃତ୍ତିଗତ ଜୀବନ ଓ ସାହିତ୍ୟିକ ଜୀବନକୁ ଏକ ସମାନ୍ତରରେ ରଖି ବିଚାର କଲେ ତହିଁରେ ଲେଖକଙ୍କ ମହନୀୟତା ଫୁଟିଉଠେ ।

**ସହାୟକ ଗ୍ରନ୍ଥସୂଚୀ**


୧ – ପାଣିଗ୍ରାହୀ, ଦେବାଶିଷ, ଜୀବନ ସମ୍ପର୍କ ସାହିତ୍ୟ, ଅଗ୍ରଦୂତ, ବାଙ୍କାବଜାର, କଟକ, ପ୍ରଥମ ସଂସ୍କରଣ, ୨୦୧୬ ।



**ଗବେଷକ, ଓଡ଼ିଆ ବିଭାଗ,**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**

ISSN -2583-147X(P), **Vol.- 8, Issue No. III, JUNE 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# କବି ଶରତ ଚନ୍ଦ୍ର ପ୍ରଧାନଙ୍କ ବୃକୋଦର : ବିଭବ ଓ ଅନୁଭବ

**– ସୁବାଷ ଚନ୍ଦ୍ର ଭୋଇ**

ଉତ୍ତର ଷାଠିଏ ଓଡ଼ିଆ କବିତା ଆକାଶର କବି ଶରତ ଚନ୍ଦ୍ର ପ୍ରଧାନ ଏକ ଅଦ୍ୱିତୀୟ ନାମ । ସ୍ୱଭାବ କବି ଯେମିତି ଭାରତୀୟ ସାହିତ୍ୟ, ସଂସ୍କୃତି, କିମ୍ବଦନ୍ତୀ, ପୁରାଣ ଆଖ୍ୟାନକୁ ନିଜର ସାହିତ୍ୟ ଉପାଦାନ ଭାବେ ଗ୍ରହଣ କରିଛନ୍ତି, ସେପରି କବି ଶରତ ପ୍ରଧାନ ମଧ ଭାରତୀୟ ସାହିତ୍ୟ,ସଂସ୍କୃତିରୁ କଥାବସ୍ତୁ ଗ୍ରହଣ କରି ବିଶ୍ୱ ସାହିତ୍ୟିକ ଭାବନା ପରିସ୍ଫୁଟନ କରିଛନ୍ତି । ଏହି ସମୟର କବି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ରଙ୍କ କାବ୍ୟ ଜିଜ୍ଞାସା ଓ କାବ୍ୟ ଶୈଳୀରୁ ଶରତ ପ୍ରଧାନଙ୍କ ଶୈଳୀ ସ୍ୱତନ୍ତ୍ର । ଆଧୁନିକ ଜଟିଳ ଜୀବନ ଜିଜ୍ଞାସା କୁ ପରମ୍ପରା ଓ ପ୍ରାଚୀନତା ର ପୃଷ୍ଠ ଭୂମିରେ ବର୍ଣ୍ଣନା କରନ୍ତି । କବି ଶରତ ଚନ୍ଦ୍ର ପ୍ରଧାନ କେନ୍ଦୁଝର ଜିଲ୍ଲାର ଟୋଲ କନଣ୍ଡା ରେ ୧୯୩୪ ମସିହା ମେ ୫ ତାରିଖରେ ପିତା ପ୍ରାଣବନ୍ଧୁ ପ୍ରଧାନ ଓ ମାତା ଚମ୍ପାବତି ଦେବୀ ଙ୍କ କୋଳ ମଣ୍ଡନ କରିଥିଲେ । ସେ କରଞ୍ଜିଆଠାରୁ ପାଠ ପଢ଼ା ଆରମ୍ଭ କରି ରେଭେନ୍ସା ବିଶ୍ୱବିଦ୍ୟାଳୟ ରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରିଥିଲେ । ସେ ରେଭେନ୍ସା ପୂର୍ବ ଛାତ୍ରାବାସର ଅନ୍ତେବାସୀ ଥିବାବେଳେ ଛାତ୍ରାବାସର ମୁଖପତ୍ର "ଜାଗରଣ' ପତ୍ରିକାରେ ତାଙ୍କର ପ୍ରଥମ କବିତା "ଘୋଡ଼ା ମୋର ନାଚରେ' ୧୯୫୬ ମସିହାରେ ପ୍ରକାଶ ପାଇଥିଲା । ସେ ୧୯୫୯ ମସିହାରେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରନ୍ତି । ସେ କେନ୍ଦୁଝର ବିଜ୍ଞାନ ମହାବିଦ୍ୟାଳୟରୁ ଅଧ୍ୟାପକ ଭାବେ ପରିଶେଷରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିଦର୍ଶକ ପ୍ରାଧ୍ୟାପକ ଭାବେ କର୍ମ ଜୀବନକୁ ସୂଚାରୁ ରୂପେ ପ୍ରତିପାଦିତ କରିଛନ୍ତି ।

ଶରତ ଚନ୍ଦ୍ର ପ୍ରଧାନ ଏକାଧାରେର କବି,ସାମଲୋଚକ,ଅନୁବାଦକ ଓ ଶିକ୍ଷାବିତ୍ । ସେ କବି ଭାବେର ୧୯୭୩ ରୁ ୨୦୦୯ ମସିହା ଭିତରେ ଦଶ ଗୋଟି କବିତା ପୁସ୍ତକ ରଚନା କରିଛନ୍ତି । ସଂକଳନ ମାନଙ୍କର ପ୍ରକାଶ କ୍ରମ ଏପରି – "ନଈ ଆଉ ମାଛ, ହଂସ ଓ ସାରସ'(୧୯୭୩), "ଉଚ୍ଚୈଶ୍ରବା'(୧୯୮୧), "ଅସ୍ଥିର ପାଦ'(୧୯୮୬), "ଯଯାତି'(୧୯୯୧) , "ଅଭୟ ଭୟ" (୧୯୯୪), "ବତ୍ରିଶ ସିଂହାସନ'(୧୯୯୮), "ବଗିଚାର ଦୃଶ୍ୟ'(୨୦୦୧), "ନଳାଭ ନିମନ୍ତ୍ରଣ'(୨୦୦୪), "ବୃକୋଦର'(୨୦୦୬) ଓ 'ଇନ୍ଦ୍ରଧନୁର ଭାଷା'(୨୦୦୯) । ପ୍ରଥମ ପାଞ୍ଚୋଟି କୃତିକୁ ନେଇ "ଶରତ ସମ୍ଭାର' ପ୍ରଥମ ପର୍ବ ପ୍ରକାଶିତ । ଅନୁବାଦକ ଭାବେ 'ପାଶ୍ଚାତ୍ୟ ଶିକ୍ଷାର ସାଂସ୍କୃତିକ ଇତିହାସ'(୧୯୭୫), 'ପ୍ରାୟୋଗିକ ଭାଷା ବିଜ୍ଞାନର ଦିଗ ବିଦିଗ'(୧୯୮୧) ସମାଲୋଚକ ଭାବେ 'କାବ୍ୟଧାରା ଓ କବି ମାନଓ'(୧୯୭୬), 'ମଧୁସୃଷ୍ଟି:ଅମୃତ ଦୃଷ୍ଟି'(୧୯୭୯), 'ସାହିତ୍ୟ ସଙ୍ଗମ'(୧୯୮୧), 'ସାହିତ୍ୟା ବର୍ତ୍ତ'(୧୯୮୬), 'ସାମ୍ପ୍ରତିକ କବିତାର କୂଳ ଓ ଶିଳ'(୨୦୦୭), 'ବାଂମୟ ପରିଧି : ଆଧୁନିକ ସାହିତ୍ୟ ପରିକ୍ରମା'(୨୦୦୮) ଏବଂ ସାହିତ୍ୟର ସେବାୟତ ତାଙ୍କ ଆତ୍ମଜୀବନୀ ଗ୍ରନ୍ଥ । 'ଯଯାତି' କବିତା ଗ୍ରନ୍ଥ ପାଇଁ ୧୯୯୪ ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ।

କବି ଶରତ ଚନ୍ଦ୍ର ପ୍ରଧାନଙ୍କ "ବୃକୋଦର' ଏକବିଂଶ ଶତାବ୍ଦୀରେ ପ୍ରକାଶିତ ଗ୍ରନ୍ଥ । ଏହା ୨୦୦୬ ମସିହାରେ ବିଜୟିନୀ ପ୍ରକାଶନଦ୍ୱାରା ପ୍ରକାଶିତ । ବ୍ୟାସଦେବ ଓ ସାରଳା ଦାସଙ୍କ ମହାଭାରତର ପାଣ୍ଡବ ମାନଙ୍କ ମହାଯାତ୍ରା ପ୍ରସଙ୍ଗର ଆଧୁନିକ ରୂପ ହେଉଛି ବୃକୋଦର । କବି ଭୂମିକାରେ କହନ୍ତି ବୃକୋଦର ଭୀମଙ୍କ ଅନ୍ୟ ନାମ । ବୃକ୍ ଶବ୍ଦର ଅର୍ଥ ହେଟା ବାଘ । ବୃକର ଉଦର ପରି ଉଦର ଯାହାର ସେ ବୃକୋଦର । ବୃକର ଅନ୍ୟ ଏକ ଅର୍ଥ ଜଠର ଅଗ୍ନି । ଏ ଅର୍ଥରେ ଗ୍ରହଣ କଲେ ଯାହା ଉଦରରେ ସବୁବେଳେ କ୍ଷୁଧାର ଜ୍ୱାଳା । ସେ ଯାହା ହେଉ ମହାଭାରତରେ ଭୀମ ଏକ ଅନନ୍ୟ ଚରିତ୍ର । ଏ ଚରିତ୍ର ଭିତରେ ବୃକୋଦର ର ଅଭିଧାନ ଓ ଲାକ୍ଷଣିକ ଅର୍ଥମାନ ସୂଚିତ । ଏଣୁ ଆଧୁନିକ ମଣିଷର ପ୍ରତୀକ ଭାବେ ବୃକୋଦର ରୂପାୟନ । ବୃକୋଦର ଆଧୁନିକ ବିଭିନ୍ନ କ୍ଷୁଧା ଯନ୍ତ୍ରଣାରେ ଜର୍ଜରିତ, ନିଃସଙ୍ଗ ମଣିଷର ପ୍ରତିନିଧିତ୍ୱ କରେ । ସେ କାଳ କାଳ ଧରି ବିବର୍ତ୍ତିତ ମଣିଷର ଏକ ସୁନ୍ଦର ପରି ପ୍ରକାଶ ସେ ଜନ୍ମ ପ୍ରଜନନ ମୃତ୍ୟୁ ପରି ପ୍ରତି କ୍ଷେତ୍ରରେ ଏକ ସଂଗ୍ରାମୀ ସତ୍ତା ।'(ଭୂମିକା)

ପଞ୍ଚ ପାଣ୍ଡବ ସ୍ୱର୍ଗକୁ ଗମନ କରିବା ପାଇଁ ଦ୍ରୌପଦୀ ଙ୍କୁ ସାଥିରେ ନେଇ ଯାଉଛନ୍ତି । ସମସ୍ତେ ମୋହ ମମତାକୁ ଛାଡ଼ି ଗମନ କରୁଛନ୍ତି ମାତ୍ର ଦ୍ୱିତୀୟ ପାଣ୍ଡବ ଭୀମ ପ୍ରବୃତ୍ତି କୁ ଭୁଲି ପାରୁ ନାହାଁନ୍ତି । ଭୀମ ନିଜକୁ ନିଜେ ପ୍ରଶ୍ନ ପଚାରୁଛି ସ୍ୱର୍ଗଲୋକକୁ କେହି ସ୍ୱଦେହରେ ଯାଇନି ସେମାନେ ବା ଯିବେ କେମିତି ? ଏ ସନ୍ଦେହ ପ୍ରକାଶ କରି କହିଛନ୍ତି – ଖାଲି ଆନମନା/ ସଶରୀରେ/ ସ୍ୱର୍ଗବାସ/ ଦେବତ

କଳ୍ପନା ।( ୨ ୦ ) ଭୀମ ଆସନ୍ନ ମୃତ୍ୟୁ ଦେଖି ଅତୀତର ଭଲମନ୍ଦ ପ୍ରସଙ୍ଗ ସବୁ ମନେ ପକାଇ ଛନ୍ତି । ଏହା ଯେ କେବଳ ମହାଭାରତ ର ଭୀମ ପକ୍ଷରେ ସମ୍ଭବ ,ତାହା ନୁହେଁ ସୃଷ୍ଟିର ପ୍ରତ୍ୟେକ ମଣିଷଙ୍କ ସହ ଜଡ଼ିତ । ଭାଗବତରେ କୁହାଯାଇଛି- "ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି ।"

ନିବୃତ୍ତିର ଯାତ୍ରା ପଥରେ ସେ ସବୁବେଳେ ପ୍ରବୃତ୍ତି ର ଆହ୍ୱାନ ଶୁଣିବାକୁ ପାଉଛନ୍ତି । ଏଣେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ସଂସାରର ମୋହ ମାୟା ପ୍ରବୃତ୍ତି ମାର୍ଗ ଛାଡ଼ି ନିବୃତିର ମାର୍ଗ ଧରିବା ପାଇଁ ବାରମ୍ବାର କୁହାଟ ମରୁଛନ୍ତି । ସେ କହନ୍ତି - ଯିବାକୁତ ଅଛି ବହୁଦୂର ଏ ଭୂମିରୁ ସେ ଭୂମିରେ ପହଞ୍ଚିବା ନୁହେଁ ପିଲା ଖେଳ । ( ୨ ୧ )

ସ୍ୱର୍ଗାରୋହଣବେଳେ ଜଣକ ପରେ ଜଣକର ପଦ ସ୍ଖଳନ ହେଉଛି । ଭୀମ ଏସବୁ ଦେଖି ଅତୀତର କଥା ସବୁ ମନେ ପକାଉଛନ୍ତି । ପ୍ରାୟ ଚୌତିରିଶ ଗୋଟି କବିତାରେ ଭୀମ ଆତ୍ମ ସମୀକ୍ଷା କରିଛନ୍ତି ବା ଭୀମର ବ୍ୟକ୍ତିତ୍ୱ ଉପରେ ଆଧାରିତ । ସେ ଭାବୁଛନ୍ତି ଜନ୍ମ ଠାରୁ ଜୀବନ ଜଙ୍ଗଲରେ ବାଘଙ୍କ ସହ କଟିଛି, ଜନ୍ମବେଳେ ଶତଶୃଙ୍ଗ ପର୍ବତକୁ ଚୁନା କରିଛନ୍ତୀ । ସେ ନିଜ ମା କୁନ୍ତିଙ୍କ କଥା ମନେ ପକେଇ ଛନ୍ତି, ଯିଏ ତାଙ୍କ ଜନ୍ମ ବେଳର ରହସ୍ୟ ସବୁ କହୁଥିଲେ । ମନେ ପକେଇଛନ୍ତି ବେଲା ବାଳି କୁ ହିଡ଼ିମ୍ବି ଓ ଦ୍ରୌପଦୀ ଙ୍କୁ । ଯାହାଙ୍କ ପାଇଁ ଜ୍ୟେଷ୍ଠ ତାତ ଙ୍କ ପୁତ୍ରମାନଙ୍କୁ ମାରିଛନ୍ତି, ସାଧାରଣ ଗୋଟିଏ ଦୋହଦ ଫୁଲ ପାଇଁ କୁବେରଙ୍କ ସହ ଲଢ଼େଇ କରିଥିଲେ, ଯାହାଙ୍କ ପାଇଁ ଦ୍ରୁପଦ ରାଜନଗର ରେ ଶାଳ ବୃକ୍ଷ ଉପାଡ଼ି ବାକୁ ପଡ଼ିଥିଲା, ଯାହା ପାଇଁ ବିରାଟ ନଗରରେ କିଚକ କୁ ବଧ କରିବାକୁ ପଡ଼ିଥିଲା ଯାହାକୁ ଦେଖିଲେ ହୃଦୟରେ ପ୍ରୀତିର ବର୍ଷଣ ହେଉଥିଲା । ସେ ଆଜି ମୃତ୍ୟୁ ମୁଖରେ ତାଙ୍କ ପାଇଁ ଅଗ୍ରଜଙ୍କ ଶୋଚନା ନାହିଁ । ଅଗ୍ରଜଙ୍କ ଆଦେଶରେ ତାଙ୍କୁ ଛାଡ଼ି ଯିବାକୁ ହେବ ।

ହିମାଳୟରେ ଖରା ଦେଖି ଭୀମ ତାଙ୍କ ପୁତ୍ର ଘଟୋତକଚ ଓ ବେଲାଳସେନର କରୁଣ ପିତା ଡ଼ାକ ଶୁଣିଛନ୍ତି । ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ କଥା ଯିଏ କନ୍ଦୁକ ବାହାର କରିବା ଠାରୁ ବନିଯାଇ ଥିଲେ ତାଙ୍କ କୁଳ ଗୁରୁ । ଭୀମ ଭାବୁଛନ୍ତି ମଣିଷ ମୃତ୍ୟୁପରେ ସାତ ପାଦ ଭୂମି ଆବଶ୍ୟକ, ସ୍ୱର୍ଗ ନୁହେଁ ତା ଜଡ ପିଣ୍ଡର ବିଶ୍ରାମ ପାଇଁ ଭୂମି ହିଁ ଏକମାତ୍ର ବିଶ୍ରାମସ୍ଥଳୀ । ମାତ୍ର ପାଞ୍ଚ ଗୋଟି ପଡ଼ା ପାଇଁ ଏତେ ଅନର୍ଥ, ରକ୍ତର ନଦୀ ବହିଗଲା । ଅଳ୍ପ ସମୟର ବ୍ୟବଧାନ ପରେ ଜଣକ ପରେ ଜଣକର ଜୀବନ ଚାଲିଯାଉଛି, ମାତ୍ର ଭୀମଂକ ଶୋଚନା ନଥାଏ । ଦିନେ ନିଜର ଅଜ୍ଞାତବାସ ପାଇଁ ଅଗ୍ରଜଙ୍କୁ ହେବାକୁ ପଡ଼ିଥିଲା କଙ୍କ, ଭୀମ ନିଜେ ସୂପକାର, ଅର୍ଜୁନ ହୋଇଥିଲେ ନପୁଂସକ ବୃହନ୍ନଳା, ସୌନ୍ଦର୍ଯ୍ୟ ସୌନ୍ଦର୍ଯ୍ୟର ଅଧିକାରୀ ନକୁଳ ସହଦେବ ଘୋଡ଼ା ଓ ଗାଈ ଜଗିବା କାର୍ଯ୍ୟ କରୁଥିଲେ । ରାଜବଧୂ ଦ୍ରୋପଦୀ ରାଣୀ ସୁଦେଷ୍ଣାଙ୍କ ଦାସୀ ହୋଇ କାର୍ଯ୍ୟ ସମ୍ପାଦନ କରୁଥିଲେ । ଏଣେ ଅର୍ଜୁନଙ୍କ ପାଦ ଖସିପଡେ ସେ ଏତେ ବୀର ହୋଇ ମୃ ଶେଷ ପରିଣତି କୁ ବିଶ୍ୱାସ କରି ନପାରି କହନ୍ତି - ମୁଁ ଏବେ ଅଥର୍ବ/ ମୋ ଜୀବନ/ ନାଟକର/ ଶେଷ ଦୃଶ୍ୟ/ ଏହା କଣ ? / ଅନ୍ତିମ ପରବ । ଏହାଶୁଣି ଭୀମ ଭାବୁଛନ୍ତି ଯାହା ପାଇଁ ସାରା ଭାରତବର୍ଷରେ ଦିଗ୍‌ବିଜୟୀ ହୋଇ ପାରିଛନ୍ତି ପାଣ୍ଡବେ । ଯାହାର ବଳ ଐଶ୍ୱର୍ଯ୍ୟ ପ୍ରତି ଭାଇ ପ୍ରଶଂସା କରୁଥିଲେ, ଯାହାକୁ ନେଇ ଭାଇ ରାଜ୍ୟ ଶାସନ କରିବାର ସ୍ୱପ୍ନ ଦେଖିଥିଲେ । ସେସବୁ କୁ ଆଡମୁହଁ କରି ଯୁଧିଷ୍ଠିର କେମିତି ନିବୃତ୍ତି ମାର୍ଗ ଆପଣେଇ ଥିଲେ ତାହା ଭୀମ ବୁଝି ପାରୁ ନଥିଲେ । ସମୟ ଚକ୍ରରେ ଭୀମାଙ୍କ ପାଦ ଖସିଗଲା ତଥାପି ମଧ୍ୟ ବଡ଼ ଭାଇ ଭ୍ରୁକ୍ଷେପ ନକରି ନିବୃତ୍ତି ର ମାର୍ଗ ଆପଣେଇ ବା ପାଇଁ କହୁଥାନ୍ତି - ହେଇ ଦେଖ ଫିଟିଲାନୀ ଯାଉଁଳୀ କବାଟ ଦିଶିଲାଣି ଦିବ୍ୟ ଭୂମି ସ୍ୱଂ ହରିହାଟ । ଭୀମ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମୃତ୍ୟୁ ଚାହୁଁ ନଥିଲେ ଏବଂ କହୁଥିଲେ - ନୁହେଁ ମୃତ୍ୟୁ ଚାହେଁ ମୁଁ ଜୀବନ ଦିଅ ମୋତେ ବଞ୍ଚିବାର ମନ୍ତ୍ର ଉଚ୍ଚାରଣ ।

ବାସ୍ତବରେ କାବ୍ୟପୁରୁଷ ଆଧୁନିକ ମଣିଷର ପ୍ରତୀକ ମାତ୍ର । ମଣିଷ ଭିତରେ ଥିବା ଆଧୁନିକ ମଣିଷର ଆକାଂକ୍ଷା ଆଶାର ଅଗତ୍ୟା ବଳି ପଡ଼ିବା ର ନିସଂଗତା ବୋଧର ପ୍ରତୀକ ।ଉପରୋକ୍ତ ଆଲୋଚନା କବିତା ବିଷୟବସ୍ତୁ ଉପରେ ଏକ ସଂକ୍ଷିପ୍ତ ବିବରଣୀ । କବିତାର ଆଙ୍ଗିକ ଓ ଆତ୍ମିକ ବିଭବ ଉପରେ ନିମ୍ନରେ ଆଲୋଚନା କରାଗଲା ।

ଆଧୁନିକ ଓଡ଼ିଆ କାବ୍ୟ ଧାରାରେ ଦୀର୍ଘ କବିତା ଏକ ସ୍ୱତନ୍ତ୍ର ବିଭବ । ନୂତନ ଚିନ୍ତା ଚେତନ ସାଙ୍ଗକୁ ଆଙ୍ଗିକରେ ଗଭୀର ପରୀକ୍ଷା ନିରୀକ୍ଷା ଆଦି ଓଡ଼ିଆ ଦୀର୍ଘ କବିତାକୁ ବେଶ୍ ପ୍ରତିଷ୍ଠିତ କରିପାରିଛି । ଓଡ଼ିଆ ସାହିତ୍ୟରେ ଦୀର୍ଘ କବିତା ର ପରମ୍ପରା ରାଧାନାଥଙ୍କ ବେନିସଂହାର ଠୁଁ ଆରମ୍ଭ କରି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ " ମୃତ୍ତିକା ଦର୍ଶନ', 'ସ୍ମୃତି ତର୍ପଣ' ସଚ୍ଚିଦାନନ୍ଦଙ୍କ "ବାଜି ରାଉତ' ଗୁରୁପ୍ରସାଦ ମହାନ୍ତିଙ୍କ "କାଳପୁରୁଷ' ରମାକାନ୍ତ ରଥଙ୍କ "ଶ୍ରୀରାଧା' ପର୍ଯ୍ୟନ୍ତ ଏକ କ୍ରମ ବିକାଶର ଧାରା ଲାଗି ରହିଛି । ଶରତ ଚନ୍ଦ୍ର ପ୍ରଧାନଙ୍କ 'ଯଯାତି', 'ବତ୍ରି ଶ ସିଂହାସନ', 'ବୃକୋଦର' କବିତା ଗ୍ରନ୍ଥ ମଧ୍ୟ ଦୀର୍ଘ କବିତା ସଙ୍କଳନ । ଉତ୍ତମ ଦୀର୍ଘ କବିତାରେ ଥାଏ ସୁପ୍ରଚ୍ଛନତା, ବିଭିନ୍ନତା ଓ ଅଭିପ୍ରାୟର ତୀବ୍ରତା । କଳ୍ପନାର ଶିଳ୍ପ ଶକ୍ତି ଏଥିରେ ସୃଷ୍ଟି କରେ ଏକ ବିରାଟ ହର୍ମ୍ୟର ପ୍ରତିତ । ଏ ପ୍ରୀତି ବୋଧ ଆଣି ନପାରିଲେ ଦୀର୍ଘ କବିତାବ୍ୟର୍ଥ ହୋଇଯାଏ ।ଏଥିରେ ଥାଏ ଏକ କେନ୍ଦ୍ର ଇମେଜ୍, ମିଥ୍ ।

ଶରତ ଚନ୍ଦ୍ରପ୍ରଧାନଙ୍କ ବୃକୋଦର ଏକ ସଂଳ ଦୀର୍ଘ କବିତା । ଏହାର ମୂଳ କେନ୍ଦ୍ର ମିଥ୍ ଟି ହେଉଛି ମହାଭାରତର ନାୟକ ଭୀମ । ଅତୀତ ପ୍ରତି ମୋହ,ମାଟି ପ୍ରତି ସ୍ନେହ ଓ ସମ୍ପର୍କୀୟଙ୍କ ପ୍ରତି ଭଲପାଇବା ଆଗେ ସ୍ୱର୍ଗ ସୁଖ ମଧ ଫିକା ଲାଗେ । ଭୀମ କହନ୍ତି - ମୁଁ ଚାହେଁ ନି ସ୍ୱର୍ଗବାସ ସୁଦୂର ପ୍ରବାସ ଏମାଟିରେ ଦେଖୁଥିବି ମଣିଷର ମୁହଁ ଆଉ ହେଜୁଥିବି ମୋ ମାଆର ହସ । (ପୃ –(୧୨୧)ବାସ୍ତବରେ ବାସ୍ତବରେ ଭୀମ ଙ୍କ ମହଜାତ୍ରା ପ୍ରସଙ୍ଗକୁ ନେଇ ରଚିତ ଦୀର୍ଘ କବିତାର ସଂଳ ପରିଦର୍ଶନ ।

କବି ପ୍ରଧାନ ପାଠକ ନିକଟରେ ତାଙ୍କ ଛନ୍ଦସିକତା ଯୋଗୁଁ ବେଶ୍ ପରିଚିତି ଲାଭ କରିଛନ୍ତି । ସୀତାକାନ୍ତ ମହାପାତ୍ର କହନ୍ତି - ତାଙ୍କ କବିତା ଗୁଡ଼ିକର ଶବ୍ଦ ସଂଯୋଜନା ଓ ଛନ୍ଦ ସର୍ବଦା ସମାନ୍ତରାଳ । ସବୁ ପ୍ରକାର ଭାବକୁ ଗୋଟିଏ ଶୈଳୀରେ ଲେଖିବା ତାଙ୍କର ସ୍ୱାତନ୍ତ୍ର । ଅନ୍ୟ ପକ୍ଷରେ ଯିଏ ଛନ୍ଦ ବିଷୟରେ ବେଶ୍ ସଚେତନ, ଛନ୍ଦର ନିୟମ କୁ ଯିଏ ବୁଝେ, ଜଣେ ଜାଣେ ଛାନ୍ଦ ପ୍ରକରଣ, ଛନ୍ଦ ଗୁଁଥିବାରେ ଯିଏ ପାରଦର୍ଶୀ ବା ଜ୍ଞାନ ହାସଲ କରିଥାଏ, ସେହି ସେହିଁ ଛନ୍ଦକୁ ନିଜ ବାଗରେ ବେଶ୍ ଭାଙ୍ଗି ଦେଇପାରେ ଓ ବ୍ୟବହାର କରେ । ଆଧୁନିକ କବିମାନେ ମୁକ୍ତ ଛନ୍ଦ ବା ଗଦ୍ୟ ଛନ୍ଦ ର ପ୍ରୟୋଗ କରିଛନ୍ତି । କବି ପ୍ରଧାନଙ୍କ କବିତା ଲିଖନ ସେମାନଙ୍କ ଠାରୁ ସ୍ୱତନ୍ତ୍ର । ଓଡ଼ିଆ କାବ୍ୟ କବିତାରେ ଯେଉଁ ମେଳକ ପରମ୍ପରା ଥିଲା ତାହା ରାଧାନାଥଙ୍କ ମହାଯାତ୍ରା (୧୮୯୨) ପରେ ଆଉ ରହିଲା ନାହିଁ । ଅବଶ୍ୟ ବିନା ମେଳକରେ କବି ମାନେ କବିତା ଲେଖିବାରେ ସକ୍ଷମ । ବୃକୋଦର କବିତାରେ ଦେଖାଯାଏ ଗଦ୍ୟଛନ୍ଦ ଓ ବାକ୍ ଛନ୍ଦର ବ୍ୟବହାର । ଯେମିତି - ଆରେ ଭୀମା କାହିଁ ତୋର ମୁକ୍ତି ରାଣ୍ଡିପୁଅ ଅନନ୍ତା ଏକାଳେ କାଳେ ଭୋଗନ୍ତି ଏମିତି । (ବାକ ଛନ୍ଦ) ଲକ୍ଷ ପକ୍ଷ ପ୍ରଜାପତି ପରି ଉଠେ ବସେ ଗାଁ ଗୋଟା ସାରା । (ଗଦ୍ୟ ଛନ୍ଦ)କବିଙ୍କ କବିତାରେ ଗୋଟିଏ ଗୋଟିଏ ଶବ୍ଦ ବାକ୍ୟ ଭଳି ଅର୍ଥ ପ୍ରକାଶ କରନ୍ତି । ଅକ୍ଷର ସହ ଅକ୍ଷର ମେଳକ ତାଙ୍କ କବିତାର ଅନ୍ୟ ବୈଶିଷ୍ଟ୍ୟ ।

ଆଧୁନିକ ସାହିତ୍ୟରେ ମିଥ୍ କଳାତ୍ମକ ଭାବେ ସାହିତ୍ୟକୁ ସମୃଦ୍ଧ କରିଛି । କବି ପ୍ରଧାନଙ୍କ ପ୍ରାୟ ସମସ୍ତ କବିତା ପ୍ରାୟ ମିଥ୍ ଆଧାରିତ । ଲୋକନାଥ ସେଠୀ କହନ୍ତି - କବି ପ୍ରଧାନ ଜଣେ ପରମ୍ପରା ବାଦି କବି । ତେଣୁ ପରମ୍ପରା ରକ୍ଷାର ମୋହ ହେଉ ବା ପ୍ରୟୋଗ ବାଦି କବି ହୋଇଥିବାରୁ ପୂର୍ବସୁରୀ ବା ସମକାଳୀନ ସତୀର୍ଥଙ୍କ ପରି କବିତାରେ ମିଥ୍ ର ପ୍ରୟୋଗ ଆବଶ୍ୟକତା ଦୃଷ୍ଟିରୁ ହେଉ କବି ସ୍ଥଳ ବିଶେଷରେ ତାଙ୍କ କବିତାରେ ମିଥ୍ ଓ ଆର୍କିଟାଇପ୍‌ର ପ୍ରୟୋଗ ବହୁତ କରିଛନ୍ତି । କବିଙ୍କ କବିତାରେ ମିଥ୍ ଗୁଡ଼ିକ ମୁଖ୍ୟତଃ ବେଦ, ପୂରଣ, ଉପନିଷଦ, ଲୋକ କଥା, ଲୋକ ଗୀତ, ଲୋକ କାହାଣୀ, ଇତିହାସ, କିମ୍ବଦନ୍ତୀ କିମ୍ବଦନ୍ତୀ ଆଦିରୁ ଆନିତ । ବୃକୋଦର କବିତା ଗ୍ରନ୍ଥରେ ଭୀମ ଓ ଅନ୍ୟାନ୍ୟ ପାଣ୍ଡବ, ଦ୍ରୌପଦୀ, ମାତା କୁନ୍ତୀ, ବେଲାଲ ବେଲାଲସେନ, ଦ୍ରୋଣ, ହିଡ଼ିମ୍ବୀ ଓ ଦୁର୍ଯ୍ୟୋଧନ ମିଥ୍ ଚରିତ୍ରଗୁଡ଼ିକ ମାଧ୍ୟମରେ କବି ଆଧୁନିକ ମଣିଷର ଯୁଗ ଯନ୍ତ୍ରଣା ବା ଯୁଗ ଚେତନାକୁ କାବ୍ୟରୂପ ଦେବାପାଇଁ ପ୍ରୟାସ କରିଛନ୍ତି । ଭୀମ କହନ୍ତି - ମୁହିଁ ବୃକୋଦର ଅନ୍ୟାୟ ଓ ଅନୀତିର ପ୍ରତିରୋଧୀ ମୁ ମନ୍ଦ୍ରିତ ସ୍ୱର । ବାସ୍ତବରେ ଭୀମ ପୁରାଣ ପ୍ରସୂତ ଖୋଳପା ଓ କାବ୍ୟ ଚେତନା ଆଧୁନିକ ମଣିଷର । ଆଜିର ଉପେକ୍ଷିତ ଦୁନିଆ ରେ ରକ୍ତବି ରକ୍ତକୁ ସହାୟ ହୁଏନି ତାର ଏକ ଜ୍ୱଳନ୍ତ ଚିତ୍ର ଦେଖାଯାଏ ଭୀମ ଓ ଯୁଧିଷ୍ଠିର ମିଥ୍ ଚରିତ୍ର ମାଧ୍ୟମରେ । ଯେମିତି - କହି ଭୀମ ଝୁଣ୍ଟି ପଡ଼େ ତୁଷାର ଖଣ୍ଡରେ ଚିକ୍ ଚିକ ଖରା ନାଚେ ଗିରି ମଠାଣିରେ ଯୁଧିଷ୍ଠିର ଚାଲିଥିଲେ ଆଗକୁ ଆଗକୁ । (ପୃ- ୧୧୯)

ଦାଇଦେନ୍ କହନ୍ତି Imagery is itself the very height and life of poetry. ଚିତ୍ରକଳ୍ପ କବିତାର ଜୀବନ ଏହା କବିତାର ଉଚ୍ଚାଙ୍ଗତା ପ୍ରକାଶ କରେ । ସୀମିତ ଶବ୍ଦର ଏକ ବିରାଟ ପ୍ରସଙ୍ଗ ଉତ୍ଥାପନ ରେ କବି ସ୍ଥାନେ ସ୍ଥାନେ ଚିତ୍ରକଳ୍ପ ତିଆରି କରିଛନ୍ତି । ଯେମିତି - କ) ଘର ଓ ବାହାର ଶୁଭୁଥାଏ କ୍ରନ୍ଦନର ରୋଳ ଏଇ ପୃଥିବୀର ଚାରିଆଡ଼େ ନୀଳ ସ୍ମୃତି ମଣିଷ ଜାତିର । ( ପୃ -୧୨୭)

ଖ) କହୁ କହୁ ଆକାଶରୁ କରକା ସମ୍ପାତ ଅଶ୍ରୁସିକ୍ତ ଭୀମସେନ/ବସିପଡ଼ି ଭୂମି ଖଣ୍ଡକରେ ମୁଣ୍ଡ କୋଡ଼ି କପାଳରେ ମାରୁଥିଲା ହାତ । (ପୃ - ୯୭)

ଉତ୍ତର ଷାଠିଏର କବିତାରେ ପ୍ରତୀକର ବହୁତ ପ୍ରୟୋଗ ହୋଇଛି ।କବି ଶରତ ଚନ୍ଦ୍ର ପ୍ରଧାନ ମ୍ନ ନିଜ କବିତା ଗୁଡିକରେ ପ୍ରତୀକ ପ୍ରୟୋଗରେ ସିଦ୍ଧହସ୍ତ ।ସେ ଭୂମିକାରେ କହିଛନ୍ତି ବସ୍ତୁତଃ ବୃକୋଦର କଥା ହେଉଛି ମଣିଷର ବୁଭୁକ୍ଷା ଭିତରେ ତଥାପି ସେ ଏକ ଅନନ୍ୟ ସତ୍ତା । (ଭୂମିକା) ବାସ୍ତବରେ ଭୀମ ଆଧୁନିକ ମଣିଷର ପ୍ରତୀକ । କବିତାରେ ନିଆଁ, ଘାଉଲିଆ ବାଘ ଆଦି ଗୋଟିଏ ଗୋଟିଏ ପ୍ରତୀକ ଭାବେ ପ୍ରତୀୟ ମାନ । ଯେମିତି - ମୋ ଅନ୍ତର ଗର୍ଜି ଉଠେ ସତେ ବା ମୁଁ ଘାଉଲିଆ ବାଘ ମୋ ଭୈରବୀ ସତ୍ତା ଟାର ବେଳୁ ବେଳ ହେଉଥାଏ ଅଭିଷେକ ଉତ୍ସବ । ଏଠାରେ ଭୈରବୀ ର ଅର୍ଥ ରୌଦ୍ରତା ଗୁଣ । ଏମିତି ଭାବରେ ପ୍ରତୀକ ସବୁ ବ୍ୟବହୃତ ।

ବୃକୋଦର କବିତାର ରଚନା ଶୈଳୀ ବେଶ୍ ଚମତ୍କାର । ନାଟକର ଫ୍ଲାସ ବ୍ୟାକ ଶୈଳୀ ପ୍ରୟୋଗରେ କବିତା ରଚିତ । ଭୀମ ହିମାଳୟରେ ବରଫ ଓ ସମସ୍ତଙ୍କ ପଦ ସ୍ଖଳନ ଜନିତ ଅବସ୍ଥା ଦେଖି ପୂର୍ବ ପ୍ରସଙ୍ଗ ସବୁ ମନେ ପକେଇଛନ୍ତି । ଯେମିତି - ଧବଳ ଧଳତର ତୁଷାର ଧବଳ ଏହି ହିମାଳୟ ମୋ ଆଖିରେ ଆଣି ଦିଏ କିଆଁ ଏତେ ମେଘ । ହିମାଳୟରେ ଭୀମ ଅନୁଶୋଚନା କରିବାର ଚିତ୍ର ପ୍ରଦ ।

ସାହିତ୍ୟ ସମାଜର ଦର୍ପଣ ଏବଂ ସମାଜ ପ୍ରକୃତିର ଅଧୀନ । ତେଣୁ ସାହିତ୍ୟରେ ପ୍ରକୃତି ଉପସ୍ଥାପିତ ହେବା ବାଞ୍ଛନୀୟ । ମଧୁସୂଦନ ରାଓ କହିଛନ୍ତି – "ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ

ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ ।' (ହିମାଳେୟ ଉଦୟ ଉତ୍ସବ, ମଧୁସୂଦନ ଗ୍ରନ୍ଥାବଳୀ ପୃ-୨୫୭, ପ୍ରଶାନ୍ତ ରାଓଙ୍କଦ୍ୱାରା ପ୍ରକାଶିତ)

କବି ଶରତ ଚନ୍ଦ୍ର ପ୍ରଧାନଙ୍କ ଆଲୋଚ୍ୟ କବିତାରେ ମଧ ହିମାଳୟର ବରଫାଛନ୍ନ ପରିବେଶର ବର୍ଣ୍ଣନା ରହିଛି । ଗୋପୀନାଥ ମହାନ୍ତି ଙ୍କ ଲୟବିଲୟ ଉପନ୍ୟାସର ନାୟକ ଯେପରି ସାଗର, ଆକାଶକୁ ଦେଖିବା କ୍ଷଣି ଅତୀତ ମନେ ପଡ଼ିଛି । ସେପରି ହିମାଳୟ ର ଶୋଭରଶି ଯୋଗୁଁ ଭୀମଙ୍କ ଅତୀତ ସବୁ ଦୃଶ୍ୟମାନ ହୋଇଛି ଆଖି ଆଗରେ । ସତେ ଯେମିତି ହିମାଳୟ ଆଲୋଚ୍ୟ କବିତା ର ଗୋଟିଏ ଚରିତ୍ର । କବିତାରେ ପ୍ରକୃତିର ଚିତ୍ର ନିମ୍ନ ପ୍ରକାରେ ଦେଖା ଯାଏ ।ସଂଜେଇ ଆକାଶ ମୁହଁ ସାରା ତାରଙ୍କର ଦର ଫୁଟା ହସ ଭାବୁଥିଲି ପିଲାଦିନ କଥା ଅଶ୍ରୁ ଯେତେ ହୋଇଯାଏ ଗୋଟେ ଗୋଟେ ଗାଥା । (ପୃ -୧୯)ବରଫରେ ପଡ଼େ ଯେବେ ଦାହାନିଆ ଖରା ମୋ ଛାତିରେ ବାଜେ କାଫର କଅଁଳ ଡାକରା ।(ପୃ – ୮୬)

ମର୍ତ୍ତ୍ୟ କାମି ଚରିତ୍ରର ଚିତ୍ର ହିଁ ବୃକୋଦର । ଭୀମ ତାଙ୍କ ଚତୁଃପାର୍ଶ୍ୱରେ ଜୀବନର ଅତୁଟ ପ୍ରବାହକୁ ଅନୁଭବ କରୁଥିଲେ । ସବୁଠି ଶୁଣି ପାରୁଥିଲେ ବଞ୍ଚିବାର ଗହାଗହ କୋଳାହଳ କୁ । ଜୀବନ ପାଇଁ ରାଜ ସମ୍ପଦ ଓ ରାଜ୍ୟ ଭୋଗର ଉପଯୋଗୀତା ଅଛି । ମୁକ୍ତି ଅପେକ୍ଷା ଧରିତ୍ରୀ ର ଧୂଳିଆ ଧୂସର ଜୀବନକୁ ଭଲ ପାଉଥିଲେ । ଭୀମ କହନ୍ତି – କେମନ୍ତେ ମୁଁ ଛାଡ଼ିବିରେ କାହା/ ଏଇ ମାଟି ଏ ପୃଥିବୀ ଏଇ ମୋର ଗୃହ । (ପୃ – ୦୮) ଭୀମ ଚାହାନ୍ତିନି ସ୍ୱର୍ଗ ବାସ ସେ ଚାହାନ୍ତି ମାଟି ସହ ମାଟି ହୋଇ ବଞ୍ଚିବା ପାଇଁ ସେ କହନ୍ତି ମୁଁ ଚାହେଁନି ସ୍ୱର୍ଗ ବାସ/ ସୁଦୂର ପ୍ରବାସ/ ଏ ମାଟିରେ ଦେଖୁଥିବି/ମଣିଷର ମୁହଁ ଆଉ ହେଉଥିବି ମୋ ମାଆର ହସ । (ପୃ – ୧୨୧) ଭୀମ ସବୁ ସତ୍ତ୍ୱେ ବଞ୍ଚିବାକୁ ଚାହାନ୍ତି ଧର ପୃଷ୍ଠରେ ସେ ନିୟତି ପାଖେ ଗୁହାରି କରି କୁହନ୍ତି – ନୁହେଁ ମୃତ୍ୟ ଚାହେଁ ମୁଁ ଜୀବନ ବଞ୍ଚିବାର ଦିଅ ମୋତେ ମନ୍ତ୍ର ଉଚ୍ଚାରଣ ।( ପୃ -୧୨୫)

ମୃତ୍ୟୁ ଚେତନା ମଧ ଆଧୁନିକ କବିତାର ଅନ୍ୟତମ ବୈଶିଷ୍ଟ୍ୟ । ଆଧୁନିକ କବି ମୃତ୍ୟୁକୁ ଅତି ନିକଟରୁ ଭିନ୍ନ ପ୍ରକାରେ ଦେଖୁଥାଏ । କବି ପ୍ରଧାନଙ୍କ ବୃକୋଦର ଆସନ୍ନ ମୃତ୍ୟୁକୁ ଦେଖି ପାରିଛନ୍ତି । ଭୀମ ସମସ୍ତ ଆତ୍ମୀୟ ଙ୍କ ଅନୁପସ୍ଥିତି ଅନୁଭବ କରିଛନ୍ତି । ମଣିଷର ମରଣ ଯେ ନିତାନ୍ତ ସତ୍ୟ ତଥାପି ମଣିଷ ମୃତ୍ୟୁ ନାମ ଶୁଣିଲେ ଆଶ୍ଚର୍ଯ୍ୟ ହେବା ଏକା ସାର । ତଥାପି ଆଧୁନିକ ମଣିଷ ଭୀମ ପରି ଆଉ ଗୋଟିଏ ନୂତନ ଜନ୍ମର ଆଶା ରଖି ଇହଧାମ ତ୍ୟାଗ ପାଇଁ ମାନସିକ ପ୍ରସ୍ତୁତି କରିନିଏ । କବି କହିଛନ୍ତି – ହେ ବାଟୋଇ ଭାଇ ମୃତ୍ୟୁ ବିତ ଜୀବନର ଏକ ନୂଆଁ ଖାଇ ।( ପୃ – ୧୨୬)

ଯୌବନ ହିଁ ପ୍ରେମର ଉତ୍ପ୍ରେରକ ଏବଂ ସୌନ୍ଦର୍ଯ୍ୟ ହିଁ ପ୍ରେମର କାରଣ । ସୃଷ୍ଟିରେ ସବୁବେଳେ ସୌନ୍ଦର୍ଯ୍ୟ ଆଦର ହୁଏ । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ର ପରିଭାଷା ଥିମ ବଦଳି ବଦଳି ଯାଏ , ଆମରଣ ତାର ଛାପ ରହି ଯାଏ । ସେହି ଛାପ ଯାହା ପ୍ରେମ ମଣିଷକୁ ମଣିଷ ସହିତ ମୋହଗ୍ରସ୍ତ କରାଏ ଓ ଲଗାଏ ମମତାର ଡୋରି । ଶେଷରେ ବିଚ୍ଛେଦ ହେଲେ ସେ ଦୁଃଖ ପାଏ । କାବ୍ୟ ନାୟକ ଭୀମ ଦ୍ରୌପଦୀକୁ ପାଇ ହିଡିମ୍ବି ଓ ବେଲା ବାଳୀ କଥା ଭୁଲି ଯାଇଥିଲେ ମଧୁ ରାତିରେ ପଞ୍ଚାଳୀଙ୍କ ପଞ୍ଚଧାର ହସ ଦେଖି ବିମୋହିତହୋଇଯାଆନ୍ତି ସେ । ପ୍ରୀତିର ରହସ୍ୟକୁ ଭୁଲି ପାରି ନାହାଁନ୍ତି ସେ ସତେ ଯେମିତି ଭୀମ ଙ୍କୁ ଅଲକ୍ଷରେ କହୁଥାଏ – କେମନ୍ତେ ଭୁଲୁଚ ଭଲ ଏ ମାଟିର ମହା ସ୍ୱର୍ଣ୍ଣ/ ପ୍ରୀତିର କିମିୟାନ । ( ପୃ – ୫୭)

କବି ପ୍ରଧାନଙ୍କ କବିତାର ଭାବ ପକ୍ଷର ଅନ୍ୟତମ ବିଶେଷ ଦିଗ ସମୟ ଚେତନା ବା ସମୟ ବୋଧ । ସମୟ ସର୍ବଦା ଗତିଶୀଳ । ଦୁଃସମୟ ଓ ଯୁଗ ଯନ୍ତ୍ରଣା ର ରୂପାୟନ ଓ ସମକାଳର ସ୍ଥିତି ଦୁଃସ୍ଥିତି ପାଇଁ ଦାୟୀ କେବଳ ସମୟ ।କବିଙ୍କ ମତରେ ସମୟ ସତେ କି ଗୋଟିଏ ଚରିତ୍ର,ଦୃଶ୍ୟ ହେଉ ନଥିବା ସତ୍ତା, ଈଶ୍ୱରଙ୍କ ତୁଲ୍ୟ ପରମ ଶକ୍ତି ଟିଏ । ବିଭିନ୍ନ ସ୍ଥିତି ପରିପ୍ରେକ୍ଷୀରେ ସମୟର ରହସ୍ୟ ମୟତା କୁ କାବ୍ୟ ପୁରୁଷ ଅନୁଭବ କରେ । ମୃତ୍ୟୁ ଚିନ୍ତନ ସହ ସମୟ ଚେତନା ଜଡ଼ିତ । ସମୟର ଖେଳ ଓ ଚୌହଦିରେ ବ୍ୟକ୍ତି ସତ୍ତା ବନ୍ଦୀ ।ସମୟ ବ୍ୟକ୍ତି ସତ୍ତାକୁ ଧରା ପୃଷ୍ଠରେ ଅବତରଣ କରାଏ ଏବଂ ଯଥା ସମୟରେ ପୁଣି ବିଦାୟ ପଥର ଯାତ୍ରୀ କରିଦିଏ । ଭୀମ ଭୀମଥିଲେ ବଳଶାଳୀ ଓପରାକ୍ରମୀ, ମାତ୍ର ଆଜି କାଳର କବଳରେ କବଳିତ । ସମୟର ପ୍ରବହମାନରେ ଭିମଙ୍କ ଶରୀର ଅକାମୀ ହୋଇ ପଡ଼ିରହିଛି । ନିମ୍ନ ପଦକୁ ଉଦାହରଣ ଭାବେ ନିଆଯାଇ ପାରେ – "ଦେହତ/ ପୁରୁଣା ହେଲା ଜୀର୍ଣ୍ଣ ବସ୍ତ୍ର ପରି ମାଟି ପିଣ୍ଡ ପଡ଼ିରହେ ମାଟିକୁ ଆଦରି । ( ପୃ –୧୨୩)

ପରିଶେଷରେ ଏତିକି କୁହାଯାଇ ପାରେଯେ କବି ଶରତ ଚନ୍ଦ୍ର ପ୍ରଧାନଙ୍କ ବୃକୋଦର ଦୀର୍ଘ କବିତା ସଙ୍କଳନ ରେ ଉତ୍ତର ଷାଠିଏ କବିଙ୍କ ପରି ଅସଂଲଗ୍ନ ଚିତ୍ରକଳ୍ପ ଓ ମିଥର ପ୍ରୟୋଗ ନକରି ତାଙ୍କ କବିତା ଗୁଡିକରେ ଆଧୁନିକ ମଣିଷର ଜୀବନ ଯନ୍ତ୍ରଣା , ମୋହ ମାୟାଗ୍ରସ୍ତ ମଣିଷର ପାର୍ଥିବ କଳେବର ପ୍ରତି ଆସକ୍ତି , ଆସନ୍ନ ମୃତ୍ୟୁ ଦେଖି ନିଜର ଅତୀତ ପ୍ରତି ଆସକ୍ତି ହେବା ଓ ଚିର ଅମର ହେବାର

କାମନା ପ୍ରକାଶ କରିବାରେ କବି ଉପଯୁକ୍ତ ମିଥ୍ ,ଚିତ୍ରକଳ୍ପ, ପ୍ରତୀକ ର ସାହାଯ୍ୟ ନେଇଛନ୍ତି ।କବିଙ୍କ କବିତା ଗୁଡ଼ିକ ପାଠକର ନିକଟତର ହୋଇଛି ତାର ଛନ୍ଦସିକତା ଯୋଗୁଁ ପଦରେ ଉପାନ୍ତ ମିଳନର ପ୍ରଚେଷ୍ଟା ସାଧାରଣ ପାଠକକୁ ଆକୃଷ୍ଟ କରେ, ଛୋଟ ଛୋଟ ଖଣ୍ଡବାକ୍ୟ ସମ୍ପୂର୍ଣ୍ଣ ଭାବନା ପ୍ରକାଶ କରିବାରେ ସମର୍ଥ ହୁଅନ୍ତି । ଜୀବନ ଅଭିନୟ ପୂର୍ଣ୍ଣ । ମଣିଷ ନିଜର ଜୀବନ ରକ୍ଷା ପାଇଁ ସଦା ତତ୍ପର । ଶରତ କାବ୍ୟ ମାନସ ଦେହରୁ ଦେହାତିତ ଆଡ଼କୁ ମଧ୍ୟ ଗତି କରିପାରେ । ସେ ଅଧିଭୌତିକ ଚେତନା କୁ ରୂପାୟନ କରିବାରେ ମଧ୍ୟ ସମର୍ଥ ।

ସହାୟକ ପୁସ୍ତକ ସୂଚୀ

୧ – ଦାଶ,କୁମୁଦ ଚନ୍ଦ୍ର,ପ୍ରଧାନ ପ୍ରଧାନ, ଜ୍ୟୋସ୍ନା ଜ୍ୟୋସ୍ନାମୟୀ, ଶରତ ଆକାଶ, କଟକ, ବିଜୟିନୀ ପବ୍ଲିକେଶନ, ୨୦୧୦ ।

୨-ପଟ୍ଟନାୟକ, ଜାନକୀବଲ୍ଲଭ, ପଟ୍ଟନାୟକ, ଜୟନ୍ତି, ବ୍ୟାସକୃତ ମହାଭାରତ, କଟକ, ବିଦ୍ୟାପୁରୀ ,୨୦୧୯ ।

୩- ପ୍ରଧାନ, ଶରତ ଚନ୍ଦ୍ର, ବୃକୋଦର, କଟକ, ବିଜୟିନୀ ପବ୍ଲିକେସନ୍, ୨୦୦୬ ।

୪-ମିଶ୍ର, ଗିରିଶଚନ୍ଦ୍ର, ଆଧୁନିକ ଓଡ଼ିଆ କବିତାଓ ମିଥ୍ ପ୍ରସଙ୍ଗ, କଟକ, ଆର୍ଯ୍ୟ ପ୍ରକାଶନ ।

୫- ଶତପଥୀ, ନିତ୍ୟାନନ୍ଦ, ସବୁଜରୁ ସାମ୍ପ୍ରତିକ,କଟକ, ଗ୍ରନ୍ଥ ମନ୍ଦିର, ୨୦୧୬ ।

**ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ**

ISSN -2583-147X(P), Vol.- 8, Issue No. III, JUNE 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଜଗତୀକରଣ ଓ ଏକବିଂଶ ଶତାବ୍ଦୀର ଗ୍ରାମ୍ୟ କୈନ୍ଦ୍ରୀକ ଓଡ଼ିଆ ଗଳ୍ପ

- ଡ. ଦୟାନିଧି ପରିଡ଼ା

ପ୍ରଚଳିତ ସମାଜ ସବୁବେଳେ ପାରିବେଶିକ ପ୍ରଭାବରେ ନିୟନ୍ତ୍ରିତ ହୋଇଥାଏ । ପ୍ରତଫଳନ ସ୍ୱରୂପ ସମାଜରେ ଘଟୁଥିବା ନାନା ପରିବର୍ତ୍ତନକୁ ମଧ୍ୟ ନିଜେ ଅଙ୍ଗୀକାରବଦ୍ଧ କରିଥାଏ । ଜଗତୀକରଣ ହେଉଛି ଆର୍ଥନୀତିକ ପରିବେଶରୁ ସୃଷ୍ଟି ହୋଇଥିବା ବିଷୟ ଯାହା ଧୀରେ ଧୀରେ ସମାଜର ବିଭିନ୍ନ କ୍ଷେତ୍ରରେ ଜଡ଼ିତ ହେବା ସହ ଆଧୁନିକ ମଣିଷ ଉପରେ ବହୁ ମାତ୍ରାରେ ପ୍ରଭାବ ପକାଇଛି । ଦେଶର ଆର୍ଥିକ ସମ୍ବଳକୁ ଅଧିକ ତ୍ୱରାନ୍ୱିତ କରିବା ଯଦିଓ ଜଗତୀକରଣର ଉଦ୍ଦେଶ୍ୟ, ତଥାପି ଦେଶ-ଦେଶ ମଧ୍ୟରେ ବାଣିଜ୍ୟିକ ଭିତ୍ତିଭୂମି ପ୍ରତିଷ୍ଠା କରିବା ଏହାର ଅନ୍ୟତମ ଲକ୍ଷ୍ୟ । ଏହାର ପ୍ରଭାବରେ ପୃଥିବୀର ବିଭିନ୍ନ ଦେଶର ଚାଲି ଚଳଣିରେ ଅନ୍ତଃମିଶ୍ରଣ ଘଟିଛି ଏବଂ ସାମାଜିକ, ରାଜନୀତିକ, ସାଂସ୍କୃତିକ, ଅର୍ଥନୈତିକ ଓ ବାଣିଜ୍ୟିକ ଭଳି ନାନାଦି କ୍ଷେତ୍ରରେ ପାରସ୍ପରିକ ସମ୍ବନ୍ଧଟିଏ ଗଢି ଉଠଛି । ବାଣିଜ୍ୟିକ ସଂସ୍ଥାଟିଏ ଯେଭଳି ବାଣିଜ୍ୟିକ ପରିବେଶ ସୃଷ୍ଟି କରେ, କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରେ, ସେହିପରି ଧାର୍ମିକ ଓ ସାମାଜିକ କ୍ଷେତ୍ରରେ, ବ୍ୟକ୍ତି ବ୍ୟକ୍ତି ଓ ଦେଶ ଦେଶ ମଧ୍ୟରେ ଯୋଗାଯୋଗର ଅନ୍ତଃ ମିଶ୍ରଣ ପ୍ରକ୍ରିୟାଟିଏ ଲକ୍ଷ୍ୟ କରାଯାଏ । ଏହି ସବୁ କ୍ଷେତ୍ର ହିଁ ଜଗତୀକରଣର ଦୃଷ୍ଟିଭଙ୍ଗୀକୁ ଅଧିକ ସ୍ୱଷ୍ଟ ଓ ପ୍ରସାରିତ କରେ ।

ମଣିଷ ଯେଉଁ ସମାଜରେ ବାସ କରେ ସେହି ସମାଜ ତାକୁ ବଂଚିବାର କଳା ଶିଖାଏ । ଜୀବନର ନୌକାକୁ ଆଗକୁ ବାହିବା ଲାଗି ମଙ୍ଗ ଧରାଏ । ସେତେବେଳେ ହିଁ ବ୍ୟକ୍ତି ନିଜର ଅସ୍ତିତ୍ୱକୁ ସ୍ୱୀକାର କରି ସାମାଜିକ ଜୀବନର ଭାବଧାରାକୁ ଆପଣେଇଥାଏ । ରାଜନୀତି, ଧର୍ମ, ସଂସ୍କାର, ଚାଲି ଚଳଣି, ଆର୍ଥିକ ସ୍ଥିତି, ଶିଳ୍ପ ସ୍ଥାପନ ଇତ୍ୟାଦିକୁ ଆପଣେଇ ମଣିଷ ନିଜକୁ ଜଗତୀକରଣ ସହ ସଂପୃକ୍ତ କରାଏ । ଏହା ଅର୍ଥନୀତି ସହ ମଣିଷର ସମ୍ପର୍କ ମଧ୍ୟରେ ସେତୁବନ୍ଧ ତିଆରି କରାଏ । ସମଗ୍ର ଜଗତକୁ ଗୋଟିଏ ଦୃଷ୍ଟିରେ ଦେଖିବା ଏବଂ ସାମୂହିକତାକୁ ଆହ୍ୱାନ କରିବା ହେଉଛି ଜଗତୀକରଣ ଓ ସାମାଜିକ ମଧ୍ୟସ୍ଥ ସଂପୃକ୍ତି ।

ଜଗତୀକରଣ ହେଉଛି ସାଂପ୍ରତିକ ସମାଜପାଇଁ ଏକ ଆହ୍ୱାନ । କାରଣ ଏହାଦ୍ୱାରା ଭାରତର ସାମାଜିକ, ରାଜନୀତିକ ପରିବେଶ ସହ ଅଭୂତପୂର୍ବ ପରିବର୍ତ୍ତନ ଦେଖାଇଲା । ଭାରତୀୟ ସଂସ୍କୃତିରେ ପାଶ୍ଚାତ୍ୟ ସଂସ୍କୃତିର ମିଶ୍ରଣ ଫଳରେ ସଂସ୍କୃତିର, ନବରୂପ ପ୍ରତିଭାତିତ ହେଲା । ବିଶେଷକରି ପଲ୍ଲୀରୁ ଆରମ୍ଭକରି ସହର ପର୍ଯ୍ୟନ୍ତ ଦେଶର ସବୁ ଏକ ଏକ କ୍ଷେତ୍ରର ବିକାଶ ଓ ଆର୍ଥିକ ସଚ୍ଛଳ କରିବାର ଲକ୍ଷ୍ୟ ହେଉଛି ଜଗତୀକରଣ । 'ଳରେ ମଣିଷ ପାରମ୍ପରିକ ଧାରାରୁ ବିଚ୍ୟୁତ ହୋଇ ନୂଆ ଏକ ଆହ୍ୱାନର ସମ୍ମୁଖୀନ ହେଲା । ଗ୍ରାମାଞ୍ଚଳର ମଣିଷ ସହର ସମ୍ବନ୍ଧରେ ଅଧିକ ଜ୍ଞାନଲାଭ କଲା । । ନିଜ ରାଜ୍ୟ, ଅନ୍ତର୍ଦେଶ ଓ ବହିର୍ଦେଶ ସଂପର୍କରେ ଅବଗତ ହେଲା । ଶିକ୍ଷା କ୍ଷେତ୍ରରେ ସଭିଏଁ ସଚେତନ ହେଲେ । ନାରୀମାନେ ନିଜର ସ୍ୱାଧୀନତା ଓ ସ୍ୱାଧିକାରକୁ ଜାହିର କଲେ । ଇଂଟରନେଟ୍ ଓ କମ୍ପ୍ୟୁଟର୍ ମାଧ୍ୟମରେ ଯୁବପିଢି ନାନାଦି ତଥ୍ୟ ସମ୍ପର୍କରେ ଅବଗତ ହେଲେ । ବିଜ୍ଞାନର ବରଦାନ ସମାଜକୁ ନାନା ସମସ୍ୟାରୁ ସମାଧାନ ଆଡ଼କୁ ବାଟ ଫିଟାଇଲା । ବିଶେଷକରି ସଚେତନ ନାଗରିକ ଉପଲବ୍ଧି କଲା ପ୍ରକୃତରେ ସମାଜର ସ୍ୱରୂପକୁ । ସାଧାରଣ ଜନତା ବିକାଶ ନାମରେ ସୀମିତ ହୋଇ ରହିଲା । ଓଡ଼ିଶାରେ ଅଧିକାଂଶ କମ୍ପାନୀ ସ୍ଥାପନ ଫଳରେ ନବ ନିଯୁକ୍ତିର ସୁଯୋଗ ବୃଦ୍ଧି ହେଲା ଏବଂ ତା ସାଙ୍ଗରେ ଆର୍ଥିକ ପୁଞ୍ଜିର ବିକାଶ ମଧ୍ୟ ହେଲା । ସଂସ୍କୃତି କ୍ଷେତ୍ରରେ ଭାରତରେ ବିଦେଶୀ ସଂସ୍କୃତିର ପ୍ରଭାବ ପଡ଼ିଲା । ବେଶ ପୋଷାକ, ଖାଦ୍ୟ ପେୟ ଓ ଚାଲି ଚଳଣି ଏମିତିକି ପ୍ରତ୍ୟେକଟି ବ୍ୟବହାର୍ଯ୍ୟ ଜିନିଷ ମଧ୍ୟରେ ପାଶ୍ଚାତ୍ୟାନୁଭବ ହେଲା । ବୈଦେଶିକ କମ୍ପାନୀର ଆଗମନ ହେତୁ ସେମାନଙ୍କ ଉତ୍ପାଦିତ ଖାଦ୍ୟ, ପୋଷାକ, ବ୍ୟବହାର୍ଯ୍ୟ ସାମଗ୍ରୀ ଇତ୍ୟାଦି ଆମ ସମାଜପାଇଁ ଅବଶ୍ୟକୀୟ ମନେହେଲା ।

ବିଶ୍ୱକୁ ଗୋଟିଏ ଦୃଷ୍ଟିରେ ବା ଗୋଟିଏ ଗ୍ରାମ ହିସାବରେ ଦେଖିବା ହେଉଛି ଜଗତୀକରଣ । ଏହାର ପ୍ରାସଙ୍ଗିକ ଅର୍ଥ ଗୋଟିଏ ଦେଶର ସାମାଜିକ ପରିବେଶ ଅନ୍ୟ ଏକ ଦେଶର ସାମାଜିକ ପରିବେଶ ସମ୍ପର୍କରେ ଅବଗତ ହେବା ଏବଂ ସେହି ଉପାଦାନ ସମୂହକୁ ସ୍ୱ ପରିବେଶରେ ସାମିଲ୍ କରାଇବା । ଏହି କ୍ଷେତ୍ରରେ କୁହାଯାଇପାରେ ଯେ, ଆଂଚଳିକ କ୍ଷେତ୍ରରେ ବିଶ୍ୱକୁ ଦେଖିବା ବା ଅଂଚଳକୁ ବିଶ୍ୱ ସହ ଯୋଡ଼ିବା ହେଉଛି "ଅଂଚଳବିଶ୍ୱ'(LOGAL) କିନ୍ତୁ ବିଶ୍ୱ ପରିବେଶ ସହ ଅଂଚଳକୁ ଯେତେବେଳେ ସାମିଲ୍ କରାଯାଏ ତାହାକୁ "ବିଶ୍ୱାଂଚଳ'(GLOCAL) ବୋଲି କୁହାଯାଏ । ପ୍ରକୃତରେ ଅଂଚଳ ଭିତରେ ବିଶ୍ୱକୁ ଦେଖିବା ଏବଂ ବିଶ୍ୱ ଭିତରେ ଆଂଚଳିକତାକୁ ଉପଲବ୍ଧି କରିବା ହେଉଛି ଏକ ସାମାଜିକ ମିଶ୍ରଣର ଉଦାହରଣ । ଅତଏବ, GLOCAL କଲ୍‌ଚର୍ ହେଉଛି–Reflacting or characterised by both local and Global consideration ଅର୍ଥାତ୍ ଉଭୟ ଆଂଚଳିକ ପରିବେଶ ଓ ବିଶ୍ୱ ପରିବେଶ ଯେଉଁଠିକି ପ୍ରତିଫଳିତ ହୁଏ । ଧର୍ମ ସଂସ୍କୃତି ଓ ପରମ୍ପରାକୁ ନେଇ ସାମାଜିକ ପରିବେଶ ମଧ୍ୟ କେତେକ ମାତ୍ରାରେ ସ୍ୱରୂପାୟିତ ହୋଇଥାଏ । ଧର୍ମ ଓ ସଂସ୍କୃତିର ଅନ୍ତଃମିଶ୍ରଣରେ ସାମାଜିକ ଚଳଣି ବା ପରମ୍ପରାରେ ପରିବର୍ତ୍ତନ ଦେଖାଦିଏ । ଯଥା ବୈବାହିକ

ପରମ୍ପରାରେ ବର ସବାରୀରେ ଯାଉଥିଲା ବେଳେ ସଂପ୍ରତି ସୌଖିନ୍ ଗାଡ଼ିର ଆବଶ୍ୟକ ରହିଛି । ଏପ୍ରିଲ୍ ପହିଲା ଉତ୍କଳ ଦିବସ ହୋଇଥିଲେ ମଧ୍ୟ ଏହାକୁ ଓଡ଼ିଶାର ଗର୍ବ ଓ ଗୌରବର ଦିବସ ଭାବେ ନ ପାଳି ଆନ୍ତର୍ଜାତିକ ସ୍ତରର "ବୋକା ଦିବସ" ଭାବେ ପାଳନ କରିଥାନ୍ତି । ସିନେମା, ଇଂଟରନେଟ୍, ଧାରାବାହିକ, ଅନ୍‌ଲାଇନ୍ ସପିଂ, ଅନ୍‌ଲାଇନ୍ ସେୟାରମାର୍କେଟ ଭଳି ପରିବେଶକୁ ଅଧୁନା ମଣିଷ ପସନ୍ଦ କରୁଛି । ପୋଷାକ ପିନ୍ଧିବାର ରୁଚି ବଦଳୁଛି, ତଥ୍ୟ ସଂଗ୍ରହର ତରିକା ବଦଳୁଛି, କ୍ରୟ ବିକ୍ରୟର ମାଧ୍ୟମ ପୁଣି ଇଂଟରନେଟ୍ ସାଜୁଛି ଇତ୍ୟାଦି ସବୁର ସାମୁହିକ ପରିବେଶ ମଣିଷକୁ ବିସ୍ତୃତି ଆଡ଼କୁ ବା ସଭ୍ୟ ମଣିଷ ଭାବରେ ପରିଚୟ ପ୍ରଦାନ କରୁଥିଲେ ହେଁ ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟକ୍ତି ନିଜେ ସୀମିତ ହୋଇଯାଇଛି । ଅଧୁନା ବ୍ୟକ୍ତି ନିଜ ନିଜର ସଂକୁଚିତ ପୃଥିବୀରେ ବାସ କରୁଛି । ସାମାଜିକ ଗଣମାଧ୍ୟମ (Social media)ରେ ନିଜକୁ ସାମିଲ୍ କରୁଥିଲେ ମଧ୍ୟ ବ୍ୟକ୍ତି ନିଃସଙ୍ଗ ହୋଇପଡୁଛି । ପୂର୍ବଭଳି ମଣିଷ ମଣିଷ ମଧ୍ୟରେ ଅନ୍ତଃସମ୍ପର୍କ ବଜାୟ ରହୁନାହିଁ । ବ୍ୟକ୍ତି କେବଳ ଅର୍ଥ ସର୍ବସ୍ୱ ଜୀବନକୁ ଆପଣାଉଛି । କେବଳ ଜାଗତିକ ଉପାଦାନକୁ ମନୁଷ୍ୟ ନିଜର କରୁଛି ବୋଲି ପାରମ୍ପରିକ ମୂଲ୍ୟବୋଧର ହ୍ରାସ ଘଟୁଛି । ବ୍ୟକ୍ତିର ଜୀବନ ଚଳଣିଠାରୁ ନାନାଦି କ୍ରିୟା ପ୍ରତିକ୍ରିୟା କ୍ଷେତ୍ରରେ ଆଧୁନିକ ଉପକରଣ, ପାଶ୍ଚାତ୍ୟ ସଭ୍ୟତାର ଆଦର୍ଶ ଭଳି ଗଣମାଧ୍ୟମରୁ ନାନା ପ୍ରକାରର ଶିକ୍ଷା ଗ୍ରହଣ ଓ ବ୍ୟବହାରର କୌଶଳ ଶିଖୁଛି । ଏହି ଆଗତ ଜଗତୀକରଣ ମନୁଷ୍ୟ ସମାଜ ପାଇଁ ଯେତିକି ଉପକାର କରୁଛି ସମପରିମାଣରେ ପାରମ୍ପରିକ ଦିଗଗୁଡ଼ିକର ଅବକ୍ଷୟ ବି କରୁଛି । କାରଣ କୌଣସି ଅଂଚଳରେ ଗୋଟିଏ ଶିଳ୍ପସ୍ଥାପନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ସେହି କଂପାନୀ ଓ ଶିଳ୍ପ ପ୍ରତିଷ୍ଠା ପଛରେ ଜଙ୍ଗଲ ଉଚ୍ଛେଦ, ବାସ ଉଚ୍ଛେଦ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି ସେହି ଅଂଚଳର ବାସିନ୍ଦା । ଯଦିଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୁଏ ବା ବାସ ଉଚ୍ଛେଦ ଲାଗି କ୍ଷତି ପୂରଣ ଦିଆଯାଏ ତଥାପି ଜନ୍ମଭୂମିରୁ ନିଜର ଅଧିକାର ଲୋପ ପାଏ । ସେହିପରି ଧର୍ମାନ୍ତରୀକରଣ ମାଧ୍ୟମରେ ଲୋକେ ଅନ୍ୟଗୋଟେ ଧର୍ମକୁ ଆପଣେଇ ସେ ଧର୍ମରେ ଦୀକ୍ଷିତ ହେବା ସ୍ଥଳେ ମୂଳ ଧର୍ମର ସ୍ୱରୂପ ହଜିଯାଏ । ଏଭଳି ଜଗତୀକରଣ ସମାଜର ଅନ୍ୟାନ୍ୟ କ୍ଷେତ୍ର ଯଥା କୃଷି, ଶିକ୍ଷା, ରାଜନୀତି ଆଦିକୁ ପ୍ରଭାବ ବିସ୍ତାର କରିଛି ।

ପ୍ରଚଳିତ ସମାଜ ବହୁ ଉପାଦାନରେ ଭରା । ସ୍ଥାନୀୟ ଅଂଚଳର ସଂସ୍କୃତି ଓ ପରମ୍ପରାଠାରୁ ଆରମ୍ଭ କରି ସାମୂହିକ କ୍ଷେତ୍ର ପର୍ଯ୍ୟନ୍ତ ସାମାଜିକ ନୀତି ବ୍ୟବସ୍ଥାର ଏକ ସୁସ୍ପଷ୍ଟ ଚିତ୍ର ହେଉଛି ସମାଜର ରୂପରେଖ, ଯାହାକୁ ଅନୁଧ୍ୟାନ କରି ସମାଜ ବିଜ୍ଞାନୀମାନେ ପରସ୍ପର ସହ ନିର୍ଭରଶୀଳ ମନୁଷ୍ୟ ଜାତିଙ୍କ ସଭ୍ୟ ଚଳଣିକୁ ସମାଜ ନାମରେ ନାମିତ କରିଛନ୍ତି । ପୁନଶ୍ଚ ମନୁଷ୍ୟ ହେଉଛି ଏକ ବିଚାରଶୀଳ ପ୍ରାଣୀ । ଏଣୁ ସାଂପ୍ରତିକ ସମାଜରେ ଜଗତୀକରଣର ଆଗମନ ଏବଂ ତାର ପ୍ରଭାବ ସମାଜ ଉପରେ କିପରି ରହିଛି ତାକୁ ସେ ଅନୁଭବ କରୁଛି । ବାସ୍ତବରେ ସମାଜ ସହିତ ଜଗତୀକରଣର ସଂପୃକ୍ତି କିପରି ରହିଛି ବା କେଉଁ କେଉଁ କ୍ଷେତ୍ରରେ ରହିଛି ନିମ୍ନରେ ପ୍ରଦତ୍ତ ହେଲା –ଜଗତୀକରଣ ପରବର୍ତ୍ତୀ ସମୟରେ ଯେତେବେଳେ ସମଗ୍ର ଭାରତ ବର୍ଷର ସାମାଜିକ ସାଂସ୍କୃତିକ ରାଜନୀତିକ, ଧାର୍ମିକ ଓ ଆର୍ଥନୀତିକ କ୍ଷେତ୍ରରେ ଘୋର ପରିବର୍ତ୍ତନ ଦେଖାଦେଇଛି ସେତେବେଳେ ମଣିଷ ଜୀବନ ଧାରଣ କ୍ଷେତ୍ରରେ ବି ଅଭୂତପୂର୍ବ ପରିବର୍ତ୍ତନ ଘଟିଛି । ଓଡ଼ିଶାର ମଣିଷ ଏବେ ଆଂଚଳିକ ମଣିଷ ନ ହୋଇ ବିଶ୍ୱ ମଣିଷ ହୋଇଯାଇଛି । ସମଗ୍ର ପୃଥିବୀର ଖବର ତା ପାଖରେ ଯଥାଶୀଘ୍ର ଯେମିତି ପହଂଚି ପାରୁଛି ଠିକ୍ ସେମିତି ନିଜର ବ୍ୟକ୍ତିଗତ ତଥ୍ୟକୁ ବିଶ୍ୱ ସ୍ତରରେ ପହଂଚାଇ ପାରୁଛି । କୌଣସି ଧର୍ମ ଓ ସଂସ୍କୃତିରେ ଆଂଚଳିକ ବିଭେଦ ରହୁନାହିଁ । କୌଣସି ସାମାଜିକ ବିଭେଦ, ଜାତିଗତ ସଙ୍ଘର୍ଷ, ଗୋଷ୍ଠୀଗତ ବିବାଦ ଭିତରେ ରହିବାକୁ ମଣିଷ ଆଉ ପସନ୍ଦ କରୁନାହିଁ । ନିଜର ସୁଖସୁବିଧା ସ୍ୱଚ୍ଛନ୍ଦ ଅନୁସାରେ ସମସ୍ତଙ୍କ ସହ ଚଳିବା ନିମନ୍ତେ ସେ ନିଜକୁ ଉପଯୁକ୍ତ ମନେ କରୁଛି । ଜଗତୀକରଣ ତାକୁ ବିଭିନ୍ନ କ୍ଷେତ୍ରରେ ଦ୍ରୁତ ବିକାଶ ପଥରେ ନେଇଯାଇଛି । ବିଂଶ ଶତାବ୍ଦୀରେ ଅର୍ଥନୀତିଗତ ଏକ ଶହ ବର୍ଷ ଭିତରେ ଯେମିତି ସାମାଜିକ ବିକାଶ ହୋଇନାହିଁ । ଏକବିଂଶ ଶତାବ୍ଦୀର ମାତ୍ର କିଛି ବର୍ଷ ଭିତରେ ସେ ସବୁ ବିକାଶ ହୋଇପାରିଛି । ମଣିଷର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାହିତ୍ୟ, ସଂସ୍କୃତି, ରାଜନୀତି, ପ୍ରତ୍ୟେକ କ୍ଷେତ୍ରରେ ଜଗତୀକରଣର ପ୍ରଭାବକୁ ଅନୁଭବ କରିବା ସହ ତାଳ ଦେଇ ଗତି କରି ଚାଲିଛି ।

ଲକ୍ଷ୍ୟକଲେ ଜଣାଯାଏ, ଜଗତୀକରଣ ଆର୍ଥିକ ଦୁରାବସ୍ଥା ନିମନ୍ତେ ସୃଷ୍ଟି ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବ ବିସ୍ତାର କରି ମଣିଷର ସାମାଜିକ ଜୀବନକୁ ଅଧିକ ପରିବର୍ତ୍ତିତ କରିଛି । କାରଣ ଅର୍ଥ ହେଉଛି ପ୍ରତ୍ୟେକ ବିକାଶର ଚାବିକାଠି । ସମାଜର ପ୍ରତ୍ୟେକ କ୍ଷେତ୍ରକୁ ଅର୍ଥ ନିୟନ୍ତ୍ରଣ କରେ । ସମାଜର ଆର୍ଥିକ ଦିଗଟି ଯେତେବେଳେ ସୁଧୁରିଯାଏ ସେତେବେଳେ ବିକାଶର ମାର୍ଗ ଆହୁରି ଲମ୍ବିଯାଏ । ମଣିଷର ଜୀବନଧାରଣର ଶୈଳୀ ବଦଳିଯାଏ । ଗ୍ରାମାଂଚଳରେ ବାସକରୁଥିବା ସାଧାରଣ ମଣିଷ ସହରାଭୀମୁଖୀ ହୁଏ । ସାଇକେଲରେ ଯାତ୍ରା କରୁଥିବା ମଣିଷ ଗାଡ଼ି ଚଢ଼େ । ଆର୍ଥିକ କଟକଣା ଉଠିଯିବା ଫଳରେ ବ୍ୟାଙ୍କ୍‌ମାନେ ଅଧିକ ଋଣ ପ୍ରଦାନ କରନ୍ତି । ତା ଦ୍ୱାରା ସମାଜର ପ୍ରତ୍ୟେକ କ୍ଷେତ୍ର ଅଧିକ ବିକଶିତ ହୁଏ ।

ଜଗତୀକରଣର ପ୍ରଭାବରେ ମଣିଷର ଜୀବନ କିଭଳି ପ୍ରଭାବିତ ହୋଇଛି ତାହା ଲକ୍ଷ୍ୟ କରାଯାଇପାରେ – ମଣିଷ ସଂପ୍ରତି ପୂର୍ବାପେକ୍ଷା ନିଜକୁ ଅଧିକ ସ୍ୱାଧୀନ ମଣୁଛି । ନିଜକୁ ଆଉ ନିର୍ଦ୍ଦିଷ୍ଟ ଭିତରେ ସୀମାବଦ୍ଧ ନରଖି ବିଶ୍ୱ ମଣିଷ ଭାବେ ବିଚାର କରୁଛି । ଗଣମାଧ୍ୟମ ସହ ସର୍ବଦାଜଡ଼ିତ ରହିବାକୁ ଚେଷ୍ଟା କରୁଛି । ଏହା ତାର ଜୀବନଶୈଳୀର ଅନ୍ୟତମ ଅଙ୍ଗ ପାଲଟିଯାଇଛି । ଭିଭିନ୍ନ ନେଟ୍‌ୱାର୍କିଂ ସାଇଟ୍‌ରୁ ପ୍ରତିଟି ପ୍ରଶ୍ନର ଉତ୍ତର ପାଇ ପାରୁଛି ଓ ତାକୁ ସମାଧାନ କରିବାକୁ ଚେଷ୍ଟା କରୁଛି । ସର୍ବଦା ମୋବାଇଲ୍ ହାତରେ ରହିବାଦ୍ୱାରା "ବିଶ୍ୱ'କୁ

ପକେଟ୍‌ରେ ରଖିବା ମନେକରିଛି । ମୋବାଇଲ୍‌ରୁ ଅନେକ ଶିକ୍ଷା ଲାଭ କରୁଛି । ପାଶ୍ଚାତ୍ୟ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ଭଳି ଅନ୍ୟାନ୍ୟ ସଂସ୍କୃତିକୁ ଫେଶନ୍ ଭାବେ ଗ୍ରହଣ କରି ସେଥିରେ ମଜ୍ଜି ରହୁଛନ୍ତି । ନିଜର ପାରମ୍ପରିକ ଖାଦ୍ୟ ଅପେକ୍ଷା ଫାଷ୍ଟ୍‌ଫୁଡ୍, ପିଜା, ବର୍ଗର୍, କୋଲ୍ ଡ୍ରିଙ୍କ୍ ଆଦି ବିଦେଶୀ ଖାଦ୍ୟ ଓ ପାନୀୟ ବ୍ୟବହାର କରିବାକୁ ଅଧିକ ପସନ୍ଦ କରୁଛି । କଥାବାର୍ତ୍ତାରେ ଅନେକ ବିଦେଶୀ ଶବ୍ଦର ବ୍ୟବହାର କରୁଛି । ଅନ୍‌ଲାଇନ୍ ମାର୍କେଟିଂ ଓ କ୍ୟାସ୍‌ଲେସ୍ ବିଜିନେସ୍‌କୁ ଅଧିକ ପସନ୍ଦ କରୁଛନ୍ତି । ଘରେ ବସି ନିଜ ନିଜ ସୁବିଧା ମୁତାବକ ଜିନିଷ ପସନ୍ଦ କରି ପେମେଂଟ ହେଉଛି ତା ସଙ୍ଗେ ସଙ୍ଗେ ଆବଶ୍ୟକ ମୁତାବକ ଜିନିଷ ନିଜ ନିକଟରେ ସହଜରେ ଉପଲବ୍ଧ ହେଉଛି । ଏ ସବୁ କେବଳ Amazon, Flipcart, Snapdeal, Google pay, Tez, Phonepe, paytm, Online Banking ଦ୍ୱାରା ସମ୍ଭବପର ହୋଇ ପାରୁଛି । ସ୍ୱଳ୍ପ ସମୟରେ ଅନେକ କାର୍ଯ୍ୟ ମଧ୍ୟ ହୋଇପାରୁଛି ସତ କିନ୍ତୁ ସଂପ୍ରତି ମଣିଷ ଏହି ପ୍ରଭାବରୁ ନିଜକୁ ମୁକୁଳେଇ ପାରୁନି ।

କଥା ସାହିତ୍ୟ ପରମ୍ପରାରେ ଗଳ୍ପ ଏକ ସ୍ୱତନ୍ତ୍ର ବିଭାଗ । ଗଳ୍ପ ହେଉଛି ଏକମୁଖୀ ଭାବ ପ୍ରକାଶର ଏକ ସ୍ୱତନ୍ତ୍ର ଶୈଳୀ । ଗଳ୍ପ ହେଉଛି ଏକ କ୍ଷେତ୍ର ଯେଉଁଠି ଗାଳ୍ପିକ ନିଜସ୍ୱ ଶୈଳୀକୁ ଯଥାର୍ଥ ରୂପରେ ପ୍ରକାଶ କରିଥାଏ । ଓଡ଼ିଆ ଗଳ୍ପ ସାହିତ୍ୟ ଏକ ପ୍ରଲମ୍ବିତ ପର୍ଯ୍ୟାୟ । ଏହାର ପ୍ରାରମ୍ଭ ପର୍ଯ୍ୟାୟ ଯଦିଓ ସାମାଜିକ ବିଷୟବସ୍ତୁ ଏବଂ ସାମାଜିକ ଚରିତ୍ରଦ୍ୱାରା ସମୃଦ୍ଧ, ଅଧୁନା କିନ୍ତୁ ଓଡ଼ିଆ ଗଳ୍ପ ସାହିତ୍ୟ ବିଷୟବସ୍ତୁ ଏବଂ ସ୍ୱରୂପଗତ କ୍ଷେତ୍ରରେ ଯଥେଷ୍ଟ ଉନ୍ନତ ତଥା ପରୀକ୍ଷାଧର୍ମୀ । ସ୍ୱାଧିନତା ପୂର୍ବବର୍ତ୍ତୀ ଗଳ୍ପାଦର୍ଶ ଏବଂ ସ୍ୱାଧୀନତା ପରବର୍ତ୍ତୀ ଗଳ୍ପ ମଧ୍ୟସ୍ଥ ସ୍ୱପ୍ନଭଙ୍ଗ, ନିଃସଙ୍ଗତାବୋଧ, ବ୍ୟକ୍ତିକୈନ୍ଦ୍ରିକତା ଆଦି ସ୍ଥାନ ପାଇଲା । ସଂପ୍ରତି ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପଗୁଡ଼ିକ ସମାଜ ବାସ୍ତବତାକୁ କେନ୍ଦ୍ରକରି ଗଢ଼ିଉଠୁଛି ଏବଂ ସମାଜର ପ୍ରକୃତ ସ୍ୱରୂପକୁ ଉଦ୍ଘାଟନ କରିବାରେ ସଫଳ ମଧ୍ୟ ହେଉଛି । ରାଜନୀତି, ଶିକ୍ଷା, ସଂସ୍କୃତି ଏବଂ ପରିବର୍ତ୍ତିତ ଗ୍ରାମ୍ୟ ଜୀବନ ଭଳି ବିଭିନ୍ନ ଦିଗ ଗଳ୍ପର ବିଷୟବସ୍ତୁ ଭାବରେ ପାଠକ ସମ୍ମୁଖରେ ଉଭା ହେଉଛି । ତନ୍ମଧ୍ୟରେ ଚରିତ୍ରର ରୂପଚିତ୍ର, ବିଷୟ ନିର୍ବାଚନଗତ ସାତନ୍ତ୍ର୍ୟତା ଗାଳ୍ପିକର ପରିଚୟକୁ ପାଠକ ତଥା ସମାଲୋଚକ ନିକଟରେ ପରିଚାୟିତ କରୁଛି ।

ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ଅଧୁନା ଭିନ୍ନ ଭିନ୍ନ ଭାବଧାରାରେ ରଚିତ ହେଉଛି । ବ୍ୟକ୍ତିଗତ ଜୀବନ, ସ୍ୱାର୍ଥାନ୍ୱେଷୀ ମଣିଷ, ରାଜନୀତି, ଶିକ୍ଷା, ବଦଳୁଥିବା ସଭ୍ୟତା-ସଂସ୍କୃତି, ଇତ୍ୟାଦି ସବୁକୁ ନିଜ ଗଳ୍ପରେ ସ୍ଥାନଦେବାକୁ ଗାଳ୍ପକମାନେ ସଦା ଚେଷ୍ଟିତ । ସାମାଜିକ ପରିବେଶ ପ୍ରଭାବ, ଅନୁଭୂତି ଓ ଅଭିଜ୍ଞତାର ସଫଳ ପରିପ୍ରକାଶ କ୍ଷେତ୍ର ସହିତ ଅଧୁନିକ ସଭ୍ୟତା , ସଂସ୍କୃତି ମଧ୍ୟ ଗାଳ୍ପିକଙ୍କ ଗଳ୍ପରେ ଦୃଶ୍ୟାୟିତ ହୁଏ । ଜଗତୀକରଣ ଏକ ପରିବର୍ତ୍ତନର ଆଭାସ । ବ୍ୟକ୍ତି, ଗୋଷ୍ଠୀ ତଥା ସାମାଜିକ ଚଳଣି, ପାରମ୍ପରିକ ରୀତି ଭଳି ସବୁକିଛି ସଂପ୍ରତିକ ସମୟରେ ଏକ ପରିବର୍ତ୍ତିତ । ଏଣୁ ଗଳ୍ପ ଧାରାରେ ଏହାର ପ୍ରଭାବ ବା କେମିତି ବାଦ୍ ପଡ଼ିବ ? ଓଡ଼ିଆ ଗଳ୍ପ ସାହିତ୍ୟକୁ ଜଗତୀକରଥ ଭିତ୍ତିରେ ଦେଖିଲେ ଅନେକ ଗାଳ୍ପିକ ସ୍ମରଣକୁ ଆସନ୍ତି ଯଥା- ଅରବିନ୍ଦ ରାୟ, ସଦାନନ୍ଦ ତ୍ରିପାଠୀ, ସରୋଜିନୀ ସାହୁ, ସଂଯୁକ୍ତା ରାଉତ, ଆଦିକନ୍ଦ ସାହୁ, ରଶ୍ମୀ ରାଉଳ, ଶରତ କୁମାର ଜେନା, ମଳୟ ମିଶ୍ର, ରବି ସାଇଁ, ରତ୍ନାକର ନାୟକ, ସୁଲଗ୍ନା ମହାନ୍ତି, ଦେବାଶିଷ ସାମନ୍ତରାୟ ସମେତ ଆହୁରି ଅନେକ ।

ଗାଳ୍ପିକ ଆଦିକନ୍ଦ ସାହୁଙ୍କ ଗଳ୍ପରେ ଏକ ସରଳ ଓ ସହଜ ଭାବବୋଧ ଅନୁମେୟ ହୁଏ । ନିଜସ୍ୱ ଗଳ୍ପର ଚରିତ୍ର ଓ ବିଷୟବସ୍ତୁ ପାଠକର ଖୁବ୍ ନିକଟ ମନେହୁଅନ୍ତି । ଆବେଗ ପ୍ରବଣ ଲେଖା ହିଁ ତାଙ୍କ ଗଳ୍ପକୁ ସ୍ୱତନ୍ତ୍ରତା ପ୍ରଦାନ କରେ । ତାଙ୍କର 'ସେରତ ପୁରୁଲା ମାଣ ତ ପୁରିଲା' ଗଳ୍ପରେ ଦେଖିବାକୁ ଗଲେ ସାଂପ୍ରତିକ ସମାଜ କିପରି ଧିରେ ଧିରେ ପରିବର୍ତ୍ତିତ ହେଉଛି ତାହାକୁ ସୂକ୍ଷ୍ମ ଭାବରେ ଉପଲବ୍ଧି କରିହେବ । ଅତୀତର ସ୍ମୃତିଚାରଣ ଶୈଳୀରେ ଗଳ୍ପଟି ରଚନା ହୋଇଥିଲେ ମଧ୍ୟ ଚରିତ୍ର ଜୀବନ ପଛରେ ଘଟିଥିବା ସ୍ମୃତି ହିଁ କଥାବସ୍ତୁ ଭାବରେ ରୂପ ପାଇଛି । ତାରୁଣ୍ୟ ଜୀବନର କିଛି ପୁଲକପ୍ରଦ କଥା ସାଙ୍ଗକୁ ପାରିବାରିକ ଜୀବନ, ପରିବାରର ଅଭାବ ଅନଟନ ଓ ଦାମ୍ପତ୍ୟ ଜୀବନର ଗତିବିଧି ଗଳ୍ପଟିକୁ ପୂର୍ଣ୍ଣତା ପ୍ରଦାନ କରିଛି । କିନ୍ତୁ ଗଳ୍ପର ଅଅଗ୍ରଗତିରେ ବର୍ତ୍ତମାନ ସହ ଅତୀତର ମିଶ୍ରିତପଣ ପାଠକ ପ୍ରାଣକୁ ଆହୁରି ଉଦ୍‌ଜୀବିତ କରିଛି । ସତେକି ଅତୀତ ଆଉ ବର୍ତ୍ତମାନ ଏକ ସମତାଳରେ ଗତି କରୁଛନ୍ତି । ପୁନଶ୍ଚ ଅନ୍ୟ ଏକ ପ୍ରତ୍ନଶୀଳା ଗଳ୍ପଟିରେ ଗାଳ୍ପିକ ନିଜ ବାପାଙ୍କର ମୃତ୍ୟୁ ସମୟକାଳୀନ ପରିବେଶରୁ ଆରମ୍ଭ କରିଛନ୍ତି । ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ସହିତ ବାଲ୍ୟ ଓ କୈଶୋର ଜୀବନର ଅଭୁଲା କଥା ସବୁ ସ୍ଥାନ ପାଇଛି ଗଳ୍ପରେ । " ଗାଁଟା କେମିତି କ୍ରମଶଃ ଦୂର ସ୍ମୃତିର ବିଷୟ ହୋଇଗଲାଣି । ସେ ମୋ ଗାଁ ଥିଲା ମୋ ଶୈଶବ ଓ ଆଦ୍ୟ ଯୌବନର ଲୀଳାଭୂମି । ସେଇ ଗାଁ ଭୂମିରେ କଟାଯାଇଥିବା ଦିନ ସବୁଥିରୁ ଆଉ ମଧୁର କଣ ଅଛି ଜୀବନରେ ? (୧. ଅନ୍ୟ ଏକ ପ୍ରତ୍ନଶୀଳା, ସାହୁ ଆଦିକନ୍ଦ, ଆମ ପଂଚବଟୀ, ଶାରଦୀୟ, ୨୦୧୪, ପୃ-୬୦) କର୍ମ ବ୍ୟସ୍ତ ଜୀବନ ଭିତରେ ବି ମଣିଷ କିପରି ନିଜର ଗାଁକୁ ଝୁରୁଥାଏ ପୁଣି ପିଲାଦିନକୁ ମନେପକାଏ ଆଉ ବେଳେ ବେଳେ ଆବୋରି ବସେ ନିଜର ପିଲାଦିନକୁ । ଆତୀତ ଆଡ଼କୁ ଫେରିଚାହିଁ ଗଳ୍ପର ନାୟକ ମଧ୍ୟ ଯଥେଷ୍ଟ ସକ୍ରିୟ ହୋଇଛି ଏହି ଗଳ୍ପରେ ।

ଗାଳ୍ପିକ ମଳୟ ମିଶ୍ରଙ୍କ ଗଳ୍ପଗୁ ଡ଼ିକ ଗାଁ ଓ ସହର ଉଭୟ ବଳିଷ୍ଠ ପୃଷ୍ଠଭୂମିରେ ରଚିତ ହୋଇଥିବା ଦେଖିବାକୁ ମିଳୁଥିଲେ ହେଁ ପରିବର୍ତ୍ତିତ ଗାଁର ଚିତ୍ର ଓ ସହରୀ ଚଳଣିର ପ୍ରଭାବ ମୁଖ୍ୟ ଭାବରେ ସ୍ଥାନପାଏ । 'ଖେଳଣା ସମୁଦ୍ର ଓ ଜୀଅନ୍ତା ସୁନା ମାଛ' ଗଳ୍ପରେ ଗାଳ୍ପିକ ପରିବର୍ତ୍ତିତ ଗ୍ରାମ୍ୟ ଜୀବନର କଥାକୁ ଗାଳ୍ପିକ ଗଳ୍ପ ନାୟକର ପିତା ମୁଖରେ ପ୍ରକାଶ କରିଛନ୍ତି । ଗାଁ ଭିତରେ ସହରୀ ସଭ୍ୟତାର ଛାପ କିପରି ପଡୁଛି ଏବଂ ବଂଚିବାର ତଥା ଜୀବନ ପାଳିବାର ଶୈଳୀଟି କିପରି ପରିବର୍ତ୍ତିତ ହୋଇଯାଉଛି

ସେସବୁ କଥା ଗଳ୍ପଟିରେ ସ୍ଥାନିତ । ସହରର ଆଧୁନିକ ପରିପାଟୀ ଜୀବନ ଭିତରେ ଅଣ ନିଶ୍ୱାସୀ ହୋଇ ଗାଁକୁ ଫେରିଛି ନାୟକ । କିନ୍ତୁ ନିଜ ବାପା ମୁଖରୁ ଶୁଣିଛି – "ବାପା ବି ତଳକୁ ମୁହଁ କରି ଖାଉ ଖାଉ କହିଲେ : ତୁ ଯୋଉ ଗ୍ରାମ୍ୟ ସରଳତା କଥା ଭାବୁଛୁ ବୁନୁ, ସେ କଥା କଣ ଆଉ ଏଠି ଅଛି ? ଇଏତ ଅଧା ଗାଁ, ଅଧା ସହରର ନବଗୁଞ୍ଜର । ଦେଖୁନୁ, ଚାଳଛପର ଉପରେ ଟିଭି ଆଂଟିନା, ଗାଁ ବରଗଛ ତଳ ପାନ ଗୁମୁଟିରେ କୋଲ୍ଡ୍ରିଂସ୍, ଗୁଟୁଖା । ସରକାରଙ୍କ ଯୋଜନା ସବୁ ବି ସହରୀ ପ୍ଲାନରେ । ଲୋକେ ଚାହୁଁଛନ୍ତି ସେଇଆ । ଏବେ ତ ଗାଁ ଗାଁରେ ଟାଉଟରୀ ଗୋଷ୍ଠୀ କନ୍ଦଳ, ମାଡ଼ପିଟ । ଛାଇ ମଡ଼ା ମଡ଼ି ନାଇଁ ପଦେ ଡ଼ାଶୀଙ୍କ ଭିତରେ । ଦିଟା ଦିନରେ ତୋ ମନ ଛାଡ଼ିଯିବ ଏଠି ।" (୨. ଖେଳନା ସମୁଦ୍ର ଓ ଜୀଅନ୍ତା ସୁନା ମାଛ, ମିଶ୍ର ମଳୟ, ଦୃଷ୍ଟିପାତ ପ୍ରକାଶନ, ଭୁବନେଶ୍ୱର, ୨୦୧୧, ପୃ- ୧୫) ବାସ୍ତବରେ ଗାଳ୍ପିକ ବୁବୁ ମନର ମାନସିକତା ଏବଂ ପ୍ରକୃତ ଗାଁର ରୂପକଥା ହିଁ ସଂଳାପଧର୍ମୀ ମାଧ୍ୟମରେ ପ୍ରକାଶ କରିଛନ୍ତି । ଅଧୁନା ଗାଁ ଆଉ ଗାଁ ହେଇ ନାହିଁ ବରଂ ଏକ ଛୋଟ ସହରରେ ପରିଣତ ହେବାକୁ ବସିଲାଣି । ଲୋକଙ୍କ ଭିତରେ ଆତ୍ମିୟତା ମ୍ଳାନ ପଡ଼ିଗଲାଣି । ପ୍ରକୃତରେ ଗ୍ରାମ୍ୟ ଜୀବନ ଏକ ସ୍ୱପ୍ନ ପରି ମନେ ହେଲାଣି । ଏହି ଗଳ୍ପ ଜଗତୀକରଣର ବଜାରନୀତି ତଥା ବିଦେଶ ଜାତ ଦ୍ରବ୍ୟ ଏବଂ ଯୋଜନାର ସହଜସାଧ୍ୟ ବ୍ୟାପାର ପ୍ରସଙ୍ଗଟି ଆରମ୍ଭରୁ ସୂଚିତ କରାଯାଇଛି । ଏଣୁ ସାମାଜିକ ସ୍ତରରେ ବିବିଧ ରୂପ ପରିବର୍ତ୍ତନ ମଧ୍ୟରୁ ମଣିଷ ମନ ମଧ୍ୟରେ ବଂଚିବାର ନିଶାଟି କିପରି ବଦଳିଯାଇଛି ତାହାକୁ ଗାଳ୍ପିକ ଏଠାରେ ରୂପାୟିତ କରିଛନ୍ତି ।

ଗାଳ୍ପିକ ଶରତ ଜେନାଙ୍କ 'ପରିକ୍ରମା' ଗଳ୍ପଟି ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇପାରେ । ଗାଁ ପ୍ରତି, ସାହି ପ୍ରତି ଏବଂ ଘର ପ୍ରତି କିପରି ମମତ୍ୱବୋଧ ମଣିହ ମନରେ ଭରିହୋଇ ରହିଥାଏ ତାହାକୁ ଗାଳ୍ପିକ ନିଜେ ଅଙ୍ଗେ ନିଭାଇଛନ୍ତି । ନିଜକୁ ଚରିତ୍ର କରି ଗାଳ୍ପିକ ନିଜେ କାହାଣୀ ମଧ୍ୟରେ ସ୍ୱରୂପାୟିତ କରିଚନ୍ତି । ଗଳ୍ପଟି ତିନୋଟୋ ପର୍ଯ୍ୟାୟ ଯଥା ଗାଁ, ସାହି ଓ ଘର ଭଳି ବିଷୟବସ୍ତୁରେ ବିଭକ୍ତ । ଗଳ୍ପଟିର କାହାଣୀ ସହ ଉକ୍ତ ବିଷୟବସ୍ତୁର ସଂଯୋଜନ ମଧ୍ୟ ସୁସଂଯତ । ଗାଁର ଚିତ୍ର, ସାହିର ବର୍ଣ୍ଣନା ଏବଂ ଘର ପ୍ରତି ମମତାର ଚିତ୍ରକୁ ଏକ ଦୂରାଗତ ଚରିତ୍ର ଭାବରେ ନିଜକୁ ସଂସ୍ଥାପିତ କରି ପ୍ରକାଶ କରିଛନ୍ତି । ଗାଁଟୁ ଦୂରେଇ ଯିବାର ଦୁଃଖ ପୁଣି ଗାଁର ମୋହରେ ଟାଣିହୋଇ ଆସିବାର କୌତୁହଳ ଭିତରେ ସମୟ ସହ ଗାଁର ରୂପ କିପରି ପରିବର୍ତ୍ତିତ ହୋଇଯାଉଛି ସେ ସବୁକୁ ଗାଳ୍ପିକ ଉଦ୍ଦେଶ୍ୟମୂଳକ ଭାବେ ଚିତ୍ରଣ କରିଛନ୍ତି । ଗାଁର ଏକ ସ୍ଥାନ ମଧ୍ୟରେ ଏକ ଏକ ସ୍ମୃତି, ଅନୁଭୂତି ସହ କିମ୍ବଦନ୍ତୀର ଛାପ ଗଳ୍ପଟିରେ ସମ୍ପୂର୍ଣ୍ଣ ଗ୍ରାମର ରୂପ ବିଭବକୁ ପାଠକ ସମ୍ମୁଖରେ ପ୍ରତିଫଳିତ ହୋଇଛି । "ଗାଁ ଭିତରକୁ ପଶିଗଲା ପରେ ଦେଖିଲି ମୋ ପିଲାବେଳର ମେଲା ଆମ୍ବଗଛ ଆଉ ନାହିଁ । ... ଏପରିକି ହାଇସ୍କୁଲ୍ ପାଠପଢ଼ା ସମୟରେ ସେଠାରେ ଖୋଳାଯାଇଥିବା ନଳକୂପ ବି କ୍ରମଶଃ ଅର୍ଦ୍ଧପୋତା ହୋଇ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଛକରେ ଥିବା ଗୁଡ଼ିଆ ଘର, ଯେଉଁଠି ମୁଢ଼ି, ଉଖୁଡ଼ା, ରାଶି ଖଜା, ବଲ୍ଲଭ ଆଦି ମିଳୁଥିଲା, ସେ ଘର ନାହିଁ ଏବଂ ତାଙ୍କ ପରିବାର ବି ଗାଁ ଛାଡ଼ି କୁଆଡ଼େ ଗଲେଣି ଜଣା ପଡ଼ିଲାନି । ସେ ଜାଗାରେ ଗଢ଼ି ଉଠିଛି ଗୋଟେ ଫାଷ୍ଟ୍ ଫୁଡ୍ ସେଂଟରର ଟୁଙ୍ଗି । (୩. ବଦଳୁଥିବା ସଂପର୍କର ମାନଚିତ୍ର, ଜେନା କୁମାର ଶରତ, ସରସ୍ୱତୀ, ଭୁବନେଶ୍ୱର, ୨୦୧୭, ପୃ- ୬୫-୬୬) ଉକ୍ତ ସ୍ଥାନରେ ଗାଳ୍ପିକ ଅତୀତର ସ୍ମୃତିକୁ ମନେ ପକାଇବା ସହ ଆଧୁନିକ ସମାଜର ଖାଦ୍ୟପେୟ ଏବଂ ଗାଁର ବାସ୍ତବ ରୂପକୁ ଦେଖାଇଛନ୍ତି । ସମ୍ପୂର୍ଣ୍ଣ ଗଳ୍ପଟିରେ ଗାଁର ଶିକ୍ଷା, ସଂସ୍କୃତି, ପର୍ବ ପର୍ବାଣି, ରାଜନୀତି ଏବଂ ସାହି ସାହି ଭିତରର ସଂପର୍କ ଘଟଣା ଦୁର୍ଘଟଣା ସହ ଘରେ ବୋଉର ମହତ୍ୱ, ଗୁରୁତ୍ୱ ବୋଉର ଅକୁଣ୍ଠ ଆବେଗ ଭିତରେ ଗାଳ୍ପିକ ଖୋଜି ପାଇଛନ୍ତି ନିରୋଳା ଭଲପାଇବାକୁ । ଗାଁ ସାଇ ଓ ଘର ଯେ ମଣିଷଟିର ଆଧାର ଭୂମି ଏକଥାକୁ ଯଥାର୍ଥ ଭାବରେ ବର୍ଣ୍ଣନା କରିଛନ୍ତି ।

ରବି ସ୍ୱାଇଁଙ୍କ 'ନିଜର ଚିତ୍ରପଟ' ଗଳ୍ପରେ ବର୍ତ୍ତମାନ ଆଖିରେ ଗାଁର ଅତୀତ ଦୃଶ୍ୟକୁ ଉପସ୍ଥାପନ କରିଛନ୍ତି । ଗାଁ ଛାଡ଼ି ପାଠ ପଢ଼ିବାକୁ ଯାଇଥିବା ନାୟକ ଅମୂଲ୍ୟ ଦୃଷ୍ଟିରେ ଗାଁର ଚିତ୍ରକୁ ଗାଳ୍ପିକ ପ୍ରକାଶ କରିଛନ୍ତି । ଗଳ୍ପଟିରେ ପାରିବାରିକ ଜୀବନବୋଧ ସହ ଶିକ୍ଷା, କଳା ଓ ସଂସ୍କୃତିର ଦୃଶ୍ୟକୁ ଦେଖାଯାଇଥିଲେ ମଧ୍ୟ ଆରମ୍ଭରୁ ବଦଳିଯାଇଥିବା ନାୟକ ଗାଁର ଚିତ୍ର ସ୍ଥାନିତ । "ରାସ୍ତା ଦି କଡ଼ରେ ଥିବା ସବୁଜ ଲହରିମାନେ କେବଳ ଚିହ୍ନା ଚିହ୍ନା ଲାଗୁଥାନ୍ତି । ଆଉ ସବୁକିଛି ବଦଳିଯାଇଥାଏ । ସରୁ ମୋରମ ରାସ୍ତାଟି ହୋଇଯାଇଥାଏ ଦି ଧାଡ଼ିଆ କଂକ୍ରିଟ ରାଜପଥ । ରାସ୍ତା କଡ଼ର ବୟସ୍କ ଗଛମାନେ ମରିହଜି ଯାଇଥାନ୍ତି । ସାମାଜିକ ବନୀକରଣର ସଯତ୍ନ ବର୍ଦ୍ଧିତ ଗଛମାନେ ହସ ହସ ମୁହଁରେ ଠିଆ ହେଇଥାନ୍ତି । ରାସ୍ତାକଡ଼ରେ ଅନେକ ଛୋଟ ବଡ଼ ବଜାର ମୁଣ୍ଡ ଟେକିଥାନ୍ତି ।" (୪. ନିଜର ଚିତ୍ରପଟ, ସ୍ୱାଇଁ ରବି, ସ୍ମାଦ ବାର୍ଷିକ ବିଶେଷାଙ୍କ-୨୦୨୦, ପୃ- ୧୫୭) ଗାଳ୍ପିକ ସ୍ୱାଇଁ ଗଳ୍ପ ଆଦ୍ୟରେ ଗାଁ ଉପରେ ସହରର ପ୍ରଭାବ, ବଦଳୁଥିବା ପରିବେଶରେ ବର୍ତ୍ତମାନର ଗାଁକୁ ଚିତ୍ରିତ କରିବାର ପ୍ରୟାସ କରିଛନ୍ତି ଯାହାକି ସାଂପ୍ରତିକ ସମୟର ଗାଁ ଓ ସହରକୁ ସୂଚିତ କରେ ।

ଗାଳ୍ପିକ ଦେବାଶିଷ ସାମନ୍ତରାୟଙ୍କ 'ସତ ମୁହଁ'(୨୦୧୩) ଗଳ୍ପ ସଙ୍କଳନସ୍ଥ 'ରୂପାନ୍ତର' ଗଳ୍ପଟିକୁ ଲକ୍ଷ୍ୟକଲେ ଜଣାଯାଏ ଯେ; ଏକ ସ୍ୱତନ୍ତ୍ର ବିଷୟବସ୍ତୁ ମଧ୍ୟରେ ତାହା ପାଠକକୁ ଆକୃଷ୍ଟ କରିବ । ଏକ କିନ୍ନର ଜୀବନର ପ୍ରତିବନ୍ଧକ, ବାଧା ବିଘ୍ନକୁ ଗାଳ୍ପିକ ସାମନ୍ତରାୟ ଦର୍ଶାଇଛନ୍ତି । ଭିନ୍ନ ଏକ ଚରିତ୍ରକୁ ଚୟନ କରି କଥା କଳ୍ପନା କରିବା ଯଦିଓ ଏହାର ବୈଶିଷ୍ଟ୍ୟ ତଥାପି ଚରିତ୍ରଗତ ପରିବେଶ ବର୍ଣ୍ଣନାବେଳେ ଗାଁର ଚିତ୍ରଟି ଅନୁମେୟ ହୁଏ । ପୁନଶ୍ଚ 'ବୃତ୍ତି' ଗଳ୍ପରେଗାଁରେ ପ୍ରଚଳିତ ଜାତି ଭେଦର ବିଷୟ ସ୍ଥାନ ପାଇଛି । ଗାଳ୍ପିକ ଅରବିନ୍ଦ ରାୟଙ୍କ 'ଗାୟକ'(୨୦୧୫) ଗଳ୍ପରେ ପ୍ରଥମେ ଅବକ୍ଷୟମାନ ସଂସ୍କୃତିର ପ୍ରସଙ୍ଗକୁ ଗାଳ୍ପିକ

ଦେଖାଇଥିବା ବେଳେ ଦ୍ୱିତୀୟରେ ଗାଁରେ ପ୍ରଚଳିତ ରାଜନୀତିର ଦୃଶ୍ୟକୁ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ସରକାରଙ୍କ କଳାକାର ଭତ୍ତାରେ ରତ୍ନାକର ନିଜର ପିତାଙ୍କ ନାମଟିକୁ ସ୍ଥାନିତ କରିବାପାଇଁ ସେ ମାଧ୍ୟମ କରିଛି ଗାଁର କୁଜିନେତା ଖତୁ ମହାଳିକୁ । ବୟସାଧିକ ହେତୁ ଅଲୋଡ଼ା ପାଲଟୁଥିବା ବାପା ରତ୍ନାକର ପାଇଁ ବାପା ପାଲଟିଛି ଏକ ଅମୂଲ ଚିଜ । କଳାକାରର ମହତ୍ୱ ବୁଝୁ କି ନବୁଝୁ କଳାକାର ଭତ୍ତା କାଙ୍ଗାଳି ମହାପାତ୍ରର ପୁତ୍ର ଓ ପୁତ୍ରବଧୂକୁ ଅଧିକ କିମିଆ କରିଛି । ସମାଜରେ ଧିରେ ଧିରେ ପାଲା ସଂସ୍କୃତିର ନିଷ୍ପ୍ରଭପଣ କିପରି ଜଣା ପଡୁଛି ଏବଂ ଗାଁର ରାଜନୀତି କିପରି ଲୋକଙ୍କୁ ଆକର୍ଷିତ କରୁଛି ତାହାର ଚିତ୍ର ରତ୍ନାକର ଚରିତ୍ରକୁ ଲକ୍ଷ୍ୟକଲେ ଜଣାଯାଏ । ଏହି ପ୍ରସଙ୍ଗରେ ରତ୍ନାକର ନାୟକଙ୍କ ରତ୍ନାକର ନାୟକଙ୍କ 'ଶେଷ ଇଚ୍ଛା'(୨୦୧୮) ଗଳ୍ପ ସଂକଳନସ୍ଥ 'ଛତା' ଗଳ୍ପଟିକୁ ବିଚାର କରାଯାଇପାରେ । ନିର୍ବାଚନ ସମୟରେ ରାଜନେତାଙ୍କ ପ୍ରତିଶ୍ରୁତି କିପରି ଉଭାନ ହୋଇଯାଇଛି ତାହା ସଙ୍କେତ ଛତା ମାଧ୍ୟମରେ ହିଁ ଦୃଶ୍ୟାୟିତ ହୋଇଛି । ଗାଁର ସାହୁବୁଢ଼ାକୁ ଛତାଟିଏ ଦେଇ ଛତା ଚିହ୍ନରେ ଭୋଟ ଦେବାକୁ କୁହାଯାଇଛି । ସେ ପ୍ରତିଶ୍ରୁତୁବଦ୍ଧ ହୋଇ ଛତାଚିହ୍ନରେ ଭୋଟଦେଇଛି । ଭୋଟଦାନ କେନ୍ଦ୍ରରୁ ଅସିବାପରେ ଦେଖେ ତ ଛତାଟି ନାହିଁ । ପ୍ରକୃତରେ ଗାଳ୍ପିକ ଏହାରି ମାଧ୍ୟମରେ ଗାଁ ପ୍ରତି ତଥା ସାଧାରଣ ଜନତାଙ୍କ ପ୍ରତି ରାଜନେତାଙ୍କ ପ୍ରତିଶ୍ରୁତି ଠିକ୍ ସପ୍ନ ଦର୍ଶନ ସଦୃଶ ବୋଲି ସୂଚିତ କରିଛନ୍ତି । ପୁନଶ୍ଚ 'ଭୋଟ' ଗଳ୍ପରେ ଦେଖିଲେ ନିର୍ବାଚନ ପୂର୍ବ ରାତିରେ ବିଡ଼ୀକୁ ଦୁଇଟି ରାଜନୀତି ଦଳ ଓଟ ଓ ଘୋଡ଼ା ଚିହ୍ନ ଥିବା ଦିଆସିଲ ଦୁଇଟି ମଧ୍ୟରେ ପଚାଶଟଙ୍କା ଲେଖାଏ ପୁରାଇ ଓଟ ଓ ଘୋଡ଼ା ଚିହ୍ନରେ ଭୋଟ ଦେବାକୁ କହିଯାଇଛନ୍ତି । ପରଦିନ ସକାଳେ ବୁଢ଼ୀ ତାହା ହିଁ କଲା । ଉଭୟ ଓଟ ଓ ଘୋଡ଼ା ଦୁଇଟି ଚିହ୍ନରେ ଦୁଇଟି ମୋହର ମାରିଲା । ଏଠାରେ ହାସ୍ୟ ରସର ଅବତାରଣା ସହ ରାଜନୀତି ଦଳଙ୍କ ପ୍ରଭାବ ଏବଂ ଗ୍ରାମ୍ୟ ରାଜନୀତିର ପରିବେଶଟିକୁ ଦେଖାଯାଉଥିବାବେଳେ ପ୍ରକୃତରେ ଏକ ଗ୍ରାମ୍ୟ ପାଣି ପବନରେ ଗଢ଼ା ହୋଇଥିବା ବୁଢ଼ୀ ଚରିତ୍ରଟି କେତେ ଯେ ସରଳ ଓ ନୀରିହ ତାହାକୁ ଗାଳ୍ପିକ ଦର୍ଶାଇଛନ୍ତି । କୃଷ୍ଣକୁମାର ମହାନ୍ତିଙ୍କ 'ଶ୍ୟାମଳୀ ଦାସ' (୨୦୧୬) ମଧ୍ୟସ୍ଥ 'ସତୀ' ଗଳ୍ପଟିକୁ ଲକ୍ଷ୍ୟକଲେ ଗାଁର ଚିତ୍ରକୁ ସହଜରେ ଅନୁମାନ କରିହେବ । ନ୍ୟୁଜ୍ ରିପୋଟର୍ ମହାଦେବ ବାବୁ ପ୍ରଥମେ ଏକ ସମ୍ବାଦକୁ ପଢ଼ି ହତବାକ୍ ହୋଇଛନ୍ତି । ଘଟଣାଟି ଘଟିଛି ମିର୍ଜାପୁର, ବାଲେଶ୍ୱର ଅଂଚଳର । ଅତୀତକୁ ଫେରିଛନ୍ତି ଫ୍ଲାସ୍‌ବେକ୍ ଶୈଳୀରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି ନିପଟ ଗାଁର ଏକ ଦୁର୍ଭାଗ୍ୟଜନିତ ଦୁଃଖ । ବିଧବା ସତୀ ନିଜ ଶ୍ୱଶୁରକୁ ବଂଚାଇ ରଖିବାକୁ ନିଜ ସ୍ୱାମୀ ବଂଚିଥିବାର ଅଭିନୟ କରୁଛି । ତାରି ଭିତରେ ସ୍ୱାମୀ ଓ ପରିବାର ପ୍ରତି ତାର କର୍ତ୍ତବ୍ୟବୋଧ ଓ ସ୍ନେହ ସଂପର୍କକୁ ପାଠକଟିଏ ଅନୁଭବ କରିପାରିବ । ପୁନଶ୍ଚ ଗାଳ୍ପିକା ସୁନଗ୍ମା ମହାନ୍ତିଙ୍କ 'ନାଲିଚୁଡ଼ା'(୨୦୧୭) ଗଳ୍ପ ସଂକଳନକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଆଧୁନିକ ଜୀବନ ଚଳଣି ଭିତରେ କିପରି ଗ୍ରାମ୍ୟ ଜୀବନର ଅନ୍ଧ ବିଶ୍ୱାସ, ଖାଦ୍ୟପେୟକୁ ଗଳ୍ପ 'ଚକୁଳି' ଓ 'ଡାହାଣି' ଦୁଇଟି ଗଳ୍ପରେ ସ୍ଥାନିତ କରିଛନ୍ତି । ଗଳ୍ପଗୁଡ଼ିକ କ୍ଷଣିକ ହେଲେ ମଧ୍ୟ ଏହାର ଆବେଦନ ଖୁବ୍ ଅଧିକ ।

ଗଳ୍ପ କ୍ଷେତ୍ରରେ ଗାଁ ହେଉଛି ଏକ ପ୍ରକୃଷ୍ଟ ବିଷୟବସ୍ତୁ । ଯାହାକୁ କେନ୍ଦ୍ରକରି ଓଡ଼ିଆ ଗଳ୍ପ ସାମ୍ରାଜ୍ୟର କେତେ କେତେ ଗଳ୍ପ ସ୍ରଷ୍ଟା ଗାଁର ଭିନ୍ନ ଭିନ୍ନ ଦିଗକୁ ଲକ୍ଷ୍ୟକରି ଅନେକ ଗଳ୍ପ ପାଠକଗୋଷ୍ଠୀଙ୍କୁ ଭେଟି ଦେଇଛନ୍ତି । ଏକବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ ସାହିତ୍ୟ ବିବିଧ ବିଷୟବସ୍ତୁକୁ କନ୍ଦ୍ରେକରି ଗଳ୍ପମାନ ଦୃଷ୍ଟିଗୋଚର ହେଉଥିଲେ ହେଁ ବିଶେଷକରି ବଦଳୁଥିବା ସମାଜର ପୃଷ୍ଠଭୂମିରେ ଗାଁର ପରିବର୍ତ୍ତିତ ଦୃଶ୍ୟରାଜିକୁ ଉପସ୍ଥାପନ କରାଯାଉଛି । ସହରୀକରଣର ପ୍ରଭାବ, ଆଧୁନିକ ଜୀବନଶୈଳୀ, ପାରମ୍ପରିକ ଗାଁର ହ୍ରାସ ହେଉଥିବା ମୂଲ୍ୟବୋଧ, ପରିବେଶର ପରିବର୍ତ୍ତନ ଆଦି ଗ୍ରାମ୍ୟ କୈନ୍ଦ୍ରୀକ ଗଳ୍ପଗୁଡ଼ିକରେ ମୁଖ୍ୟ ପ୍ରସଙ୍ଗ ପାଲଟୁଛି । ଜଗତୀକରଣ ହେଉଛି ଏକ ପରିବର୍ତ୍ତନର ଆହ୍ୱାନ । ଜଗତୀକରଣର ଆଗମନ ହେତୁ ଯେଉଁଭଳି ଭାବରେ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଆସିଛି , ଯେଉଁଭଳି ଭାବରେ ବିକାଶର ବାର୍ତ୍ତା ଦେଇଛି ତାହା ସିଧାସଳଖ ଗାଁ ପରିବେଶକୁ ପ୍ରଭାବିତ କରିଛି । ଗାଁର ବିକାଶ, ପରମ୍ପରା, ସଂସ୍କୃତି, ଚରିତ୍ର ଇତ୍ୟାଦି ଏହି ପ୍ରସଙ୍ଗରେ ଓଡ଼ିଆ ଗଳ୍ପ ସ୍ରଷ୍ଟାଙ୍କ ଲେଖନୀରେ ପ୍ରତିଭାତିତ ହେଉଛନ୍ତି । ଆଧୁନିକ ତରୁଣ ପିଢ଼ିର ଓଡ଼ିଆ ଗାଳ୍ପିକଙ୍କ କ୍ଷେତ୍ରରେ ଏହାର ପ୍ରଭାବବୁ ମଧ୍ୟ ଲକ୍ଷ୍ୟ କରାଯାଏ । ଯେମିତି କି , ଚିତ୍ତରଂଜନ ରାଉତଙ୍କ 'ଦୂର ପୃଥିବିର ଆଶା', 'ପରିବର୍ତ୍ତିତ ପରିବେଶ ଉପରେ ଗୋଟେ ଡିବେଟ୍' 'କାଳିଆ କଂଚିଆ', ସୁଧୀର କୁମାର ଧାଙ୍ଗଡ଼ାମାଝୀଙ୍କ 'ଖଙ୍ଗାର' ବିଶ୍ୱନାଥ ସାହୁଙ୍କ 'ମୂର୍ତ୍ତିକାର', 'ବାବାଙ୍କ ରହସ୍ୟ', ଦୟାନିଧି ପରିଡ଼ାଙ୍କ 'ଜୀବନ ମୋଡ଼ରେ ସ୍ୱାଗତ', ଶାନ୍ତନୁ କୁମାର ନାୟକଙ୍କ 'ଅଶରୀରୀ' ଡିଲେଶ୍ୱର ରଣାଙ୍କ ଗଳ୍ପ 'ଯେଉଁଠି ଦିନେ ସୁଦ୍ଧୁ ସିକୋକାର ଗାଁ ଥିଲା' ଇତ୍ୟାଦି ଗୁଡ଼ିକରେ ମଧ୍ୟ ଗାଁର ସ୍ୱରୂପକୁ ଉପଲବ୍ଧି କରିହୁଏ ।

ପରିଶେଷରେ ଏତିକି କୁହାଯାଇପାରେ ଯେ; ଗଳ୍ପ ଏବଂ ଗାଁ ଉଭୟ ସର୍ବଦା ଜଡ଼ିତ । ଗାଳ୍ପିକର ଭାବ ଜଗତକୁ ଏମିତି ଭାବବିହ୍ୱଳିତ କରୁଥିବା ଏବଂ ଗାଳ୍ପିକଗଣ ଏମିତି ଗାଁର ସ୍ୱରୂପକୁ ନିଜସ୍ୱ ପ୍ରତିଭା କଷଟିରେ ପ୍ରମାଣିତ କରୁଥିବେ ପାଠକଙ୍କ ସମ୍ମୁଖରେ । ଏକବିଂଶ ଶତାବ୍ଦୀ ଓଡ଼ିଆ ଗଳ୍ପ ଉଭୟ ବିଷୟବସ୍ତୁ ଏବଂ ଗଠନ ଶିଳ୍ପ କ୍ଷେତ୍ରର ଏକ ନୂତନତା ଆଣିଦେଉଛି, ଏକ ନବ ସମ୍ଭାବନାର ଆଭାସକୁ ଚିହ୍ନିତ କରୁଛି ଏଥିରେ ସନ୍ଦେହ ନାହିଁ ।

**ଅଧ୍ୟାପକ**
**କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା,**
**୭୬୬୦୦୧**

ISSN -2583-147X(P), Vol.- 8, Issue No. III, JUNE 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଓଡ଼ିଆ ଭାଷା-ସାହିତ୍ୟ ପ୍ରସାରଣ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଭୂମିକା

– ସଂଘମିତ୍ରା ବେହେରା

ପ୍ରଯୁକ୍ତିବିଦ୍ୟା ହେଉଛି ବୈଷୟିକ ଜ୍ଞାନ କୌଶଳ । ପ୍ରଯୁକ୍ତିବିଦ୍ୟାର ଗଠନ କଳାକୁ ଦେଖାଗଲେ ବର୍ତ୍ତମାନ ଏହା ୩ଟି ସ୍ତର ଦେଇ ଅଗ୍ରଗତି କରୁଛି । Hardware (ହାର୍ଡୱେୟାର ନିର୍ମାତା), Software (ସ'ଫ୍ଟୱେୟାର ନିର୍ମାଣକ), User (ବ୍ୟବହାରକାରୀ) ବର୍ତ୍ତମାନ ଉପର ଦୁଇଟି ନିର୍ମାଣକ । ହାର୍ଡ୍‌ୱେୟାର ଯାନ୍ତ୍ରିକ ନିର୍ମାଣକର୍ତ୍ତା । ସଫ୍ଟୱେୟାର ତାକୁ କିଭଳି ଜନସମାଜରେ ପ୍ରସାର କରିବ ଅନୁଧ୍ୟାନ କରେ ଏବଂ ତୃତୀୟସ୍ତରରେ ଆମ୍ଭେ ଏହାକୁ କିଭଳି ପ୍ରୟୋଗ କରୁ ଦେଖିବାର କଥା ।

ଓଡ଼ିଆ ଭାଷା ସାହିତ୍ୟ ମୁକ୍ତ ନବଜାଗରଣ କାଳରୁ ଏହାର ବ୍ୟବହାର କାଳାନୁକ୍ରମିକ ବିକାଶ ଓ ପରିବର୍ଦ୍ଧିତ ରୂପ ନେଇ ସମାଜରେ ପ୍ରୟୋଗ ହୋଇଆସୁଅଛି । ବିଜ୍ଞାନ କ୍ଷେତ୍ରରେ ହେଉ ବା ଭାଷା ସାହିତ୍ୟ କ୍ଷେତ୍ରରେ ହେଉ ଭାରତ ସ୍ୱାଧୀନତା ପରେପରେ ଏହାର ଗତି ବି ଦ୍ରୁତ ବେଗରେ ବଢ଼ିଚାଲିଛି । ପ୍ରଯୁକ୍ତିବିଦ୍ୟାର ପ୍ରୟୋଗକୁ ଆଧାର କରି ଓଡ଼ିଶାରେ ଏହାର ସ୍ଥିତିକୁ ୩ଭାଗରେ ପର୍ଯ୍ୟବେକ୍ଷଣ କରାଯାଇପାରେ, ଯେପରି –

କ) ସ୍ୱାଧୀନତା ପୂର୍ବବର୍ତ୍ତୀ (୧୮୬୬-୧୯୪୭)

ଖ) ସ୍ୱାଧୀନତା ପରବର୍ତ୍ତୀ (୧୯୪୮-୧୯୮୦)

(୧୯୮୦ରୁ ଅଦ୍ୟାବଧି)

ସ୍ୱାଧୀନତା ପୂର୍ବବର୍ତ୍ତୀରେ ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ସମାଜର ପରିବର୍ତ୍ତନ ଦେଖିପାରିବା । 'ମାଗୁଣିର ଶଗଡ଼'ଗଳ୍ପକୁ ଥରେ ଫେରିଗଲେ ପାଇବା ଷ୍ଟେସନରୁ ଗଡ଼କୁ ସିଂହଙ୍କ ବାସ୍ ଚାଲିଲା । କିନ୍ତୁ ବାସ୍ ପୂର୍ଣ୍ଣ, ଶଗଡ଼ଖାଲି । ଅର୍ଥାତ୍ ଆମେ ଆମର ସାମାଜିକ ଜୀବନରେ ପ୍ରଯୁକ୍ତିବିଦ୍ୟାକୁ ଓତଃପ୍ରୋତ ଭାବେ ସଂପୃକ୍ତ କରିଦେଲୁ । ଖୁବ କମ୍ ସମୟରେ ଆମେ କାର୍ଯ୍ୟକ୍ଷମ ହେବାକୁ ତତ୍ପର ହୋଇଉଠିଲୁ । 'ଗୋପୀସାହୁର ଦୋକାନ' ଗଳ୍ପରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳେ । ଭାଷାସାହିତ୍ୟରେ ଯନ୍ତ୍ର ସଭ୍ୟତାର ଏହି କଥା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାର ବ୍ୟାବହାରିକ ଦିଗ ସମ୍ପର୍କରେ ଜଣାଯାଏ ।

ଏଭଳି କହିବା ଅର୍ଥ ପ୍ରଯୁକ୍ତିବିଦ୍ୟା ହେଉଛି 'ନବୀକରଣ ଜ୍ଞାନ କୌଶଳ' । ଆମେ ଯେତିକି ନବୀକରଣ ନିଜକୁ କରୁ ସେତିକି ସଭ୍ୟ ହେଉ । ଏ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଜୀବନ ଶୈଳୀକୁ ବି ସେତିକି ତ୍ୱରାନ୍ୱିତ କରେ ।

ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ପତ୍ରପତ୍ରିକାଠାରୁ ଆରମ୍ଭ କରି ପୋଥିଗଦା, ପୁରୁଣା ପୁସ୍ତକାଦିର ଉଦ୍ଧାର ପର୍ଯ୍ୟନ୍ତ ପ୍ରଯୁକ୍ତିବିଦ୍ୟାର ଭୂମିକା ରହିଛି । ବର୍ତ୍ତମାନ ଏହି ଶ୍ରେଣୀର କାର୍ଯ୍ୟଗୁଡ଼ିକ ପୂର୍ବରେ 'ଇ' (E) ଯୋଗ କରି ଶବ୍ଦମାନ ପରିପ୍ରକାଶ ହେଲାଣି । ଆଗରୁ କେବଳ ଚିଠିପତ୍ର ଥିଲା । କମ୍ପ୍ୟୁଟରୀକରଣ ପରେପରେ ତାହାହେଲା ଇ-ମେଲ୍ (E-mail), ଇ-ମାଗାଜିନ୍ ଇ-ପତ୍ରିକା, ଇ-ଖବର, ଇ-ପାଠାଗାର, ଇ-ବୁକ୍ ଇତ୍ୟାଦି । ଏହି 'ଇ' ବା ଇଲେକ୍ଟ୍ରୋନିକ୍ର ପ୍ରୟୋଗ ଫଳରେ ବ୍ୟୟସାପେକ୍ଷ ସମୟ ଓ ଅର୍ଥବହୁଳତାରୁ ବ୍ୟକ୍ତି ମୁକ୍ତି ପାଇଛି । ପୁନଶ୍ଚ ଏହାର ପ୍ରସାର ପ୍ରାଚୀନ ଅପେକ୍ଷା ସହଜ ଓ ସରଳ ହୋଇଛି । ଖୁବ୍ କମ୍ ସମୟରେ ଅନେକଙ୍କ ପାଖରେ ପହଂଚିପାରୁଛି । ତେଣୁ ବିତରକ ନଥିଲେ ବି ଶହଶହ କୋଶ ଦେଶ ବିଦେଶରେ ଖୁବ୍ କମ୍ ସମୟରେ ଯେ କୌଣସି ପ୍ରସଙ୍ଗ ଓ ତଥ୍ୟ ପହଂଚିଯାଉଛି ।

ବର୍ତ୍ତମାନ ଓଡ଼ିଆ ପତ୍ରପତ୍ରିକାରେ ପ୍ରଯୁକ୍ତିବିଦ୍ୟାର ପ୍ରାୟୋଗିକ ଦିଗ ସମ୍ପର୍କରେ ଆଲୋଚନା କରାଯାଇପାରେ । ମୁଦ୍ରିତ ପ୍ରଥମ ଓଡ଼ିଆ ପତ୍ରିକା ଭାବେ 'ଉତ୍କଳ ଦୀପିକା' ୦୪-୦୮-୧୮୬୬ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରୁ ପ୍ରକାଶ ପାଇଥିଲା । କିନ୍ତୁ କମ୍ପାନୀଟି ୧୮୬୪ ମସିହାରେ କର୍ମଯୋଗୀ ଗୌରୀଶଙ୍କର ରାୟଙ୍କଦ୍ୱାରା କଟକ ଦରଘାବଜାରରେ ପ୍ରତିଷ୍ଠା ହୋଇଥିଲା । ପ୍ରଥମ ଥର ପାଇଁ ୧୮୬୫ ମସିହାରେ ପୁରୀରୁ ଏକ ଛାପାକଳ କିଣାଯାଇ ଲିଥୋଗ୍ରାଫରେ ଛାପାକାର୍ଯ୍ୟ ଆରମ୍ଭ ହୋଇଥିଲା । ପରେପରେ ଛାପିବା ପାଇଁ ସୀସା ଅକ୍ଷର ସଂଗୃହୀତ ହୋଇଥିଲା । ଏଭଳି ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ଯଦିଓ କଷ୍ଟସାଧ୍ୟ ଥିଲା, କିନ୍ତୁ ପତ୍ରିକାର ଆଗମନ ଓଡ଼ିଶାକୁ ନୂତନ ଦିଗ ଦେଖାଇଥିଲା । ଲୋକମାନଙ୍କ ନିକଟରେ ଭାଷା ସାହିତ୍ୟକୁ ପହଂଚାଇବା ସହ ତତ୍କାଳୀନ ଶିକ୍ଷା, ରାଜନୀତି, କଳା ଓ ସଂସ୍କୃତି ପ୍ରଭୃତି ସମ୍ପର୍କରେ ଜନତାଙ୍କ ନିକଟରେ ପହଂଚାଇ ଜନମତ ସୃଷ୍ଟି କରିବାରେ ଏକ କୌତୁହଳପ୍ରଦ ଆଦ୍ୟ ଉଦ୍ୟମ ବହନ କରିଥିଲା । ଏହା ପରେପରେ ଓଡ଼ିଆ ପତ୍ରପତ୍ରିକା ଆଉ ପଛଘୁଂଚା ହୋଇରହିନାହିଁ । ଏହି ଅନୁରୂପ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ବାଲେଶ୍ୱରରେ ପ୍ରେସ୍ କୋମ୍ପାନି ସ୍ଥାପନ ନିମନ୍ତେ ଫକୀରମୋହନ ସେନାପତିଙ୍କ ଉଦ୍ୟମ ସମ୍ପର୍କରେ 'ଆତ୍ମଚରିତ ଫକୀରମୋହନ ସେନାପତି'ରୁ ଜଣାଯାଏ । ରୁଲ,

**mould** ବା ଛାଂଚ ଉପରେ କାଳି ଲଗାଇ କିଭଳି ଲେଖାଯାଇଥିଲା, ତାହା ଜାଣିବା ଅତ୍ୟନ୍ତ କଷ୍ଟସାଧ୍ୟ । କଲିକତା ମେଦିନୀପୁରରୁ ଛାପାକଳମାନ ଆଣି ମୁଦ୍ରଣ ନିମନ୍ତେ ଯେଉଁ ପ୍ରୟାସ ଓ ସେଥିରୁ ପତ୍ରିକାର ପ୍ରକାଶ ଯେତିକି କୌତୁହଳପ୍ରଦ ଓ ଜଟିଳ ସେତିକି ପ୍ରସାରଯୁକ୍ତ । ଶେଷରେ ବାଲେଶ୍ୱରର ଭରତକର ସାହିରୁ ପିତ୍ତଳରମୋଲଡ ଆଣି ଢଳାଯିବା ପରେ ଛାପା କାର୍ଯ୍ୟ କିଭଳି ସଫଳ ହୋଇଥିଲା ତାହା ଜଣାଯାଏ । ବସ୍ତୁଟିର ଉତ୍ପତ୍ତି ଯାହା ହେଉ ଏହି ଛାପାମାନଙ୍କରୁ ପତ୍ରିକାର ଉନ୍ମେଷକୁ ଆମେ ସ୍ୱାଗତଯୋଗ୍ୟ କରୁ । କିନ୍ତୁ ଫକୀରମୋହନଙ୍କ ମତରେ, "ଅନୁମାନ କୋଡ଼ିଏ ପଚିଶ ଜଣ ମାତ୍ର ତାହା ପଢୁଥିଲେ କି ନାହିଁ ସନ୍ଦେହ । ଯାହା ହେଉ ଛାପାକାର୍ଯ୍ୟ ସୁନ୍ଦର ରୂପେ ଚଳୁଥାଏ ।" ଏହା ହିଁ ଥିଲା ଊନବିଂଶ ଶତାବ୍ଦୀରେ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଯାହା ଯାହା ଛାପାକାର୍ଯ୍ୟରେ ଦେଖିବାକୁ ମିଳିଥିଲା । ଯାନ୍ତ୍ରିକ ଉତ୍ପତ୍ତି ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଲିପି କ୍ଷେତ୍ରରେ ମଧ୍ୟ ନବୀନତା ଆଣିଥିଲା । ଶବ୍ଦକ୍ଷେତ୍ରରେ ଅନୁସ୍ୱାର (ଂ)ର ପ୍ରୟୋଗ ଯଥା:- କେଉଂ, ଯୋଉଂ ଇତ୍ୟାଦି । ଯେଉଁଠାରେ ଗୋଟିଏ ଶବ୍ଦ ୨ଥର ଆସିବ ସେଠାରେ ଥରେ ଲେଖି ୨ ଲେଖାଗଲା । ଯେପରି ଧୀରେ ୨ ଅର୍ଥାତ୍ ଧୀରେଧୀରେ, କେବେ୨ଅର୍ଥାତ୍ କେବେକେବେ ଇତ୍ୟାଦି । ପ୍ରଯୁକ୍ତିବିଦ୍ୟାର ଉନ୍ମେଷ ଏ ସମସ୍ତ ପଦ୍ଧତିକୁ ନବୀକରଣ କରିବା ସହ ଖୁବ୍‌କମ୍ ସମୟରେ ଗଣମାଧ୍ୟମକୁ ପ୍ରଚାରିତ ଓ ପ୍ରସାରିତ କରିଥିଲା ।

ବିଂଶ ଶତାବ୍ଦୀବେଳକୁ ପ୍ରଯୁକ୍ତିବିଦ୍ୟାର ରୂପରେଖ ବଦଳି ସାରିଥିଲା । ଯାହାକୁ ନେଇ ନୂଆନୂଆ କଳେବରରେ ଯାନ୍ତ୍ରିକରେ ପ୍ରକାଶ ଘଟିଛି ପ୍ରଜାତନ୍ତ୍ର ପ୍ରେସ୍, ସମାଜ ପ୍ରେସ୍, ସମ୍ବାଦ ପ୍ରେସ୍, ଧରିତ୍ରୀ ପ୍ରେସ୍, ମାତୃଭୂମି ପ୍ରେସ୍ ଇତ୍ୟାଦି । ଏଥିରୁ ଖବରକାଗଜ, ପତ୍ରିକା ଓ ପୁସ୍ତକମାନ ପ୍ରକାଶ ପାଉଥିଲା । ଏଠାରେ ପ୍ରଜାତନ୍ତ୍ର ଓ ସମାଜ ପ୍ରେସ୍‌ର ସ୍ୱାଧୀନତା ପରବର୍ତ୍ତୀର ରୂପରେଖ ସମ୍ପର୍କରେ ଆଲୋଚନା କରିବା । ପ୍ରଜାତନ୍ତ୍ରର ଜନ୍ମ ୧୯୨୮ କଟକର ସ୍ୱରାଜ ଆଶ୍ରମରୁ ହୋଇ ପୁଣି ବାଲେଶ୍ୱରରେ ଆତ୍ମପ୍ରକାଶ କରିଥିଲା । ବାରମ୍ବାର ତତ୍କାଳୀନ ସରକାରଙ୍କ କୋପ ଦୃଷ୍ଟିରେ ୧୯୩୦ ଓ ୩୨ରେ ବନ୍ଦ ହେବା ପରେ ୧୯୪୭ ବେଳକୁ କଟକରେ ଦାଶରଥି ପ୍ରେସ୍‌ରୁ ପ୍ରକାଶ ପାଇଲା । ସେତେବେଳେ ପ୍ରଜାତନ୍ତ୍ରର ନବରୂପ ସମ୍ପର୍କରେ ୧୯୭୨ ରଜତଜୟନ୍ତୀ ପୃଷ୍ଠାରେ ଶ୍ରୀ ଉପେନ୍ଦ୍ରନାଥ ପଣ୍ଡା ଲେଖିଛନ୍ତି- "ବିଶାଳକାୟ ମୁଦ୍ରାଯନ୍ତ୍ରରେ ଏହା ହଜାରହଜାର ସଂଖ୍ୟାରେ ଆତ୍ମପ୍ରକାଶ କରୁଛି । ସୁଯୋଗ୍ୟସଂପାଦନାରେ କାଗଜଟି ସୁନ୍ଦର ହୋଇଛି ।" ୧୯୭୨ବେଳକୁ ଏଥିରେ ମନୋଟାଇପ୍ କଂପୋଜ ପ୍ରବର୍ତ୍ତନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଥିଲା । ସେହିପରି ସମାଜ ସତ୍ୟବାଦୀ ପ୍ରେସ୍‌ର ଜନ୍ମ ଯଦିଓ ସ୍ୱାଧୀନତା ପୂର୍ବରୁ ହୋଇଥିଲା ପରେପରେ ଏହାର ପ୍ରିଣ୍ଟିଂ ବ୍ୟବସ୍ଥାରେ ନୂତନତା ପରିଲକ୍ଷିତ ହୁଏ । ୧୯୫୬ ମସିହା ଜୁଲାଇ ମାସରେ ଏହା ବକ୍ସିବଜାର ନିକଟରୁ ନିଜସ୍ୱ ପ୍ରେସ୍‌ରୁ ପ୍ରକାଶପାଇଲା । ସମୟାନୁକ୍ରମେ ମୁଦ୍ରଣଜନିତ ଜ୍ଞାନକୌଶଳ ପରିବର୍ତ୍ତନ ଓ ପରିମାର୍ଜିତ ହେବାଦ୍ୱାରା 'ସମାଜ ପ୍ରେସ୍'ରେ ମଧ୍ୟ ଅନୁରୂପ ଯାନ୍ତ୍ରିକ ବିକାଶ ଘଟିଲା । ୧୯୬୫ରେ ରୋଟାରୀ ମେସିନ୍ ପ୍ରତିଷ୍ଠା, ୧୯୬୯ରେ ଓଡ଼ିଆ ଅକ୍ଷର ପ୍ରତିଷ୍ଠା ଆଦିର ବିକାଶ ଘଟିଲା । କ୍ରମେକ୍ରମେ ଏହାର ମୁଦ୍ରଣ ବ୍ୟବସ୍ଥାରେ ଆଧୁନିକୀକରଣ ଘଟିଛି । ଅତ୍ୟାଧୁନିକ ରଙ୍ଗିନ ମେସିନ୍, ଫଟୋ, ଟାଇପ୍‌ବ୍ୟବସ୍ଥା, ଆଂଚଳିକ ସଂସ୍କରଣ, ଇଣ୍ଟରନେଟ୍‌ସେବା, ଇ-ସଂସ୍କରଣ, ଇତ୍ୟାଦି ସଂଯୋଜିତ ହୋଇଛି । ୧୯୬୯ ମସିହା ଅକ୍ଟୋବରରେ ସମାଜର ୫୦ବର୍ଷ ପୂର୍ତ୍ତିରେ ଆଧୁନିକ ରୋଟାରୀ ପ୍ରେସ୍ ସ୍ଥାପନା କରି ମନୋଟାଇପ୍‌ମେସିନ୍‌ରେ ପ୍ରଥମ ଛାପା ପ୍ରକାଶକରାଗଲା । ସମାଜ, ସତ୍ୟବାଦୀ ପ୍ରେସ୍‌ର ମୁଦ୍ରଣ ଯନ୍ତ୍ରର ଏକ କ୍ରମାନୁକ୍ରମିକ ବିକାଶ ଏଠାରେ ଦର୍ଶାଯାଇପାରେ-

ହସ୍ତଚାଳିତଛାପାଖାନାର ମୁଦ୍ରଣ- ୧୯୧୯-୧୯୨୮

ଫ୍ଲାଟ୍‌ବେଡ୍‌ମେସିନ୍ ପ୍ରତିଷ୍ଠା- ୧୯୨୯-୧୯୫୯

ଫ୍ଲାଟ୍‌ବେଡ୍‌ରୋଟାରୀ (ମନୋଟାଇପ୍ କମ୍ପୋଜ୍) -୧୯୬୫-୧୯୯୨

ଅ'ସେଟ୍ ରୋଟାରୀ (କମ୍ପ୍ୟୁଟରୀକୃତଲେଜର ଟାଇପ୍ ସେଟିଂ)- ୧୯୯୨ରୁ ଅଦ୍ୟାବଧି

ଡିଟିପି ବ୍ୟବସ୍ଥା – ୧୯୯୮

ଏହିପରି ବିଂଶ ଶତାବ୍ଦୀରେ ମୁଦ୍ରଣ ସହିତ ଅକ୍ଷରର ପରିବର୍ତ୍ତିତ ଟାଇପ୍ ବ୍ୟବସ୍ଥା ସମ୍ପର୍କରେ ଜଣାଯାଏ ।

**ମୁଦ୍ରଣଯନ୍ତ୍ର ତଥା ଛାପାକଳର ବିକାଶ :-**

୧-ଊନବିଂଶ ଶତାବ୍ଦୀ- କ) ହସ୍ତଚାଳିତ ଛାପାଯନ୍ତ୍ର

୨-ବିଂଶ ଶତାବ୍ଦୀ – (କ) ଟ୍ରେଡ଼ଲ ମେସିନ୍ (ଖ) ଫ୍ଲାଟବେଡ୍ ମେସିନ୍ (ଗ) ଅର୍ଦ୍ଧ ଫ୍ଲାଟବେଡ୍ ମେସିନ୍

(କ) ଟ୍ରେଡ଼ଲ ମେସିନ୍ – ଏଥିରେ ଯନ୍ତ୍ରକୁ ପାଦରେ ଚଳାଯାଉଥିଲା । ଏବଂ ଡାହାଣ ହାତରେ କାଗଜ ଭର୍ତ୍ତି କରାଯାଇ ବାମ ହାତରେ ବାହାର କରାଯାଉଥିଲା । ଏହାକୁ ପାଦଚାଳିତ ମେସିନ୍ ମଧ୍ୟ କୁହାଯାଉଥିଲା ।

(ଖ) ଫ୍ଲାଟବେଡ୍ ମେସିନ୍ – (flatbed machine)

ଦୁଇଜଣ ଲୋକ ଦୁଇପାର୍ଶ୍ୱରେ ରହି ଛାପାକଳର ଚକକୁ ବୁଲାଉଥିଲେ । ତୃତୀୟଜଣକ କାଗଜ ଖଞ୍ଜୁଥିଲେ ଏବଂ ଚତୁର୍ଥଜଣକ କାଗଜକୁ ବାହାର କରୁଥିଲେ । ପରବର୍ତ୍ତୀ ସମୟରେ ଟ୍ରେଡ଼ଲ ମେସିନ୍ ଓ ଫ୍ଲାଟବେଡ୍ ମେସିନ୍ କୁ ବିଦ୍ୟୁତଚାଳିତ କରାଗଲା ।

(ଗ) ଅର୍ଦ୍ଧ ସ୍ୱୟଂଚାଳିତ ଫ୍ଲାଟବେଡ୍ ମୁଦ୍ରଣଯନ୍ତ୍ର –୧୯୨୦-୩୦ ବେଳକୁ ମୁଦ୍ରଣଯନ୍ତ୍ରରେ ନୂତନତା ଆସିଲା । ଏଥିରେ ହାତରେ ଏକପାଖରେ କାଗଜ ଲଗାଇଦେଲେ ତାହା ସ୍ୱତଃ ଅପରପାର୍ଶ୍ୱରେ ସଜାଡ଼ି ହୋଇ ବାହାରୁଥିଲା ।

(ଘ) ସ୍ୱୟଂଚାଳିତ ମୁଦ୍ରଣଯନ୍ତ୍ର- ଏଥିରେ ଏକ ପକ୍ଷରେ କାଗଜ ରଖିଲେ ତାହା ଛପା ହୋଇ ଅନ୍ୟ ପାଖରେ ଥାକ ହୋଇରହିଯାଏ । ୧୯୫୦ ମସିହାରେ କଟକସ୍ଥ ସରକାରୀ ପ୍ରେସରେ ଏହି ମେସିନ୍ ବସାଗଲା ।

**ମୁଦ୍ରଣ ଯନ୍ତ୍ରଣରେ କମ୍ପୋଜ୍ ମେସିନ୍ ବା ଓଡ଼ିଆ ଅକ୍ଷର ତିଆରି :-**

ଊନବିଂଶ ଶତାବ୍ଦୀବେଳକୁ କଲିକତାରେ ଓଡ଼ିଆ ସୀସା ଅକ୍ଷର ତିଆରି ହେଉଥିଲା । ଓଡ଼ିଶାରେ ଭାଗୀରଥି ଷାଠିଆ ପ୍ରଥମେ କଲିକତାରୁ ଏହା ଶିକ୍ଷା କରିଥିଲେ ଏବଂ ଉତ୍କଳ ଦୀପିକାରେ ଏହି ସୀସା ଅକ୍ଷରରେ ମୁଦ୍ରଣ ହେଉଥିଲା । ଏହାକୁ ଲିଥୋ ପ୍ରଣାଳୀ କୁହାଯାଏ । ଓଡ଼ିଶାରେ ଅକ୍ଷର ନିର୍ମାଣ କ୍ଷେତ୍ରରେ କୃତିବାସ ନନ୍ଦ, କପିଳ ଓ ଗୋପାଳ ଗିରିଙ୍କ ନାମ ସର୍ବାଗ୍ରେ ।

୧୯୨୦-୩୦ବେଳକୁ ଓଡ଼ିଶାରେ ଲାଇନୋମେସିନ୍ ଓ ମନୋମେସିନ୍ ଆରମ୍ଭ ହେଲା । ମାତ୍ର ଓଡ଼ିଆରେ ମନୋମେସିନ୍ ଖଞ୍ଜି ଓଡ଼ିଆ କି ବୋର୍ଡ ମେସିନ୍ ତିଆରି ହୋଇଥିଲା । ୧୯୬୦-୭୦ମସିହାରେ ପୁନଶ୍ଚ 'ଓଡ଼ିଶା ପ୍ରିଣ୍ଟର୍ସ ଆସୋସିଏସନ' ପକ୍ଷରୁ ଶ୍ରୀଧର ମହାପାତ୍ର ଓ ଦିବାକର ମିଶ୍ର ଏକ କି ବୋର୍ଡ ଚାର୍ଟ ତିଆରି କରିଥିଲେ ।

୧୯୮୦-୯୦ ପରଠାରୁ ଏହି ବ୍ୟବସ୍ଥାରେ ବିପୁଳ ପରିବର୍ତ୍ତନ ଦେଖାଦେଇଛି । ଆଜିକାଲି ଘରେଘରେ ଡିଟିପି ବ୍ୟବସ୍ଥା ଅଛି ବହୁତେ ସମସ୍ତଙ୍କୁ ଜଣା । ମୋବାଇଲ ହେଉ ବା କମ୍ପ୍ୟୁଟର ହେଉ ନିଜେ ନିଜେ ମୋବାଇଲ୍ କି'ପ୍ୟାଡ୍ ଓ କମ୍ପ୍ୟୁଟର କି'ବୋର୍ଡ୍ ଧରି ଆକୃତି, ୟୁନିକୋଡ୍ ମାଧ୍ୟମରେ ଟାଇପ୍ କରି ପତ୍ରିକା, ଖବରକାଗଜକୁ ଲେଖାମାନ ଗବେଷକଟିଏ ନିଜେକରି ପଠାଇପାରୁଛି । ପୁନଶ୍ଚ ଖବରକାଗଜଗୁଡ଼ିକ ଇ-ଖବରକାଗଜରେ ରୂପାନ୍ତରୀକରଣ କରିସାରିଲେଣି । ହାର୍ଡ୍‌କପି ଯେଉଁଭଳି ମିଳୁଛି ସେହିପରି ଇ-ପତ୍ରିକା ଖବରକାଗଜରେ ସଫ୍ଟକପିକୁ ପଢ଼ାଯାଇପାରୁଛି । ଅନୁସନ୍ଧାନୀ ବ୍ୟକ୍ତି ନିଜ ପସନ୍ଦ ମୁତାବକବିଷୟ ତଥା ପ୍ରସଙ୍ଗକୁ Screen shot ବା cut paste କରି ନିଜର ଡାଉନ୍‌ଲୋଡ୍ ଫାଇଲ୍ ଗୁଗୁଲଡ୍ରାଇଭ୍‌ରେ ରଖିପାରୁଛି । ପୁରୁଣାର ତଥ୍ୟଗୁଡ଼ିକ ଆଜି ପୂର୍ବପରି ହଜିବାର ଭୟ ନାହିଁ । ସ୍କାନ୍ କରି ସେଗୁଡ଼ିକୁ ସେଭ୍ (save) କରାଯାଇପାରୁଛି । କୌଣସି ଭାଷାକୁ google translation ମାଧ୍ୟମରେ ଅନ୍ୟ ଭାଷାକୁ ରୂପାନ୍ତରୀକରଣ ମଧ୍ୟ କରାଯାଇପାରୁଛି । ଏହିଭଳି ପ୍ରଯୁକ୍ତିବିଦ୍ୟା ଆଜି ଆଉ ସୀମିତ କଳେବର ମଧ୍ୟରେ ନାହିଁ । ତା'ର ବ୍ୟାପ୍ତିକୁ ପ୍ରତ୍ୟେକ ଭାଷା-ସାହିତ୍ୟ ଭଳି ଓଡ଼ିଆ ଭାଷାସାହିତ୍ୟ ମଧ୍ୟ ଉପଯୋଗ କରିପାରୁଛି । ।

**ସହାୟକ ଗ୍ରନ୍ଥସୂଚୀ:-**


୧- ଓଡ଼ିଆ ପ୍ରକାଶନ ଓ ପ୍ରସାରଣର ଇତିହାସ, ଶ୍ରୀଧର ମହାପାତ୍ର ଶର୍ମା, ଗ୍ରନ୍ଥ ମନ୍ଦିର, କଟକ, ୧ମ ସଂସ୍କରଣ, ଜୁନ୍ ୧୯୮୬ ।

୨- ପ୍ରଜାତନ୍ତ୍ର ରଜତ ଜୟନ୍ତୀ ୧୯୭୨, ମୁଖ୍ୟ ସଂପାଦକ- ହରେକୃଷ୍ଣ ମହତାବ(ଓଡ଼ିଆ ବିଭବ ସୌଜନ୍ୟରୁ)

୩- ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର, ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ,

୧ମ ପ୍ରକାଶ, ୨୦୦୦ ।

୪- ସମାଜ ୧୦୦ବର୍ଷ ପୂର୍ତ୍ତି, ବିଶେଷାଙ୍କ ।



**ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ**

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ